ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

ଦିନଲିପି
THE DINALIPI

- Vol.- 46, Issue No. 32
- Sunday, 3 May 2026
- ରବିବାର, ୩ ମଇ ୨୦୨୬
- Bhubaneswar
- Price: Rs. 2.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

- https://www.facebook.com/dinalipilive
- www.youtube.com/@dinalipilive
- https://www.dinalipi.com
- https://www.dinalipiepaper.com
- https://www.dinalipi.in
- twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com

ଏ ବର୍ଷର ମାଟ୍ରିକ ପରୀକ୍ଷାଫଳ

ଛାତ୍ରୀ ଆଗୁଆ

କଟକ, ୨ ।୫(ନିପ୍ର): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଚଳିତ ବର୍ଷର ମାଟ୍ରିକ ପରୀକ୍ଷାଫଳ ଶନିବାର ଅପରାହ୍ନରେ ପ୍ରକାଶ ପାଇଛି । ପରିଷଦର କାର୍ଯ୍ୟାଳୟ ଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ବୋର୍ଡର ସଭାପତି ଶ୍ରୀକାନ୍ତ ତରାଇଙ୍କ ଉପସ୍ଥିତରେ ମାଟ୍ରିକ ପରୀକ୍ଷା ଫଳାଫଳ ଘୋଷଣା କରିଥିଲେ । ଚଳିତ ବର୍ଷ ୫ ଲକ୍ଷ ୩୬ ହଜାର ୩୦୬ ପିଲା ପରୀକ୍ଷା ଦେଇଥିଲେ । ଏମାନଙ୍କ ମଧ୍ୟରୁ ୫ ଲକ୍ଷ ୧୯ ହଜାର ୨୫୧ ଛାତ୍ରଛାତ୍ରୀ ପାସ କରିଛନ୍ତି । ଚଳିତ ବର୍ଷ ପାସ ହାର ୯୫. ୩୩ ପ୍ରତିଶତ ରହିଛି । ୮୩୬୪ ଜଣ ପରୀକ୍ଷାରେ ଅନୁପସ୍ଥିତ ଥିଲେ । ୩୩୧୦ଟି ହାଇସ୍କୁଲରେ ଶତ ପ୍ରତିଶତ ରେଜଲ୍ଟ ହୋଇଛି । ୩ଟି ବିଦ୍ୟାଳୟରେ ପରୀକ୍ଷାଫଳ ଶୂନ ହୋଇଛି । ଶୂନ ଫଳ ହୋଇଥିବା ବିଦ୍ୟାଳୟ ମଧ୍ୟରେ କେନ୍ଦ୍ରାପଡ଼ା, ଢେଙ୍କାନାଳ ଓ ପୁରୀ ଜିଲ୍ଲାର ଗୋଟିଏ ଲେଖାଏଁ ସ୍କୁଲ ରହିଛି । ଚଳିତ ବର୍ଷ ଏ-୧ ଗ୍ରେଡରେ ୨୪୫୬, ଏ୨ଗ୍ରେଡ଼ରେ ୧୫୬୮୧, ବି୧ଗ୍ରେଡ଼ରେ ୪୩୫୬୫, ବି୨-ଗ୍ରେଡ଼ରେ ୮୬୧୦୩ ସି ଗ୍ରେଡ଼ରେ ୧୨୯୮୧୩, ଡି- ଗ୍ରେଡ଼ରେ ୧୪୬୧୫୨, ଇ ଗ୍ରେଡ଼ରେ ୯୫୪୮୧ ଛାତ୍ରୀଛାତ୍ର ପାସ୍ କରିଛନ୍ତି । ଛାତ୍ରୀଙ୍କ ପାସ ହାର ୯୬. ୩୭ ରହିଥିବା ବେଳେ ଛାତ୍ରଙ୍କ ପାସ ହାର ୯୪. ୨୯ ରହିଛି ।

- ପାସ ହାର ୯୫. ୩୩ ପ୍ରତିଶତ
- ଛାତ୍ରୀଙ୍କ ପାସ ହାର ୯୬. ୩୭, ଛାତ୍ରଙ୍କ ୯୪. ୨୯ ପ୍ରତିଶତ
- ଏ-୧ ଗ୍ରେଡରେ ୨୪୫୬ ପାସ
- ୩୩୧୦ ହାଇସ୍କୁଲରେ ଶତ ପ୍ରତିଶତ ଫଳାଫଳ
- ୩ ବିଦ୍ୟାଳୟରେ ପରୀକ୍ଷାଫଳ ଶୂନ
- ଗଜପତିରେ ପାସ ହାର ସର୍ବାଧିକ ୯୯. ୩୧ପ୍ରତିଶତ
- ମଧ୍ୟମା ଓ ମୁକ୍ତ ବିଦ୍ୟାଳୟର ଫଳ ମଧ୍ୟ ପ୍ରକାଶ

ଗଜପତି ଜିଲାରେ ପାସ୍ ହାର ସର୍ବାଧିକ ୯୯. ୩୧ ପ୍ରତିଶତ ଥିବା ବେଳେ କେନ୍ଦୁଝର ଜିଲ୍ଲାରେ ପାସ୍ ହାର ସର୍ବନିମ୍ନ ୯୪. ୩୩ ପ୍ରତିଶତ ରହିଛି । ମଧ୍ୟମା ଓ ମୁକ୍ତ ବିଦ୍ୟାଳୟର ଫଳ ମଧ୍ୟ ପ୍ରକାଶ ପାଇଛି । ୨୯୮୨ ଜଣ ମଧ୍ୟମା ପରୀକ୍ଷା ଦେଇଥିବା ବେଳେ ୨୯୩୧ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି । ପାସ ହାର ରହିଛି ୮୭. ୩ ପ୍ରତିଶତ । ସେହିପରି ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ଦେଇଥିବା ୧୦୦୪୩ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୭୪୦୫ ଜଣ କୃତକାର୍ଯ୍ୟ ହୋଇଛନ୍ତି । ପାସ ହାର ରହିଛି ୫୯. ୮୨ ପ୍ରତିଶତ । ଚଳିତ ବର୍ଷ ରାଜ୍ୟରେ ଫେବୃଆରୀ ୧୯ରୁ ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ମାଟ୍ରିକ ପରୀକ୍ଷା ହୋଇଥିଲା । ସେହିଭଳି ମାର୍ଚ୍ଚ ୧୯ ତାରିଖରୁ ମୂଲ୍ୟାୟନ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପୁସ୍ତିକା ଉନ୍ମୋଚନ କଲେ । ବିଭାଗୀୟ ସଚିବ ଏନ ତିରୁମାଲା ନାୟକ, ଉପସଭାପତି ଅମୂଲ୍ୟ ପ୍ରଧାନ ଓ ପରୀକ୍ଷା ନିୟନ୍ତ୍ରକ ଧରଣୀଧର ପାତ୍ର ଉପସ୍ଥିତ ଥିଲେ । ଆକୃତକାର୍ଯ୍ୟ ହୋଇଥିବା ବା ଅନୁପସ୍ଥିତ ଥିବା ଛାତ୍ରଛାତ୍ରୀ ସପ୍ଲିମେଣ୍ଟାରୀ ପରୀକ୍ଷା ପାଇଁ ଆସନ୍ତା ୮ ତାରିଖରୁ ୧୮ ତାରିଖ ମଧ୍ୟରେ ଫର୍ମ ପୂରଣ କରିପାରିବେ ଓ ଜୁଲାଇ ପ୍ରଥମ ସପ୍ତାହରେ ଏଥିପାଇଁ ପରୀକ୍ଷା ହେବ । ଯେଉଁ ଛାତ୍ରଛାତ୍ରୀ ସେମାନଙ୍କ ପରୀକ୍ଷା ଫଳରେ ଅସନ୍ତୁଷ୍ଟ ଥିବେ ସେମାନେ ରିଆଡିସନ ପାଇଁ ଆସନ୍ତା ସୋମବାରଠାରୁ ଆବେଦନ କରିପାରିବେ । ସେହିପରି ସେମାନେ ସୂଚନା ଅଧିକାର ଆଇନ ବଳରେ ସେମାନଙ୍କ ଉତ୍ତର ଖାତାର ଜେରକ୍ସ କପି ନେଇ ପାରିବେ ବୋଲି ସଭାପତି ଶ୍ରୀ ତରାଇ ସୂଚନା ଦେଇଛନ୍ତି ।

'ସେଲ ବ୍ରଡ଼କାଷ୍ଟ ଆଲର୍ଟ ସିଷ୍ଟମ'ର ପରୀକ୍ଷଣ

ବିପର୍ଯ୍ୟୟରେ ଏଣିକି ମିଳିବ ସୂଚନା



ନୂଆଦିଲ୍ଲୀ, ୨ ।୫: କେନ୍ଦ୍ର ସରକାର ବିପର୍ଯ୍ୟୟ ଏବଂ ଜରୁରୀକାଳୀନ ପରିସ୍ଥିତିରେ ନାଗରିକମାନଙ୍କ ପାଖକୁ ତ୍ୱରିତ୍ ସୂଚନା ପହଞ୍ଚାଇବା ଉଦ୍ଦେଶ୍ୟରେ 'ସେଲ୍ ବ୍ରଡକାଷ୍ଟ ଆଲର୍ଟସିଷ୍ଟମ୍'ର ଶନିବାର ଏଠାରେ ପରୀକ୍ଷା କରିଛି । ଏଥିରେ ସମସ୍ତ ପ୍ରକାରର ମୋବାଇଲ ସ୍କ୍ରିନ୍‌ରେ ଏକ ସମୟରେ ଏକ ମେସେଜ୍ ବକ୍ସରେ ଜରୁରୀକାଳୀନ ବାର୍ତ୍ତା ଦେଖାଯାଏ ଏବଂ ଧ୍ୟାନଆକର୍ଷଣ ପାଇଁ ଏକ ବିଶିଷ୍ଟ ପ୍ରକାରର ବିପ୍ ଧ୍ୱନି ସହ ଭାଇବ୍ରେଟ୍ କରେ । ସଂଯୋଗ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ଏକ କାର୍ଯ୍ୟକ୍ରମରେ ରିମୋଟ୍ ମାଧ୍ୟମରେ ଏହାର ଦେଶବ୍ୟାପୀ ପରୀକ୍ଷାକୁ ସଫଳତାର ସହିତ ସମ୍ପନ୍ନ କରିଥିଲେ । ପରୀକ୍ଷା ସମୟରେ ପ୍ରାୟ ୧୧:୪୫ ବେଳେ ସମଗ୍ର ଦେଶରେ ମୋବାଇଲ୍ ଫୋନଗୁଡ଼ିକରେ ଏକ ସମୟରେ ବିପ୍ ଧ୍ୱନି ସହ ଇମର୍ଜେନ୍ସି ଆଲର୍ଟ ସନ୍ଦେଶ ପ୍ରାପ୍ତ ହୋଇଥିଲା । ସନ୍ଦେଶରେ ସ୍ପଷ୍ଟ କରାଯାଇଥିଲା ଯେ, ଏହା ମାତ୍ର ଏକ ପରୀକ୍ଷା ଓ ସାଧାରଣ ଲୋକଙ୍କୁ କୌଣସି କାର୍ଯ୍ୟ କରିବାର ଆବଶ୍ୟକତା ନାହିଁ ।ଏହି ଆଧୁନିକ ପ୍ରଣାଳୀ ସଂଯୋଗ ମନ୍ତ୍ରାଳୟର ଦୂରସଂଚାର ବିଭାଗ ଦ୍ୱାରା ଜାତୀୟ ବିପର୍ଯ୍ୟୟ ପ୍ରବନ୍ଧନ କର୍ତ୍ତୃପକ୍ଷଙ୍କ ସହଯୋଗରେ ବିକଶିତ କରାଯାଇଛି, ଯାହା ବିପର୍ଯ୍ୟୟ ସମୟରେ ନାଗରିକ ମାନଙ୍କ ପାଖକୁ ଜରୁରୀ ସୂଚନା ସମୟରେ ପହଞ୍ଚିବାକୁ ସୁନିଶ୍ଚିତ କରିବ ।

ସୁଭଦ୍ରା: ବଞ୍ଚିତ ହିତାଧିକାରୀଙ୍କୁ ୪ରେ ସହାୟତା

ଭୁବନେଶ୍ୱର, ୨ ।୫: ଆସନ୍ତା ୪ ତାରିଖରେ ସୁଭଦ୍ରା ଯୋଜନାର ୧,୨୩,୮୪୯ ଜଣ ବଞ୍ଚିତ ହିତାଧିକାରୀଙ୍କୁ ମିଳିବ ସୁଭଦ୍ରା ସହାୟତା । ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଶନିବାର ଏହି ସୂଚନା ଦେଇଛନ୍ତି । ଏହି ଯୋଜନାରେ ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ସରକାରଙ୍କ ତରଫରୁ ୫୦ହଜାର ଟଙ୍କାର ସହାୟତା ରାଶି ଦେବାକୁ ଘୋଷଣା କରାଯାଇଥିଲା । ପୂର୍ବରୁ ସୁଭଦ୍ରାର ୪ଟା କିସ୍ତିରେ ମହିଳାଙ୍କ ବ୍ୟାଙ୍କ ଖାତାକୁ ୫୦୦୦ ହଜାର ଲେଖାଏଁ ଦିଆଯାଇଛି । ପୂର୍ବରୁ ସୁଭଦ୍ରାର ନୂତନ ପଞ୍ଜିକରଣ ତାରିଖ ଘୋଷଣା ହୋଇଥିଲା । ଏପ୍ରିଲ୍ ୧ରୁ ଆରମ୍ଭ ହୋଇଥିବା ନୂତନ ପଞ୍ଜିକରଣ ଅବଧି ଏପ୍ରିଲ୍ ୩୦ରେ ଶେଷ ହୋଇଥିଲା । ଯେଉଁମାନେ କୌଣସି କାରଣରୁ ଆବେଦନ କରି ନଥିଲେ, ସେମାନେ ଆବେଦନ କରିବା ପାଇଁ ସମସସୀମା ଦିଆଯାଇଥିଲା । ମାନଦଣ୍ଡ ଅନୁଯାୟୀ, ଏପ୍ରିଲ ୧, ୨୦୨୬ ସୁଦ୍ଧା ୨୧ ବର୍ଷରୁ ୬୦ ବର୍ଷୀୟ ମହିଳା ସୁଭଦ୍ରାରେ ପଞ୍ଜୀକରଣ କରିପାରିବେ । ପୂର୍ବରୁ ଆବେଦନ କରିଥିବା ମହିଳାଙ୍କ ଆବେଦନ ପୁନଃ ଗ୍ରହଣ କରାଯିବ ନାହିଁ । ଯୋଗ୍ୟ ବିବେଚିତ ହିତାଧିକାରୀଙ୍କୁ ୨୦୨୬-୨୭ ଆର୍ଥିକ ବର୍ଷରୁ ଯୋଜନା ଅବଧି ପର୍ଯ୍ୟନ୍ତ ବାର୍ଷିକ ଦୁଇଟି କିସ୍ତିରେ ମୋଟ ୧୦ ହଜାର ସହାୟତା ପ୍ରଦାନ କରାଯିବ ।

ଦହିବରା ଖାଇ ୨୦ରୁ ଅଧିକ ଅସୁସ୍ଥ

ଯାଜପୁର, ୨ ।୫: ଯାଜପୁର ପାଟପୁର ଅଞ୍ଚଳରେ ଦହିବରା ଖାଇ ୨୦ରୁ ଅଧିକ ଲୋକ ଅସୁସ୍ଥ ହୋଇଛନ୍ତି । ସମସ୍ତ ଅସୁସ୍ଥଙ୍କୁ ଉଦ୍ଧାର କରି ନିକଟସ୍ଥ ମେଡିକାଲରେ ଭର୍ତ୍ତି କରାଯାଇଛି । ସ୍ୱାସ୍ଥ୍ୟ ବିଭାଗ ଘଟଣାର ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି । ପରେ ତୁରନ୍ତ ଅସୁସ୍ଥଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଆହତଙ୍କ ମଧ୍ୟରେ ୪ରୁ ଅଧିକ ଶିଶୁ ଥିବା ସୂଚନା ମିଳିଛି । ତେବେ ଦହିବରା ଖାଇ ଅସୁସ୍ଥ ହେବା ଘଟଣା ପରେ ଜଣଙ୍କ ମୃତ୍ୟୁ ଘଟିଥିବା ବେସରକାରୀ ସୂତ୍ରରୁ ପ୍ରକାଶ । ଘଟଣାସ୍ଥଳକୁ ସ୍ୱାସ୍ଥ୍ୟ ବିଭାଗର ୨ ଟିମ୍ ଯାଇଥିବା ପ୍ରକାଶ ।

ଛତିଶଗଡ଼ରେ ମାଓବାଦୀଙ୍କ ବର୍ବର କାଣ୍ଡ

ଆଇଇଡି ବିସ୍ଫୋରଣ, ୪ ଯବାନ ସହିଦ

କାଙ୍କେର, ୨ ।୫: ଛତିଶଗଡ଼ର କାଙ୍କେର ଏବଂ ନାରାୟଣପୁର ଜିଲ୍ଲାର ସୀମାରେ ଶନିବାର ଡିମାଇନିଂ(ମାଇନ ନିରୋଧୀ) ଅପରେସନ୍ ସମୟରେ ଏକ ଆଇଇଡି ବିସ୍ଫୋରଣ ଘଟିଛି । ବିସ୍ଫୋରଣରେ ୪ ଡିଆରଜି ଯବାନ ସହିଦ ହୋଇଛନ୍ତି । ଜଣେ ପୋଲିସ ଅଧିକାରୀଙ୍କ ସୂଚନାଅନୁଯାୟୀ ଛୋଟେବେଠିଆ ପୋଲିସ ଥାନା ଅଧୀନରେ ଥିବା ଏକ ଜଙ୍ଗଲ ଅଞ୍ଚଳରେ ଏହି ଘଟଣା ଘଟିଥିଲା । ନକ୍ସଲମାନଙ୍କ ଦ୍ୱାରା ଲଗାଯାଇଥିବା ଆଇଇଡିଗୁଡ଼ିକୁ ଚିହ୍ନଟ ଏବଂ ନିଷ୍କ୍ରିୟ କରିବା ପାଇଁ ଏକ ଡିଆରଜି ଟିମ୍ ଲ୍ୟାଣ୍ଡମାଇନ୍ ଡିମାଇନିଂ ଅପରେସନ୍ କରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା । ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଇ ଏହି ଘଟଣାରେ ଦୁଃଖ ପ୍ରକାଶ କରିଛନ୍ତି ଏବଂ ସୋସିଆଲ ମିଡିଆ ସାଇଟ୍ ଏକ୍ସରେ ଏକ ପୋଷ୍ଟ ମାଧ୍ୟମରେ ଏକ ଶୋକ ବାର୍ତ୍ତା ଜାରି କରିଛନ୍ତି । କାଙ୍କେର ଏସପି ନିଖିଲ ରାଖେଚା କହିଛନ୍ତି ଯେ, କାଙ୍କେର ଜିଲ୍ଲାର ଛୋଟେବେଠିଆ ପୋଲିସ ଷ୍ଟେସନ୍ ଅଞ୍ଚଳର କୋରୋସ୍କୋଡା ଅଞ୍ଚଳରେ ଯବାନମାନେ ସନ୍ଧାନ ଏବଂ ଡିମାଇନିଂ କରୁଥିଲେ । ଏହା ନାରାୟଣପୁର ଏବଂ କାଙ୍କେର ମଧ୍ୟରେ ସୀମାବର୍ତ୍ତୀ ଅଞ୍ଚଳ । ଦୁର୍ଘଟଣାଜନିତ ଆଇଇଡି ବିସ୍ଫୋରଣରେ କାଙ୍କେର ଡିଆରଜିର ଚାରି ଜଣ ଯବାନ ଆହତ ହୋଇଥିଲେ । ଇନ୍ସପେକ୍ଟର ସୁଖରାମ ଭଟି, କନଷ୍ଟେବଳ କୃଷ୍ଣ କୋମରା ଏବଂ କନଷ୍ଟେବଳ ସଞ୍ଜୟ ଗଡପାଲେ ଗୁରୁତର ଆହତ ହୋଇ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିଲେ । ଜଣେ ଆହତ ଯବାନ, କନଷ୍ଟେବଳ ପରମାନନ୍ଦ କୋମରାଙ୍କୁ ଉନ୍ନତ ଚିକିତ୍ସା ପାଇଁ ରାୟପୁର ଅଣାଯାଇଥିଲା । ସେଠାରେ ଚିକିତ୍ସା ସମୟରେ ତାଙ୍କର ମଧ୍ୟ ମୃତ୍ୟୁ ହୋଇଥିଲା ।

ଦ୍ୱିତୀୟ ସପ୍ତାହରେ ବାତ୍ୟା ଛକନକା

ମୁକାବିଲା ପାଇଁ ଆମେ ପ୍ରସ୍ତୁତ : ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର, ୨ ।୫(ନିପ୍ର) ସମ୍ଭାବ୍ୟ ବାତ୍ୟା ଆକଳନ ନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି ଯେ, ବାତ୍ୟା, ବନ୍ୟା ଏବଂ ଗ୍ରୀଷ୍ମପ୍ରବାହ ପ୍ରବଣ ରାଜ୍ୟ ହେଉଛି ଓଡ଼ିଶା । ଏପ୍ରିଲ ମାସ ସନ୍ଧ୍ୟାରେ ଝଡ଼ ବି ହୁଏ, ମେ'ରେ ବାତ୍ୟା ହେବା ସମ୍ଭାବନା ଥାଏ । ବନ୍ୟା, ବାତ୍ୟା ଆସିଲେ ମୁକାବିଲା ପାଇଁ ଆମେ ପ୍ରସ୍ତୁତ ଅଛୁ । ବାତ୍ୟା ଆକଳନ କରିଥିବା ଏଜେନ୍ସି ବିଶ୍ୱାସଯୋଗ୍ୟ ନ ହେଲେ ମଧ୍ୟ ଆମେ ପ୍ରସ୍ତୁତ ବୋଲି ସେ କହିଛନ୍ତି । ଏଠାରେ ସୂଚନାଯୋଗ୍ୟ, ଲଘୁଚାପନେଇ ଗ୍ଲୋବାଲ ଫୋରକାଷ୍ଟ ସିଷ୍ଟମ ଆକଳନ କରିଛି । ୧୧ରୁ ୧୫ ତାରିଖ ମଧ୍ୟରେ ଘୂର୍ଣ୍ଣିବଳୟ ସୃଷ୍ଟି ହେବା ସମ୍ଭାବନା ରହିଛି । ଅଧିକ ଘନୀଭୂତ ହୋଇ ସାଇକ୍ଲୋନ ଜେନିସିସର ରୂପ ନେବାର ଆଶଙ୍କା ରହିଛି ।

ଖୁବ୍ ଶୀଘ୍ର ଜମିଜମା ସମ୍ବନ୍ଧୀୟ ଏସ୍ଓପି

ଭୁବନେଶ୍ୱର, ୨ ।୫: ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ସରକାରୀ ଏବଂ ବେସରକାରୀ ଜମିର ରେକର୍ଡିଂ ସମ୍ବନ୍ଧୀୟ ବର୍ତ୍ତମାନ ପ୍ରଚଳିତ ଷ୍ଟାଣ୍ଡାର୍ଡ଼ ଅପରେଟିଙ୍ଗ ପ୍ରୋସିଜିଅର୍ (ଏସଓପି) ପୁସ୍ତିକାମାନଙ୍କର ପୁନର୍ବିଚାର ଓ ସଂଶୋଧନ କରିବା ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି । ରାଜ୍ୟ ସରକାରଙ୍କ ନିଷ୍ପତ୍ତିକ୍ରମେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ସରକାରୀ ଜମି ଏବଂ ରୟତି ଜମି ରେକର୍ଡ଼ କରିବା ପ୍ରଣାଳୀ ନିମନ୍ତେ ସଂଶୋଧିତ ଏସଓପି ଖସଡ଼ା ପ୍ରସ୍ତୁତି ନିମନ୍ତେ ନିର୍ଦ୍ଦେଶ ଜାରି କରିଛନ୍ତି । ଉକ୍ତ ଏସଓପି ପୁସ୍ତିକାଗୁଡ଼ିକର ଶେଷ ସଂସ୍କରଣ ୧୯୯୦ ମସିହାରେ ପ୍ରକାଶିତ ହୋଇଥିଲା । ତେବେ ନୀତି, ନିୟମ ଓ ପ୍ରଶାସନିକ ପରିଚାଳନାରେ ସମୟାନୁକ୍ରମେ ପରିବର୍ତ୍ତନ ଦୃଷ୍ଟିରୁ ଏହାର ସାମଗ୍ରିକ ସଂଶୋଧନ ଆବଶ୍ୟକ ମନେ କରାଯାଇଛି । ଏହି କମିଟିର ଅଧ୍ୟକ୍ଷ ଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଅବସ୍ଥାପିତ ହୋଇଥିବା ବେଳେ ସଦସ୍ୟମାନଙ୍କ ଭିତରେ ଚକବନ୍ଦୀ ଏବଂ ବନ୍ଦୋବସ୍ତର ଅତିରିକ୍ତ ସଚିବ (ସିଏଚ ଆଣ୍ଡ୍ ଏସ), ଜମି ରେକର୍ଡ଼ ଏବଂ ସର୍ଭେ, ଓଡ଼ିଶାର ନିର୍ଦ୍ଦେଶକ (ଡିଏଲଆର୍ ଆଣ୍ଡ୍ ଏସ୍), ରାଜସ୍ୱ ପର୍ଷଦ, ଓଡ଼ିଶାର ସଚିବ ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଯୁଗ୍ମ ଶାସନ ସଦସ୍ୟ-ସଂଯୋଜକ ଭାବେ ରହିବେ । କମିଟିର କାର୍ଯ୍ୟ ପରିସର ଏବଂ ସର୍ତ୍ତାବଳୀ ଅନୁଯାୟୀ, ୧୯୯୦ରେ ଜାରି ହୋଇଥିବା ଏସଓପି ଗୁଡ଼ିକର ସମୀକ୍ଷା, ଏପର୍ଯ୍ୟନ୍ତ ପ୍ରଣୀତ ନୂତନ ଆଇନ, ନିୟମ, ସରକାରୀ ସର୍କୁଲାର୍ ଓ ପରବର୍ତ୍ତୀ ନିର୍ଦ୍ଦେଶଗୁଡ଼ିକର ଆଲୋଚନା ସହ ସରଳ ଓଡ଼ିଆ ଓ ଇଂରାଜୀରେ ନୂତନ ଏସଓପି ଖସଡ଼ା ପ୍ରସ୍ତୁତି କରିବା ନିମନ୍ତେ କମିଟିକୁ ନିର୍ଦ୍ଦେଶ ଜାରି କରାଯାଇଛି । କମିଟିକୁ ଏହି ଆଦେଶ ଜାରି ହେବାର ତାରିଖରୁ ଏକ ମାସ ମଧ୍ୟରେ ସଂଶୋଧିତ ଏସଓପି ପୁସ୍ତିକାର ଖସଡ଼ା ସରକାରଙ୍କ ନିକଟରେ ଅନୁମୋଦନ ପାଇଁ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ଖୁବଶୀଘ୍ର ଆସିଷ୍ଟାଣ୍ଟ ଓ ଆସୋସିଏଟ ପ୍ରଫେସର ନିଯୁକ୍ତି

ଭୁବନେଶ୍ୱର, ୨ ।୫: ଉଚ୍ଚ ଶିକ୍ଷାନୁଷ୍ଠାନରେ ଖୁବଶୀଘ୍ର ନିଯୁକ୍ତି ପାଇବେ ୧୪ ଶହରୁ ଅଧିକ ଆସିଷ୍ଟାଣ୍ଟ ପ୍ରଫେସର ଓ ଆସୋସିଏଟ ପ୍ରଫେସର । ଅଧ୍ୟାପକ ନିଯୁକ୍ତ ପାଇଁ ନେଇ ଏସଏସବି ଅଧୀନରେ ଆଶାୟୀଙ୍କ ପାଇଁ ବିକଳ୍ପ ଚିନ୍ତା କରୁଛନ୍ତି ରାଜ୍ୟ ସରକାର । ୨୦୨୪ରେ ଏସଏସବି ବିଜ୍ଞପ୍ତି ପ୍ରକାଶ କରିଥିଲା । ହେଲେ ଏଯାଏଁ ତାହା କୋର୍ଟରେ ବିଚାରାଧୀନ ଥିବାରୁ ନିଯୁକ୍ତି ପାଇବାରୁ ବଞ୍ଚିତ ହୋଇଛନ୍ତି ପ୍ରାୟ ୫ ହଜାର ଆଶାୟୀ । ଆଡଭୋକେଟ୍ ଜେନେରାଲ କୋର୍ଟରେ କେଶ ଖାରଜ ପାଇଁ ହସ୍ତକ୍ଷେପ କରିବା ପାଇଁ ମଧ୍ୟ ଆଶାୟୀ ଦାବି କରିଥିଲେ । ଶନିବାର ଉଚ୍ଚ ଶିକ୍ଷା ମନ୍ତ୍ରୀ କହିଛନ୍ତି ଏସଏସବି ଦ୍ୱାରା ଅଧ୍ୟାପକ ନିଯୁକ୍ତ ପାଇଁ ସରକାର ବିକଳ୍ପ ଚିନ୍ତା କରୁଛନ୍ତି । ଖୁବ୍ ଶୀଘ୍ର ତାହା ପୂରଣ ହେବ ସହ ଆଗାମୀ ଦିନରେ ବିଭିନ୍ନ କଲେଜ ଏବଂ ବିଶ୍ୱବିଦ୍ୟାଳୟମାନଙ୍କରେ ୧୪ ଶହ ଅଧ୍ୟାପକ ପଦବୀ ପୂରଣ ମଧ୍ୟ ସରକାର କରିବାକୁ ଯାଉଛନ୍ତି ।

ମହାନଦୀ ଜଳ ବିବାଦ: ୩୦ରେ ପରବର୍ତ୍ତୀ ଶୁଣାଣି

କଟକ, ୨ ।୫(ନିପ୍ର): ମହାନଦୀ ଜଳ ବିବାଦର ପରବର୍ତ୍ତୀ ଶୁଣାଣି ଆସନ୍ତା ୩୦ରେ ହେବ । ଟ୍ରିବ୍ୟୁନାଲଙ୍କ ପୂର୍ବ ନିର୍ଦ୍ଦେଶ ଅନୁସାରେ ଓଡ଼ିଶା, ଛତିଶଗଡ ଜଳ ଅମଳି ସଂପର୍କିତ ଯୁଗ୍ମ ସ୍ୱାକ୍ଷରିତ ବିବରଣୀ ଅବଗତ କରାଇଛନ୍ତି । ଆପୋସ ବୁଝାମଣା ନେଇ ବୈଷୟିକ ସ୍ତରରେ ଆଲୋଚନା କଥା ଜଣାଗଲା । ଓଡିଶା ପକ୍ଷରୁ ପକ୍ଷ ରଖିଛନ୍ତି ଏଜି ପୀତାମ୍ବର ଆଚାର୍ଯ୍ୟ । ସେ କହିଛନ୍ତି ଯେ ଜଳ ଅମଳ ପ୍ରସଙ୍ଗ ଜଳ ବଣ୍ଟନର ଆଧାର ହେବ ।

ଏନ୍ଇପି -୨୦୨୦ ଜାତୀୟସ୍ତରୀୟ କର୍ମଶାଳାରେ ମୁଖ୍ୟମନ୍ତ୍ରୀ

'ଜ୍ଞାନର ପେଣ୍ଠସ୍ଥଳୀ' ହେବ ଓଡ଼ିଶା

ଭୁବନେଶ୍ୱର, ୨ ।୫(ନିପ୍ର): ଜାତୀୟ ଶିକ୍ଷା ନୀତି (ଏନଇପି-୨୦୨୦)ର କାର୍ଯ୍ୟାନ୍ୱୟନ ନେଇ ସ୍ଥାନୀୟ କନଭେନସନ ସେଣ୍ଟର ଠାରେ ଆୟୋଜିତ ଦୁଇଦିନିଆ ଜାତୀୟ ସ୍ତରୀୟ କର୍ମଶାଳାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶାର ଶୈକ୍ଷିକ ପରିବେଶରେ ଏକ 'ବୈପ୍ଳବିକ ପରିବର୍ତ୍ତନ'ର ଆହ୍ୱାନ ଦେଇଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓଡ଼ିଶାକୁ ଭାରତର 'ଜ୍ଞାନର ପେଣ୍ଠସ୍ଥଳୀ' ଭାବେ ଗଢ଼ି ତୋଳିବାକୁ ଏକ ଦୂରଦର୍ଶୀ ରୋଡ୍‌ମ୍ୟାପ୍ ଉପସ୍ଥାପନ କରିଛନ୍ତି । କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବହୁବର୍ଷ ଧରି ଶିକ୍ଷା କ୍ଷେତ୍ରରେ ଥିବା ଜଡ଼ତାକୁ ଦୂର କରିବା ଆମ ସରକାରଙ୍କ ପ୍ରାଥମିକତା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମାର୍ଗଦର୍ଶନରେ ପ୍ରଣୀତ ଏହି ଶିକ୍ଷା ନୀତି କେବଳ ଏକ ସରକାରୀ ଦସ୍ତାବିଜ୍ ନୁହେଁ, ବରଂ ଏହା ଭାରତକୁ ବିଶ୍ୱର 'ନଲେଜ୍ କ୍ୟାପିଟାଲ୍' ଭାବେ ପ୍ରତିଷ୍ଠିତ କରିବାର ଏକ ମହତ ମିଶନ । ଶିକ୍ଷା କେବଳ ପୁସ୍ତକଗତ ଜ୍ଞାନ ନୁହେଁ, ବରଂ ଏହା ମାନବ ସଭ୍ୟତାର ପ୍ରଗତିର ମୂଳଦୁଆ । ଆମ ପିଲାମାନେ ଯେପରି 'ଇଣ୍ଡଷ୍ଟ୍ରି ରେଡି ' ହେବେ ଏବଂ ବିଶ୍ୱସ୍ତରରେ ପ୍ରତିଯୋଗିତା କରିପାରିବେ, ସେଥିପାଇଁ ଆମେ ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଶିକ୍ଷାକୁ ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା ଭାବେ ଦର୍ଶାଇ ଚଳିତ ୨୦୨୫-୨୬ ଆର୍ଥିକ ବର୍ଷରେ ଶିକ୍ଷା କ୍ଷେତ୍ର ପାଇଁ ୪୧,୨୭୩ କୋଟି ଟଙ୍କାର ଏକ ବିଶାଳ ପାଣ୍ଠି ବ୍ୟୟବରାଦ କରାଯାଇଛି । ମୁଖ୍ୟମନ୍ତ୍ରୀଙ୍କ ମତରେ, ଏହି ପୁଞ୍ଜି ବିନିଯୋଗ ଓଡ଼ିଶାର ଯୁବପିଢ଼ିଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଏକ ମଜଭୁତ ମୂଳଦୁଆ ସଦୃଶ ହେବ । ଏହି ପଦକ୍ଷେପ ମାଧ୍ୟମରେ ରାଜ୍ୟର ଶିକ୍ଷା ଭିତ୍ତିଭୂମିକୁ ବିଶ୍ୱସ୍ତରୀୟ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି । ଓଡ଼ିଆ ଅସ୍ମିତାକୁ ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରିବା ଏବଂ ମାତୃଭାଷାରେ ଶିକ୍ଷାଦାନକୁ ପ୍ରୋତ୍ସାହିତ କରିବା ପାଇଁ ସରକାର ଅଭିନବ ପ୍ରୟାସ କରିଛନ୍ତି । ବୈଷୟିକ ଏବଂ ଉଚ୍ଚଶିକ୍ଷା ପାଠ୍ୟକ୍ରମକୁ ଓଡ଼ିଆ ଭାଷାରେ ପ୍ରଚଳନ କରିବା ପାଇଁ ରାଜ୍ୟ ସରକାର ଇଗ୍ନୋ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୁଝାମଣା ପତ୍ର ସ୍ୱାକ୍ଷର କରିଛନ୍ତି । କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ, ଓଡ଼ିଶାର ପ୍ରାୟ ୭୦ ପ୍ରତିଶତ ଜନସଂଖ୍ୟା ୪୪ ବର୍ଷ ବୟସ ମଧ୍ୟରେ, ଯାହା ନବସୃଜନ ପାଇଁ ଏକ ବିରାଟ ସୁଯୋଗ । ଶିକ୍ଷା ଏବେ କେବଳ ଡିଗ୍ରୀ ମଧ୍ୟରେ ସୀମିତ ନାହିଁ, ବରଂ ଏହା ଦକ୍ଷତା ବୃଦ୍ଧିର ମାଧ୍ୟମ ପାଲଟିଛି । ଓଡ଼ିଶାର ବର୍ତ୍ତମାନର ଜିଇଆର ୨୩ ପ୍ରତିଶତ ଥିବାବେଳେ, ୨୦୩୬ ସୁଦ୍ଧା ଏହାକୁ ଜାତୀୟ ହାର (୨୯%) ଠାରୁ ଅଧିକ କରିବାକୁ ସେ ଆହ୍ୱାନ ଦେଇଛନ୍ତି । ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ କର୍ମଶାଳା କେବଳ ଏକ ଆଲୋଚନା ଚକ୍ର ନୁହେଁ, ବରଂ ଏହା ବିକଶିତ ଓଡ଼ିଶା ଗଠନ ପାଇଁ ଏକ 'ଚିନ୍ତନ ଶିବିର' । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଯୁବପିଢ଼ି ଓ ଛାତ୍ରୀମାନଙ୍କ ସଶକ୍ତିକରଣ ପାଇଁ ମୁଖ୍ୟମନ୍ତ୍ରୀ ଇର୍ଣ୍ଣନ୍‌ସିପ୍ ନିର୍ଦ୍ଦେଶିକା ପୁସ୍ତକ ଉନ୍ମୋଚନ କରିବା ସହ 'ଶକ୍ତିଶ୍ରୀ' ମୋବାଇଲ୍ ଆପ୍‌ର ଉଦ୍‌ଘାଟନ କରିଛନ୍ତି ।

- ଶୈକ୍ଷିକ ପରିବେଶରେ 'ବୈପ୍ଳବିକ ପରିବର୍ତ୍ତନ'ର ଆହ୍ୱାନ
- 'ଶକ୍ତିଶ୍ରୀ' ଆପ୍ ଲୋକାର୍ପିତ
- ଦକ୍ଷତା ବୃଦ୍ଧିର ମାଧ୍ୟମ ପାଲଟିଛି ଶିକ୍ଷା : ଧର୍ମେନ୍ଦ୍ର ପ୍ରଧାନ

ଶାନ୍ତି ଓ ସଦ୍‌ଭାବର ରାସ୍ତା

ଜୀବନ ପ୍ରକୃତି ସହିତ ସମନ୍ୱୟରେ ଥାଏ

ଏକ ସୁନ୍ଦର ପୃଥିବୀର ସ୍ୱପ୍ନ ହେଉଛି, ଏପରି ଏକ ପୃଥିବୀ ଯେଉଁଠାରେ ସମସ୍ତେ ଶାନ୍ତିରେ ବାସ କରନ୍ତି, ସମସ୍ତଙ୍କର ମୌଳିକ ଅଧିକାର ସୁନିଶ୍ଚିତ, ଏବଂ ଜୀବନ ପ୍ରକୃତି ସହିତ ସମନ୍ୱୟରେ ଥାଏ। ଏହି ପୃଥିବୀ ଦାରିଦ୍ର୍ୟ, ଯୁଦ୍ଧ, ଅନ୍ୟାୟ କିମ୍ବା ଅସମାନତାରୁ ମୁକ୍ତ। ଏପରି ଏକ ବିଶ୍ୱରେ, ପ୍ରତ୍ୟେକ ପିଲା ଶିକ୍ଷା ପାଇବାର ସୁଯୋଗ ପାଇପାରିବେ, ସମସ୍ତେ ଭୟ ବିନା ନିଜକୁ ପ୍ରକାଶ କରିପାରିବେ, ପରିବେଶ ସୁରକ୍ଷିତ ହୋଇପାରିବ ଏବଂ ମାନବିକ ମୂଲ୍ୟବୋଧକୁ ପ୍ରାଥମିକତା ଦିଆଯାଇ ପାରିବ । କିନ୍ତୁ ଯେତେବେଳେ ଆମେ ଏହି ସୁନ୍ଦର ପୃଥିବୀର ସ୍ୱପ୍ନ ଦେଖୁଛୁ, ଏବଂ ଆମେ ଏକ ସୃଷ୍ଟି କରିବା ପୂର୍ବରୁ, ଆମକୁ ଆଜି ଆମେ ସମ୍ମୁଖୀନ ହେଉଥିବା ସମସ୍ୟାଗୁଡ଼ିକୁ ବୁଝିବାକୁ ପଡିବ। ସେଗୁଡ଼ିକ ମଧ୍ୟରେ ଅସହିଷ୍ଣୁତା ଏବଂ ଘୃଣା ହେଉଛି ମୁଖ୍ୟ ଯାହା ବୃଦ୍ଧି ପାଉଛି, ଯେପରିକି ଧାର୍ମିକ, ଜାତି ଏବଂ ରାଜନୈତିକ ପାର୍ଥକ୍ୟ ଉପରେ ଆଧାରିତ ଦ୍ୱନ୍ଦ୍ୱ। ବର୍ତ୍ତମାନ ପରିବେଶ ବିନାଶର ଦ୍ୱାରଦେଶରେ। ଜଙ୍ଗଲ କ୍ଷୟ, ପ୍ରଦୂଷଣ ଏବଂ ଜଳବାୟୁ ପରିବର୍ତ୍ତନ ବିଶ୍ୱକୁ ବିପଦରେ ପକାଇଛି। ଆର୍ଥିକ ଅସମାନତା ବଢୁଛି, ଧନୀ ଏବଂ ଗରିବଙ୍କ ମଧ୍ୟରେ ପାର୍ଥକ୍ୟ ବୃଦ୍ଧି ପାଉଛି। ନୈତିକ ମୂଲ୍ୟବୋଧ ହ୍ରାସ ପାଉଛି, ଏବଂ ସ୍ୱାର୍ଥପରତା ଏବଂ ଅନୈତିକତା ବୃଦ୍ଧି ପାଉଛି। ଏହି ସମସ୍ୟାଗୁଡ଼ିକର ସମାଧାନ କରି ହିଁ ଆମେ ଏକ ସୁନ୍ଦର ବିଶ୍ୱ ସୃଷ୍ଟି କରିପାରିବା।

ସହିଷ୍ଣୁତା: ମାନବତାର ମୌଳିକ ଭିତ୍ତିଭୂମି

ଆଜିର ବିଶ୍ୱ ଏକ ଅଭୂତ ପର୍ଯ୍ୟାୟ ଦେଇ ଗତି କରୁଛି। ଗୋଟିଏ ପଟେ, ମାନବଜାତି ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାରେ ପ୍ରଚଣ୍ଡ ଅଗ୍ରଗତି ସହିତ ପ୍ରଗତି କରୁଛି, ଅନ୍ୟପଟେ ଆମେ ଅସହିଷ୍ଣୁତା, ଘୃଣା, ପରିବେଶଗତ ଅବକ୍ଷୟ ଏବଂ ମାନବିକ ମୂଲ୍ୟବୋଧର ଅବନତି ଘଟି ଚାଲିଛି । ଏପରି ପରିସ୍ଥିତିରେ, ସହନଶୀଳତା ଏବଂ ସୌନ୍ଦର୍ଯ୍ୟ ଭରା ସ୍ୱପ୍ନର ଦୁନିଆ ଏକ ଗୁରୁତ୍ୱପୂର୍ଣ୍ଣ ଦୃଷ୍ଟିକୋଣ ଭାବରେ ଉଭା ହୁଏ। ଏହା କେବଳ ଏକ କଳ୍ପନା ନୁହେଁ, ବରଂ ଏକ ଲକ୍ଷ୍ୟ ଯାହା ପ୍ରତ୍ୟେକ ବ୍ୟକ୍ତି ନିଜ ଜୀବନରେ ହାସଲ କରିପାରିବେ। ସହିଷ୍ଣୁତା ଅର୍ଥ ଅନ୍ୟମାନଙ୍କ ମତ, ଧର୍ମ, ଭାଷା, ସଂସ୍କୃତି ଏବଂ ଜୀବନଶୈଳୀକୁ ସମ୍ମାନ କରିବା। ଏହା ମାନବତାର ମୌଳିକ ଭିତ୍ତିଭୂମି। ଯଦି ଏକ ସମାଜରେ ସହିଷ୍ଣୁତା ଥାଏ, ତେବେ ଘୃଣା ଏବଂ ବିଭାଜନ ପାଇଁ କୌଣସି ସ୍ଥାନ ନାହିଁ। ଏକ ସହିଷ୍ଣୁ ଦୃଷ୍ଟିକୋଣ ଲୋକଙ୍କୁ ଏକତ୍ର କରେ, ଶାନ୍ତି ଏବଂ ସମୃଦ୍ଧିର ପଥ ପ୍ରଶସ୍ତ କରେ। ଆଜିର ସମାଜରେ, ଆମେ ପ୍ରାୟତଃ ଲୋକଙ୍କୁ ସାମାନ୍ୟ ପ୍ରସଙ୍ଗ ଉପରେ ମଧ୍ୟ ପ୍ରତିବାଦ କରୁଥିବାର ଦେଖୁ। ଏହାର ପ୍ରକୃତ କାରଣ ହେଉଛି ସହିଷ୍ଣୁତାର ଅଭାବ। ଯଦି ସମସ୍ତେ ଅନ୍ୟମାନଙ୍କର ପାର୍ଥକ୍ୟକୁ ଗ୍ରହଣ କରିବାକୁ ଶିଖନ୍ତି, ତେବେ ସମାଜରେ ଶାନ୍ତି ଏବଂ ସଭାବ ବୃଦ୍ଧି ପାଇବ।

ଏକ ସହିଷ୍ଣୁ ଦୃଷ୍ଟିକୋଣ ଲୋକଙ୍କୁ ଏକତ୍ର କରେ, ଶାନ୍ତି ଏବଂ ସମୃଦ୍ଧିର ପଥ ପ୍ରଶସ୍ତ କରେ। ଆଜିର ସମାଜରେ, ଆମେ ପ୍ରାୟତଃ ଲୋକଙ୍କୁ ସାମାନ୍ୟ ପ୍ରସଙ୍ଗ ଉପରେ ମଧ୍ୟ ପ୍ରତିବାଦ କରୁଥିବାର ଦେଖୁ। ଏହାର ପ୍ରକୃତ କାରଣ ହେଉଛି ସହିଷ୍ଣୁତାର ଅଭାବ। ଯଦି ସମସ୍ତେ ଅନ୍ୟମାନଙ୍କର ପାର୍ଥକ୍ୟକୁ ଗ୍ରହଣ କରିବାକୁ ଶିଖନ୍ତି, ତେବେ ସମାଜରେ ଶାନ୍ତି ଏବଂ ସଭାବ ବୃଦ୍ଧି ପାଇବ।



ପ୍ରେମ ଓ ଦୟା ମାନବତାର ମୌଳିକ ଶକ୍ତି

ଏକ ସହିଷ୍ଣୁ ବିଶ୍ୱ ଗଠନ କରିବାର ପ୍ରମୁଖ ଉପାୟଗୁଡ଼ିକ ଉପରେ ନଜର ପକାଇବା। ଏହି ପ୍ରୟାସରେ ପ୍ରାଥମିକ ଶିକ୍ଷା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଶିକ୍ଷା ସଚେତନତା ସୃଷ୍ଟି କରେ। ଶିକ୍ଷା ମାଧ୍ୟମରେ ସହନଶୀଳତା, ସମ୍ମାନ ଏବଂ ମାନବିକତାର ମୂଲ୍ୟବୋଧ ଶିକ୍ଷା ଦେବା ଆବଶ୍ୟକ। ଯଦି ପିଲାମାନଙ୍କୁ ଛୋଟ ବୟସରୁ ଏହି ଗୁଣଗୁଡ଼ିକ ଶିକ୍ଷା ଦିଆଯାଏ, ତେବେ ସେମାନେ ଭବିଷ୍ୟତରେ ଭଲ ନାଗରିକ ହୋଇପାରିବେ। ସମାଜରେ ପାର୍ଥକ୍ୟ ସ୍ୱାଭାବିକ, କିନ୍ତୁ ସେମାନଙ୍କୁ ହିଂସାରେ ପରିଣତ ହେବାକୁ ଦେବା ଠିକ୍ ନୁହେଁ। ସୂଚନା ଏବଂ ଆଲୋଚନା ମାଧ୍ୟମରେ ସମସ୍ୟାଗୁଡ଼ିକର ସମାଧାନ ହେବା ଉଚିତ। ଏକ ସୁନ୍ଦର ବିଶ୍ୱ ପାଇଁ ପରିବେଶ ସୁରକ୍ଷା ଅତ୍ୟାବଶ୍ୟକ। ବୃକ୍ଷରୋପଣ, ପ୍ଲାଷ୍ଟିକ୍ ବ୍ୟବହାର ହ୍ରାସ କରିବା ଏବଂ ପ୍ରକୃତିକୁ ସୁରକ୍ଷା ଦେବା ଆମର କର୍ତ୍ତବ୍ୟ। ସମସ୍ତଙ୍କ ପାଖରେ ସମାନ ସୁଯୋଗ ରହିବା ଉଚିତ। ଜାତି, ଧର୍ମ ଏବଂ ଶ୍ରେଣୀ ଆଧାରରେ ଭେଦଭାବ ହ୍ରାସ କରିବା ଆବଶ୍ୟକ। ପ୍ରେମ ଏବଂ ଦୟା ମାନବତାର ମୌଳିକ ଶକ୍ତି। ଯଦି ଆମେ ଅନ୍ୟମାନଙ୍କୁ ସାହାଯ୍ୟ ଏବଂ ପ୍ରେମ କରିବା ଶିଖିବୁ, ତେବେ ବିଶ୍ୱ ଆହୁରି ସୁନ୍ଦର ସ୍ଥାନ ହୋଇଯିବ। ଯୁବକମାନେ ଭବିଷ୍ୟତର ମୁଖ୍ୟ ଅଂଶ । ଯଦି ସେମାନେ ସଠିକ୍ ଦିଗରେ ଅଗ୍ରସର ହୁଅନ୍ତି, ତେବେ ସେମାନେ ସମାଜରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିପାରିବେ। ସେମାନେ ସହନଶୀଳତା, ସତ୍ୟ ଏବଂ ନ୍ୟାୟର ମୂଲ୍ୟବୋଧକୁ ଗ୍ରହଣ କରି ଏକ ନୂତନ ବିଶ୍ୱ ସୃଷ୍ଟି କରିପାରିବେ। ଆଜିର ସମୟରେ ପ୍ରଯୁକ୍ତିବିଦ୍ୟା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ଆମେ ସାମାଜିକ ଗଣମାଧ୍ୟମ ଏବଂ ଇଣ୍ଟରନେଟ୍ ମାଧ୍ୟମରେ ସମଗ୍ର ବିଶ୍ୱ ସହିତ ସଂଯୋଗ କରି ପାରୁଛନ୍ତି । ଯଦି ଏହାକୁ ସଠିକ୍ ଭାବରେ ବ୍ୟବହାର କରାଯାଏ, ତେବେ ଏହା ସହନଶୀଳତା ଏବଂ ଜ୍ଞାନ ବିସ୍ତାର କରିବାରେ ସାହାଯ୍ୟ କରିପାରିବ। ଭାରତ ଏକ ବିବିଧ ଦେଶ, ଅନେକ ଧର୍ମ, ଭାଷା ଏବଂ ସଂସ୍କୃତିର ଘର। 'ବସୁଧୈବ କୁଟୁମ୍ବକମ' ର ଧାରଣା ଭାରତୀୟ ସଂସ୍କୃତିର ମୂଳରେ ଅଛି। ଏହା ସମଗ୍ର ବିଶ୍ୱକୁ ସହନଶୀଳତା ଏବଂ ଏକତା ବିଷୟରେ ଶିକ୍ଷା ଦେଇପାରେ। ସହନଶୀଳତା ଏବଂ ସୁନ୍ଦର ସ୍ୱପ୍ନର ଏକ ଦୁନିଆ କେବଳ ଏକ କଳ୍ପନା ନୁହେଁ; ଏହା ଆମ ହସ୍ତଗତ ଏକ ବାସ୍ତବ ସମ୍ଭାବନା। ଏହାକୁ ହାସଲ କରିବା ପାଇଁ, ଆମକୁ ଆମର ଚିନ୍ତାଧାରା ଏବଂ ଆଚରଣରେ ପରିବର୍ତ୍ତନ କରିବାକୁ ପଡିବ। ଯଦି ସମସ୍ତେ ଛୋଟ ଛୋଟ ପଦକ୍ଷେପ ନିଅନ୍ତି, ସହନଶୀଳ ହୁଅନ୍ତି, ପ୍ରେମ ବିସ୍ତାର କରନ୍ତି ଏବଂ ପରିବେଶକୁ ସୁରକ୍ଷା ଦିଅନ୍ତି, ତେବେ ଏମିତି ଦିନ ଆସିବ ଆମର ସ୍ୱପ୍ନର ସେହି ସୁନ୍ଦର ଦୁନିଆ ନିଶ୍ଚିତ ଭାବରେ ସୃଷ୍ଟି ହେବ ଏବଂ ସେହି ଦୁନିଆରେ କୌଣସି ଘୃଣା, ଭୟ ରହିବ ନାହିଁ, କେବଳ ଶାନ୍ତି, ପ୍ରେମ ଏବଂ ମାନବିକତା ହିଁ ରହିବ।

-ଡକ୍ଟର ଅମୂଲ୍ୟ କୁମାର ପଣ୍ଡା
ମୋ - ୮୨୪୯୫୦୨୭୭୬

ପିଲାବେଳ ପାଠ୍ୟଗଳ୍ପ

ପିଲାବେଳ କଥା ସବୁ ମନେ ପଡେ। ବାସ୍ତବରେ ପିଲାବେଳର ପାଠ୍ୟ ଗଳ୍ପ କେବଳ ଗପ ନ ଥିଲା। ସେ ଥିଲା ଶିକ୍ଷଣୀୟ ବିଷୟ। ବିଷୟଟି ଏହିପରି : ଜଙ୍ଗଲରେ ଏକ ସିଂହ ଦମ୍ପତି ରହିଥିଲେ, ସିଂହୀ ନିକଟରେ ପିଲା ଜନ୍ମ କରିଥାଏ, ଶିକାରକୁ ଯାଇ ପାରୁ ନ ଥାଏ, ଏଣେ କ୍ଷୁଧାର୍ତ୍ତ ନିଜେ ରହିବା ସହ ତାର ଶିଶୁଙ୍କୁ ଆଧାର ଦେବା ସମସ୍ୟା, ନିରାପତ୍ତା ଦୃଷ୍ଟିରୁ ବାସସ୍ଥାନ ଛାଡ଼ି ଯାଇପାରୁନଥାଏ। ସିଂହ ଶିକାରକୁ ଦିନେ ଗଲା, ବହୁବେଳ ଅନ୍ୱେଷଣ କରି ଶିକାର ନ ପାଇ ବିଫଳରେ ଫେରୁଥିବାବେଳେ ଏକ ଶୃଗାଳ ଶାବକ ପଥରେ ଥିବା ଦେଖି ତାକୁ ନ ଖାଇ ସ୍ୱମୁଖରେ ସାବଧାନରେ ଧରି ଜୀବନ୍ତରେ, ସିଂହୀକୁ ଦେଇ ଆଜି କିଛି ବି ଶିକାର ମିଳିଲା ନାହିଁ, ଏହି ଶୃଗାଳ ଶିଶୁରେ ଆଜିର କାମ ଚଳାଅ, ସଦ୍ୟ ପ୍ରସୂତୀ ସିଂହୀ ତାର ପିଲାଙ୍କ ପରି ଶୃଗାଳ ଶିଶୁକୁ ଅପତ୍ୟ ସ୍ନେହରେ ଦେଖି ତାକୁ ନ ମାରି ଭକ୍ଷଣ ନ କରି ତାର ପିଲାଙ୍କ ସହ ଲାଳନପାଳନ କଲା। ନିଜର ଶିଶୁଙ୍କ ସହ ସ୍ତନ୍ୟପାନ କରାଇ ତାକୁ ସୁସ୍ଥ ଶବଳ କରାଇଲା। ତାର ପିଲାମାନଙ୍କୁ ଏ ତାଙ୍କର ବଡ଼ ଭାଇ ବୋଲି ପରିଚୟ କରାଇଲା। ସିଂହ ଶାବକମାନେ ଜ୍ୟେଷ୍ଠର ସମ୍ମାନ ଦେଇ ସମୟ ଖେଳକୁଦରେ କଟାଉଥିଲେ।

ଏକଦିନ ଏକ ହାତୀ ସିଂହ ଶାବକଙ୍କ ଦୃଷ୍ଟିଗୋଚର ହେଲା। ସେମାନେ ହାତୀଟିକୁ ଆକ୍ରମଣ କରି ଶିକାର ପାଇଁ ଧାବିତ ହେବା ସହ ବଡ଼ଭାଇ ଧାଇଁ ଆସି ଶିକାର କରିବା, ଭଲ ଖାଦ୍ୟ ଖାଇବା କିନ୍ତୁ ଶୃଗାଳ ପିଲା କହିଲା ଆରେ ପଳେଇ ଆସ ସେ ଶୁଣ୍ଢରେ ଧରି ପାଦରେ ଚାପିଦେଲେ ପ୍ରାଣ ଚାଲିଯିବ। ସିଂହ ପିଲାମାନେ ଫେରି ଆସି ନିଜ ମାଆକୁ ସେହି ଘଟଣାର ବିବରଣୀ ପ୍ରଦାନ କଲେ। କହିଲେ ବଡ଼ଭାଇ ଟିକେ ସହଯୋଗ କରିଥିଲେ ଆମର କି ଭୋଜନ ଆନନ୍ଦ ହୋଇଥାନ୍ତା । କିନ୍ତୁ ସେ ଆମର ମନ ଭାଙ୍ଗିଦେଲେ। ସିଂହୀ ସବୁ ଶୁଣି ଶୃଗାଳ ପିଲାକୁ କହିଲେ ରେ ପୁଅ ସେମାନେ ସିଂହ ବଚା ସେ ତାଙ୍କର ଶିକାର କରିବା ଭଙ୍ଗୀ ଉଦ୍ରେକ କଲେଣି। ତୋତେ ସେମାନେ ଶୃଗାଳ ବୋଲି ପରିଚୟ ପାଇନାହାନ୍ତି, ଅତଏବ ଏଇ ଜଙ୍ଗଲରେ ତୋର ଜାତି ଭାଇଙ୍କ ପାଖକୁ ତୁ ଶୀଘ୍ର ଫେରିଯା। ନହେଲେ ଅନେକ ଅଘଟଣ ତୋ ପାଇଁ ଆସିବ। ଶୃଗାଳଟି ତାର ଗୋତ୍ର ସୁମରଣରେ ସିଂହ ପିଲାଙ୍କ ଗହଣରୁ ଚାଲି ଯାଇଥଲା।

ସିଂହୀ ତାର ପିଲାମାନଙ୍କୁ ଭିନ୍ନ ପ୍ରକାରର ବୋଧ କରାଇ ଦେଇ ଶାନ୍ତ କରାଇଥିଲା। ଶିକ୍ଷା ସଂସ୍କାର ଦ୍ୱାରା ଅନେକ କିଛି ପରିବର୍ତ୍ତନ ହେଲେ ବି ମୌଳିକ ବଂଶଗତ ଗୁଣ କିଛି ଜଟିଳ ସମାଧାନ ସମୟରେ ଉଦ୍ରେକ ହୁଏ।

- ଅଜୟ କୁମାର ବେହେରା
କଟକ, ଦୂରଭାଷ : ୯୪୩୭୧୦୩୧୨୫୩

ଲିଭର ଚର୍ବି କମ୍ କରିବେ କେମିତି ?

ଆମ ଶରୀର ସବୁଠୁ ବ୍ୟସ୍ତ ଅଙ୍ଗ ହେଉଛି ଆମ ଲିଭର ବା ଯକୃତ । ଦିନରାତି ଏହା ଆମ ଶରୀରୁ ବିଷାକ୍ତ ପଦାର୍ଥ ବାହାର କରେ, ଖାଦ୍ୟ ହଜମ କରାଏ, ଏବଂ ଶକ୍ତି ସଞ୍ଚୟ କରେ। କିନ୍ତୁ ଆଜିକାଲିର ଜୀବନଶୈଳୀ, ଫାଷ୍ଟଫୁଡ୍, ମଦ ଏବଂ ଅତ୍ୟଧିକ ଚିନି ଖାଇବା ଯୋଗୁଁ 'ଫ୍ୟାଟି ଲିଭର' ସମସ୍ୟା ଘରେ ଘରେ ଦେଖାଦେଲାଣି। ଯଦି ଚାହୁଁଛନ୍ତି ଲିଭରକୁ ହସୁଥିବା ଲିଭର କରିବାକୁ, ତେବେ ଆପଣଙ୍କ ପ୍ଲେଟରୁ ହିଁ ପରିବର୍ତ୍ତନ ଆରମ୍ଭ କରନ୍ତୁ।

ଏସବୁଠାରୁ ଦୂରେଇ ରୁହନ୍ତୁ

ଚିନି ଭରା ପାନୀୟ: ସୋଡା, ପ୍ୟାକେଟ୍ ଫଳରସ। ଏଥିରେ ଥିବା ଫ୍ରୁକ୍ଟୋଜ୍ ସିଧା ଲିଭରେ ଚର୍ବି ଭାବେ ଜମା ହୁଏ। ଧଳା ବ୍ରେଡ୍, ମଇଦା, ବିସ୍କୁଟ: ରିଫାଇନ୍ କାର୍ବୋହାଇଡ୍ରେଟ୍ ରକ୍ତରେ ଶର୍କରା ବଢ଼ାଏ ଏବଂ ଲିଭର ଉପରେ ଚାପ ପକାଏ। ମିଠା, ଚକୋଲେଟ୍, କ୍ୟାଣ୍ଡି: ଅତ୍ୟଧିକ ଚିନି ଲିଭରରେ ଚର୍ବିର କାରଣ ସାଜେ। ଫାଷ୍ଟ ଫୁଡ୍, ପ୍ରକ୍ରିୟାକୃତ (ପ୍ରୋସେସଡ୍) ମାଂସ: ବର୍ଗର, ଫ୍ରେଞ୍ଚ ଫ୍ରାଇ, ସସେଜ୍। ଏଥିରେ ଟ୍ରାନ୍ସ ଫ୍ୟାଟ୍ ଏବଂ ପ୍ରିଜରଭେଟିଭ୍ ଲିଭର ପାଇଁ ବିଷ ସମାନ। ମଦ: ଲିଭର ନଷ୍ଟ ହେବାର ସବୁଠୁ ବଡ଼ କାରଣ ମଦ। ଅଳ୍ପ ମଧ୍ୟ ବିପଦଜନକ। ତେଣୁ ଯାହା ଯାହା ଲିଭରର ବନ୍ଧୁ, ତାହାକୁ ଆପଣାନ୍ତୁ।

କଫି ଓ ଗ୍ରୀନ୍ ଟି: ଗବେଷଣା କହୁଛି କଫି ଫ୍ୟାଟି ଲିଭର ରୋଗର ବିପଦ କମାଏ। ଗ୍ରୀନ୍-ଟି ରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଲିଭରକୁ ସୁରକ୍ଷା ଦିଏ। ଦହି, ଅଣ୍ଡା: ଭଲ ପ୍ରୋଟିନ୍ ଲିଭର କୋଷର ମରାମତି କରେ। ମାଛ, ଡାଲିକାତୀୟ ଖାଦ୍ୟ: ଓମେଗା-୩ ଏବଂ ଫାଇବର ଲିଭରରେ ଜମିଥିବା ଚର୍ବି କମାଇବାରେ ସାହାଯ୍ୟ କରେ। ଲେମ୍ବୁ, ତୁଳସୀ: ଏସବୁ ଲିଭରକୁ ଡିଟକ୍ସ କରିବାରେ ସାହାଯ୍ୟ କରେ ଏବଂ ହଜମ ଶକ୍ତି ବଢ଼ାଏ। ମନେରଖନ୍ତୁ, ଲିଭର ନିଜେ ନିଜକୁ ଠିକ୍ କରିପାରେ, କେବଳ ତାକୁ ଟିକେ ସୁଯୋଗ ଦରକାର। ସଠିକ୍ ଖାଦ୍ୟ, ନିୟମିତ ବ୍ୟାୟାମ ଏବଂ ପର୍ଯ୍ୟାପ୍ତ ପାଣି ପିଇଲେ ଅସୁସ୍ଥ ଲିଭର ବି ହସିଉଠିବ । ଲିଭରକୁ ଭଲ ପାଆନ୍ତୁ, କାରଣ ଏହା ହିଁ ଆପଣଙ୍କୁ ସୁସ୍ଥ ରଖେ। ଏହି ସୂଚନା ସଚେତନନା ପାଇଁ, ଲିଭର ସମସ୍ୟା ସମାଧାନ ପାଇଁ ବିଶେଷଜ୍ଞ ବା ଡାକ୍ତରଙ୍କ ପରାମର୍ଶ ହିଁ ଗ୍ରହଣୀୟ।

(କାଞ୍ଚ, କପିଳେଶ୍ୱର,ଭୁବନେଶ୍ୱର-୨)

ସଫଳତାର ମାର୍ଗ

ଭକ୍ତି, ଜ୍ଞାନ, ବୈରାଗ୍ୟ, ସଦାଚାର, ନିଷ୍କାମ କର୍ମ ଏବଂ ମହିମା ସହିତ ଯଜ୍ଞ, ଦାନ, ତପ, ତୀର୍ଥ ଆଦି ଶୁଭକର୍ମରେ ସର୍ବସାଧାରଣଙ୍କୁ ପ୍ରବୃତ୍ତ କରିବା ପାଇଁ ଅନେକ ଲୌକିକ ଏବଂ ପାରଲୌକିକ ଫଳର ବର୍ଣ୍ଣନା କରାଯାଇଛି।

ଗରୁଡ ପୁରାଣ ବୈଷ୍ଣବ ସମ୍ପ୍ରଦାୟ ସମ୍ବନ୍ଧିତ ଏକ ମହାପୁରାଣ। ଏହା ସନାତନ ଧର୍ମରେ ମୃତ୍ୟୁ ପରେ ସଦ୍‌ଗତି ପ୍ରଦାନ କରିଥାଏ ବୋଲି କୁହାଯାଏ। ତେଣୁ କରି ସନାତନ ହିନ୍ଦୁ ଧର୍ମରେ ଗରୁଡ ପୁରାଣ ଶୁଣିବାର ନିୟମ ରହିଛି। ଏହି ପୁରାଣର ଅଧିଷ୍ଠାତା ଦେବତା ଭଗବାନ ବିଷ୍ଣୁ ରହିଛନ୍ତି। ତେଣୁ ଭକ୍ତି, ଜ୍ଞାନ, ବୈରାଗ୍ୟ, ସଦାଚାର, ନିଷ୍କାମ କର୍ମ ଏବଂ ମହିମା ସହିତ ଯଜ୍ଞ, ଦାନ, ତପ, ତୀର୍ଥ ଆଦି ଶୁଭକର୍ମରେ ସର୍ବସାଧାରଣଙ୍କୁ ପ୍ରବୃତ୍ତ କରିବା ପାଇଁ ଅନେକ ଲୌକିକ ଏବଂ ପରଲୌକିକ ଫଳର ବର୍ଣ୍ଣନା କରାଯାଇଛି। ଏହି ପୁରାଣରେ କେଉଁ କର୍ମ ବ୍ୟକ୍ତି ଜୀବନରେ ଦାରିଦ୍ର୍ୟ ଆଣିଥାଏ ଓ କେଉଁ କର୍ମ ସୁଖ ସୌଭାଗ୍ୟ ଆଣିଥାଏ, ତାହା ବର୍ଣ୍ଣନା କରାଯାଇଛି। କୁହାଯାଏ ଯେଉଁ ବ୍ୟକ୍ତି ନିୟମିତ ଭାବେ ଏହି କାର୍ଯ୍ୟ କରିଥାଏ, ସେମାନଙ୍କ ଦିନ ଶୁଭ ହେବା ସହିତ ପ୍ରତି କାମରେ ସଫଳତା ମିଳିଥାଏ ।

ଉପକାରୀ ଉପଦେଶ

ସ୍ନାନ କରିବା: ଗରୁଡ ପୁରାଣ ଅନୁଯାୟୀ ମନୁଷ୍ୟକୁ ସବୁଦିନ ଶୀଘ୍ର ଉଠି ସ୍ନାନ କରିବା ଉଚିତ । ଯେଉଁ ବ୍ୟକ୍ତି ପ୍ରତିଦିନ ସକାଳୁ ସ୍ନାନ କରିଥାଏ, ତାଙ୍କର ପୂରା ଦିନ ଶକ୍ତିରେ ଭରପୂର ରହିଥାନ୍ତି।

ଦାନ କରିବା : ଜୀବନରେ ଦାନର ବହୁତ ମହତ୍ତ୍ୱ ରହିଥାଏ । ଗରୁଡ ପୁରାଣ ଅନୁଯାୟୀ ପ୍ରତି ବ୍ୟକ୍ତିକୁ ନିଜର ଶ୍ରଦ୍ଧା ଓ ସାମର୍ଥ୍ୟ ଅନୁଯାୟୀ ପ୍ରତି ଦିନ କିଛି ନା କିଛି ଦାନ କରିବା କଥା । ଯେଉଁ ବ୍ୟକ୍ତି ଏମିତି କରିଥାଏ ତାଙ୍କ ଘରେ କେବେ ଧନଧାନ୍ୟରେ ଅଭାବ ରହିନଥାଏ। **ଯଜ୍ଞ ଓ ଦୀପ ଜଳାଇବା:** ପ୍ରତିଦିନ ଯଜ୍ଞ କରିବା ଦ୍ୱାରା ଆପଣଙ୍କ ଆଖ ପାଖରେ ଥିବା ନକାରାତ୍ମକ ଶକ୍ତି ନଷ୍ଟ ହୋଇଥାଏ । ଯଦି ସବୁଦିନ ଯଜ୍ଞ କରିବା ସମ୍ଭବ ହୋଇନଥାଏ, ତେବେ ତୁଳସୀ ଗଛ ଓ ଭଗବାନଙ୍କ ସାମ୍ନାରେ ଦୀପ ଅବଶ୍ୟ ଜଳାନ୍ତୁ । ଘରେ ସୁଖ ଶାନ୍ତି ବୃଦ୍ଧି ପାଇବ ।

ଜପ କରିବା: ଗରୁଡ ପୁରାଣ ଅନୁଯାୟୀ, ଦିନଚର୍ଯ୍ୟାରେ ୫ ଆବଶ୍ୟକ କାର୍ଯ୍ୟରେ ଜପ ସାମିଲ ରହିଛି । ଆପଣ ପ୍ରତିଦିନ ଅତି କମ୍‌ରେ ଏକ ମନ୍ତ୍ର ଜପ କରନ୍ତୁ । କାରଣ ଶ୍ରଦ୍ଧା ଓ ବିଶ୍ୱାସ ସହ କରାଯାଉଥିବା ଜପ ଭଗବାନଙ୍କୁ ପ୍ରାପ୍ତ ହୋଇଥାଏ । **ଦେବ ପୂଜନ:** ପ୍ରତିଦିନ ସକାଳେ ସ୍ନାନ କରିବା ପରେ ଭଗବାନଙ୍କୁ ପୂଜା ପାଠ କରିବା ଦରକାର ।

୨୧୦ଙ୍କୁ ନୂତନ ଭତ୍ତା ବଣ୍ଟନ

ଡାବୁଗାଁ,(ନିପ୍ର): ଡାବୁଗାଁ ବ୍ଲକ ପରିସର ମଧ୍ୟରେ ଡାବୁଗାଁ ବିଧାୟକଙ୍କ ଉପସ୍ଥିତିରେ ଡାବୁଗାଁ ବ୍ଲକର ୧୨ଗୋଟି ପଂଚାୟତର ୨୧୦ ଜଣଙ୍କୁ ନୂତନ ଭାବରେ ଭତ୍ତା ବଣ୍ଟନ କରାଯାଇଥିଲା ।ଏହି ଅବସରରେ ଡାବୁଗାଁ ବିଧାୟକ ମୋନହର ରନ୍ଧାରୀ ମୁଖ୍ୟ ଅତିଥି ଭାବରେ ଆଜିର କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଉପସ୍ଥିତ ଥିଲେ ଡାବୁଗାଁ ବ୍ଲକ ଅଧକ୍ଷା ସମେତ ଡାବୁଗାଁ ବ୍ଲକ ଉପାଧକ୍ଷ ସଦାନନ୍ଦ ନାୟକ ଡାବୁଗାଁ ବିଜେଡି

ବ୍ଲକ ସଭାପତି ସୁରେନ୍ଦ୍ର ମିଶ୍ର, ସାଂସଦ ପ୍ରତିନିଧି ଜେ ରାଜ ଶେଖର ରାଓ, ଜି କିରନ କୁମାର, ବିଜେପି ବ୍ଲକ ମଣ୍ଡଳ ସାଭପତି ମନୋଜ ପାତ୍ର,ଜିଲ୍ଲା ପରିଷଦ ସଭ୍ୟ ଧନସିଂ ଭତ୍ରା, କଂଗ୍ରସ ବ୍ଲକ ସାଭପତି ଜି ସାଇ ରାଜୁ, ବିଜେଡି ବରିଷ୍ଠ ନେତା ଏମ ଆପା ରାଓ ସମେତ ସମସ୍ତ ସମିତି ସଭ୍ୟା, ସରପଞ୍ଚ ଏବଂ ହିତାଧିକାରୀମାନେ। ଆଜିର କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିଲେ ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ଯତୀନ ପାଣିଗ୍ରାହୀ ତାଙ୍କୁ ସହଯୋଗ କରିଥିଲେ ବ୍ଲକ କର୍ମଚାରୀ ମାନେ ଏବଂ ସମସ୍ତ ପଞ୍ଚାୟତରୁ ଆସିଥିବା ସରକାରୀ କର୍ମଚାରୀମାନେ।

କାଳ ବୈଶାଖୀ ପ୍ରଭାବରେ ବ୍ୟାପକ କ୍ଷତି

ଭାପୁର,(ନିପ୍ର): ଭାପୁର ବ୍ଲକରେ ହୋଇଥିବା କାଳ ବୈଶାଖୀ ପ୍ରଭାବରେ ବ୍ୟାପକ କ୍ଷତି ହୋଇଛି। ଭୀଷଣ ପବନ ସାଙ୍ଗକୁ ବର୍ଷା ଜନଜୀବନ ଅସ୍ତବ୍ୟସ୍ତ କରି ପକେଇଥିଲା। କଚ୍ଚା ଘର ଭାଙ୍ଗିବା ସହିତ ବଡ଼ବଡ଼ ଗଛ ଭାଙ୍ଗି ରାସ୍ତା ଅବରୋଧ ହୋଇଥିଲା। ବିଶେଷକରି, ବିଦ୍ୟୁତ ସରବାରହ ସମ୍ପୂର୍ଣ୍ଣ ୩୦ ଘଣ୍ଟା ରୁ ଉର୍ଦ୍ଧ ସମୟ ଧରି ଠପ ହୋଇଥିଲା ଅର୍ଥାତ ଶୁକ୍ରବାର ସନ୍ଧ୍ୟା ସମୟରେ ଆଂଶିକ ବିଦ୍ୟୁତ ସରବରାହ ହୋଇଥିଲା । ଭାପୁର ବ୍ଲକ ର ବିଜିପୁର, ଫତେଗଡ଼,ରାକମା କଇଁଫୁଲିଆ, ଭାପୁର, ପଥରଚକଡା,ଶାଳପଡା, ଧାନଚାଙ୍ଗଡ଼ା ପଞ୍ଚାୟତ ଆଦି ବିଭିନ୍ନ ଗ୍ରାମରେ କାଳବୈଶାଖୀ ପ୍ରଭାବରେ ବ୍ୟାପକ କ୍ଷତି ହୋଇଥିବା ଜଣାପଡିଛି।

ଚିଲିକା ଗାନ୍ଧୀଙ୍କ ଜୟନ୍ତୀ

କୃଷ୍ଣପ୍ରସାଦ,(ନିପ୍ର): ପୁରୀ ଜିଲ୍ଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକର ତିତିପ ଚାରିଛକ ବଜାର ଠାରେ ସ୍ଥାନୀୟ ଅଞ୍ଚଳରେ ଚିଲିକା ଗାନ୍ଧୀ ଭାବେ ପରିଚିତ ସ୍ୱର୍ଗତ ଉଦୟ ନାଥ ଜେନାଙ୍କ ୧୨୩ ତମ ଜୟନ୍ତୀ ଉତ୍ସବ ଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି । ଶ୍ରୀ ଶ୍ରୀ କମଳେଶ୍ୱର ଦେବ ୩୫ ମୌଜା ପରିଚାଳନା କମିଟି ପକ୍ଷରୁ ଏହା ଆୟୋଜନ ହୋଇଥିଲା । ଅତିଥିମାନେ ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ ପରିଚାଳନା କମିଟି ସଭାପତି ସୁରେନ୍ଦ୍ର ନାଥ ମାଝୀଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଆୟୋଜନ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ପୁରୀ ସାଂସଦ ଡ଼ଃ ସମ୍ବିତ ପାତ୍ର, ମୁଖ୍ୟ ବକ୍ତା ଭାବେ ଜିଲ୍ଲା ପରିଷଦ ଲକ୍ଷ୍ମୀଧର ସାହୁ ଯୋଗଦେଇଥିଲେ । ଏଥିରେ ୩୫ ମୌଜା ପରିଚାଳନା କମିଟିର ସମସ୍ତ ସଦସ୍ୟ, ସ୍ଥାନୀୟ ଜନସାଧାରଣ, ବୁଦ୍ଧିଜୀବୀ,ଛାତ୍ରଛାତ୍ରୀ ମାନେ ଅଂଶ ଗ୍ରହଣ କରିଥିଲେ । ଏହି ଅବସରରେ ଅଞ୍ଚଳର ଯୁବ ପ୍ରତିଭା କୃଷ୍ଣପ୍ରସାଦ ଗଡ଼ ଦଳବେହେରା ସାହି ଗ୍ରାମର ଭରାତଲୀଳା ଦ୍ୱାରି ଭୂମିକାରେ ଅଭିନୟ କରୁଥିବା କୁନା ପ୍ରଧାନଙ୍କୁ କମିଟି ପକ୍ଷରୁ ମାନପତ୍ର ପ୍ରଦାନ କରି ସାଂସଦ ସମ୍ବର୍ଦ୍ଧିତ କରିଥିଲେ ।

ନାରୀ ଶକ୍ତି ବନ୍ଦନ ଅଧିନିୟମ ସଚେତନତା

ଭବାନୀପାଟଣା,(ନି.ପ୍ର): ସ୍ଥାନୀୟ ଜୟ ପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କୁ ନେଇ ନାରୀ ଶକ୍ତି ବନ୍ଦନ ଅଧିନିୟମ ସଚେତନତା ଓ ଆଲୋଚନା ଚକ୍ର କାର୍ଯ୍ୟକ୍ରମ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷ ପରମେଶ୍ୱର ମୁଣ୍ଡ ସଭାପତିତ୍ୱ କରିଥିବା ବେଳେ ଭବାନୀପାଟଣା ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ତଥା ଶିକ୍ଷାବିତ୍ ଡ. ଅଜୟ କୁମାର ମିଶ୍ର ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ନାରୀ ଶକ୍ତି ବନ୍ଦନ ଅଧିନିୟମ-୨୦୨୬ ବିଷୟରେ ଆଲୋଚନା କରିବା ସହ ଛାତ୍ରଛାତ୍ରୀମାନଙ୍କ ସହିତ ବିଭିନ୍ନ ଭାବାଗତ ଚିନ୍ତନର ଆଦାନ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ନାରୀ ବନ୍ଦନ ଅଧିନିୟମକୁ ଜନ ମାନଷକୁ ଆଣିବା ସହ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ପ୍ରାୟୋଜିତ ଶକ୍ତିଶ୍ରୀ ମହିଳା ସଶକ୍ତିକରଣ କାର୍ଯ୍ୟକ୍ରମ ମହିଳାମାନଙ୍କୁ ଆହୁରି ସଶକ୍ତ କରିବା ସହ ବିକଶିତ ଓଡ଼ିଶା ଓ ଭାରତ ସ୍ୱପ୍ନରେ ସହଯୋଗ କରିବ। ଏହି ସଚେତନତା ଓ ଆଲୋଚନା ଚକ୍ରରେ ସମୁଦାୟ ୭୬ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିବା ବେଳେ ଅଧ୍ୟାପକ ଶୁଭେନ୍ଦୁ କୁମାର ପାଢୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ତଥା ଏନ୍.ଏସ୍.ଏସ୍. କାର୍ଯ୍ୟକ୍ରମ ଅଧିକାରୀ ପ୍ରତାପ ଚନ୍ଦ୍ର ଦାଶ ଏହାର ପରିଚାଳନା କରିଥିଲେ।

ହାଇୱା ଧକ୍କାରେ ସ୍କୁଟି ଗୁଣ୍ଡ

ତିଗିରିଆ,(ନିପ୍ର): ପାଞ୍ଚଗାଁ ହନୁମାନ ମନ୍ଦିର ନିକଟରେ ନିବାସ ବେହେରା ସ୍କୁଟି ଉପରେ ବସିଥିବା ବେଳେ ହାଇୱା ଦ୍ରୁତ ବେଗରେ ଆସି ସ୍କୁଟିକୁ ଧକ୍କା ଦେଇଥିଲା । ସ୍କୁଟି ଆରୋହୀ ବାମ ପଟକୁ ପଡ଼ି ଯିବାରୁ ସାମାନ୍ୟ ଆହତ ହୋଇଥିବା ବେଳେ ସ୍କୁଟିଟି ଚୁରମାର୍ ହୋଇଯାଇଛି । ସ୍ଥାନୀୟ ଲୋକେ ହାଇୱା ଚାଳକକୁ ଅଟକ ରଖିଛନ୍ତି । ପ୍ରଶାସନ କୁମ୍ଭ ନିଦ୍ରାରେ ଯାଇଥିବାରୁ ପ୍ରତ୍ୟହ ଛୋଟ ବଡ଼ ଦୁର୍ଘଟଣା ଘଟୁଛି ଏ ଅଞ୍ଚଳରେ। ଅନେକ ଚାଳକ ମଦ୍ୟ ପାନ କରି ଗାଡ଼ି ଚଳାଉଛନ୍ତି ବୋଲି ସାଧାରଣରେ ଆଲୋଚନା ହେଉଛି ।

ଭଦ୍ରକ ବୈଶାଖୀ ମେଳାର ଷଷ୍ଠ ସନ୍ଧ୍ୟା

ଖାଦ୍ୟ ସଂସ୍କୃତି ଜୀବନଶୈଳୀର ମୂଳଦୁଆ

ଭଦ୍ରକ,(ନିପ୍ର):ସ୍ଥାନୀୟ ନେହେରୁ ଷ୍ଟାଡିୟମ୍ ପରିସରରେ ଚାଲିଥିବା ସର୍ବପ୍ରଥମ 'ବୈଶାଖୀ ମେଳା-୨୦୨୬'ର ଷଷ୍ଠସନ୍ଧ୍ୟା ଗତକାଲି ଅତ୍ୟନ୍ତ ଆଡ଼ମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭଦ୍ରକର ସମୃଦ୍ଧ ପାରମ୍ପରିକ ଖାଦ୍ୟ ସଂସ୍କୃତି ଓ ପର୍ବପର୍ବାଣିକୁ ନେଇ ଏକ ସାରଗର୍ଭକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଡାକ୍ତର ରବୀନ୍ଦ୍ର କୁମାର ନାୟକ ସଭାପତିତ୍ୱ ଅଭିଭାଷଣରେ ସେ କହିଥିଲେ ଯେ, ଖାଦ୍ୟ ଓ ପର୍ବପର୍ବାଣି କେବଳ ପରମ୍ପରା ନୁହେଁ, ବରଂ ଏହା ଆମ ଜୀବନଶୈଳୀ ଓ ସ୍ୱାସ୍ଥ୍ୟର ମୂଳଦୁଆ। ଭଦ୍ରକର ପାରମ୍ପରିକ ପିଠାପଣା ଓ ଓଷାବ୍ରତ ମଧ୍ୟରେ ଏକ ବୈଜ୍ଞାନିକ ଦୃଷ୍ଟିକୋଣ ରହିଛି ବୋଲି ସେ ମତ ପ୍ରକାଶ କରିଥିଲେ। ଶିକ୍ଷାବିତ୍ ନିତ୍ୟାନନ୍ଦ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ଆଧୁନିକତା ମଧ୍ୟରେ ଆମେ ଆମର ମୂଳ ସଂସ୍କୃତିକୁ ଭୁଲିଯିବା ଉଚିତ୍ ନୁହେଁ। ବୈଶାଖୀ ମେଳା ଭଳି ଆୟୋଜନ ଆମର ଲୁପ୍ତପ୍ରାୟ ଖାଦ୍ୟ ସଂସ୍କୃତିକୁ ନୂତନ ପିଢ଼ି ପାଖରେ ପହଞ୍ଚାଇବାରେ ଏକ ସେତୁ ସଦୃଶ। ଡକ୍ଟର ପ୍ରଫୁଲ୍ଲ କୁମାର ସାହୁ, ଓ ଶିକ୍ଷବିତ ରବିନାରାୟଣ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ଭଦ୍ରକର ଐତିହାସିକ ଓ ସାଂସ୍କୃତିକ ପୃଷ୍ଠଭୂମି ଉପରେ ଚମତ୍କାର ତଥ୍ୟ ରଖିଥିଲେ। ସେ କହିଲେ ଯେ, ଭଦ୍ରକର ଭାତୃଭାବ ଓ ସାମ୍ପ୍ରଦାୟିକ ସଦ୍ଭାବ ଆମ ପର୍ବପର୍ବାଣିକୁ ଅଧିକ ସମୃଦ୍ଧ କରିଛି। ଭଦ୍ରକର ପାଲୁଅ ଲଡୁ ଠାରୁ ଆରମ୍ଭ କରି ପ୍ରସିଦ୍ଧ ପିଠାପଣା ପର୍ଯ୍ୟନ୍ତ ସବୁଥିରେ ଏହି ମାଟିର ବାସ୍ନା ରହିଛି ।ଅନ୍ୟମାନଙ୍କ ମଧ୍ୟରେ ସଭାପତି ଅଜୟ ନାୟକ, ସମ୍ପାଦକ ଗଦାଧର ବାଳ, ସୀତାକାନ୍ତ ଦାସ, ଗୌରାଙ୍ଗ ବାରିକ, ନାରାୟଣ ପାଢ଼ୀ, ଶାନ୍ତିଲତା ବାରିକ, ରାଜଶ୍ରୀ ନାୟକ, କାଳନ୍ଦୀ ମାଲିକ, ମିନତୀ ବାରିକ, ପଦ୍ମାନ ରାୟ, ସୁଧାକର ରାଉତ, ଇଂ ଅମ୍ବିକା ବଲ୍ଲଭ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଅଧିବକ୍ତା ମନୋରଞ୍ଜନ ଦାସ ମଞ୍ଚ ଆହ୍ୱାନ କରିବା ସହ ଅତିଥିମାନଙ୍କୁ ଆମନ୍ତ୍ରଣ କରିଥିଲେ। ବାବୁଲାଲ ଦାସ ସ୍ୱାଗତ ଭାଷଣ ପ୍ରଦାନ କରି ମେଳାର ଆଭିମୁଖ୍ୟ ଓ ସାଂସ୍କୃତିକ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଶିକ୍ଷାବିତ୍ ମଦନମୋହନ ନାୟକ ସମସ୍ତ ଅତିଥି, ସ୍ୱେଚ୍ଛାସେବୀ ଓ ଜନସାଧାରଣଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ 'ବନ୍ଦେ ମାତରଂ କଲଚୁରାଲ୍ ଆସୋସିଏସନ୍'ର କଳାକାରମାନଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ରଙ୍ଗାରଙ୍ଗ କାର୍ଯ୍ୟକ୍ରମକୁ ହଜାର ହଜାର ଦର୍ଶକ ଉପଭୋଗ କରିଥିଲେ।

ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଚାଷୀଙ୍କୁ ପ୍ରାଇସ୍, ପେନ୍‌ସନ୍ ଦାବି

ପାରଳାଖେମୁଣ୍ଡି,(ନିପ୍ର): ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଉପଲକ୍ଷେ ଏପ୍ରିଲ୍ ୨୮ ରୁ ମେ' ୧୪ ପର୍ଯ୍ୟନ୍ତ କୃଷକ ସ୍ୱାଭିମାନ ଦିବସରେ ଯାତ୍ରା କରାଯାଉଛି। ତୃତୀୟ ଦିନରେ ଗୋଷାଣି ବ୍ଲକ ଅନ୍ତର୍ଗତ ଉପଲତା ଡ ନିୟନ୍ତ୍ରିତ ବଜାର କମିଟି ପରିସରରେ ଏକ ସାଧାରଣ ସଭା ହୋଇଥିଲା । ଏଥିରେ କୃଷକଙ୍କ ଗଣତାନ୍ତ୍ରିକ ଅଧିକାର ତଥା ସାମ୍ବିଧାନିକ ମୂଲ୍ୟକୁ କିଭଳି ଆଜିର ଡବଲ ଇଞ୍ଜିନ ସରକାର ଦଳିଚକଟି ଧ୍ୱସ୍ତ କରୁଛନ୍ତି ତାର ଉଦାହରଣ ଉପସ୍ଥାପନ କରି ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି ନବ ନିର୍ମାଣ କୃଷକ ସଂଗଠନର ରାଷ୍ଟ୍ରୀୟ ସଂଯୋଜ ଅକ୍ଷୟ କୁମାର ଓ ବହୁ ଚାଷୀ ।

ଗତ ମାର୍ଚ୍ଚ ୨୨ରୁ କେନ୍ଦୁଝର ଘଟଗାଁରୁ ରାଜଧାନୀ ଭୁବନେଶ୍ୱର ଅଭିମୁଖେ ଚାଲିଥିବା କୃଷକ ଏକତା ପଦଯାତ୍ରାକୁ ଚାଷୀଙ୍କୁ ପ୍ରାଇସ୍, ପେନସନ୍ ଦାବି ସହିତ ମୂଳ ଅଧିବାସୀର ଜଳ ଜମି, ଜଙ୍ଗଲ ଓ ଖଣି ଉପରେ ତାର ଅଧିକାରକୁ ସାବ୍ୟସ୍ତ କରିବା ସହିତ ୨୧ ଦଫା ସମ୍ବଳିତ ଦାବିକୁ ନେଇ ଭୁବନେଶ୍ୱରରେ ମାର୍ଚ୍ଚ ୩୧ ତାରିଖରେ ସମାବେଶ ପାଇଁ ପହଞ୍ଚିବା ପୂର୍ବରୁ ମାର୍ଚ୍ଚ ୩୦ ତାରିଖରେ ଫୁଲନଖରାରେ ରାଷ୍ଟ୍ରୀୟ ଚାଷୀ ନେତା ଟିକାୟତ ଓ ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାରଙ୍କ ସମେତ ୭ଶହ ଚାଷୀଙ୍କୁ ଗିରଫ କରାଯାଇଥିଲା । ପରେ ରାକେଶ ଟିକାୟତ ଓ ଅନ୍ୟମାନଙ୍କୁ ଛାଡ଼ି କେନ୍ଦୁଝରେ ଦିଆଯାଇଥିଲା । କିନ୍ତୁ ଅକ୍ଷୟ କୁମାରଙ୍କ ସମେତ ୧୩ ଜଣଙ୍କୁ ଗିରଫ କରି ମିଥ୍ୟା ମାମଲାରେ ଫସାଇ ବିଭିନ୍ନ ଧାରା ଲଗାଇ ଚୌହାର ଜେଲକୁ ପଠାଇ ଦିଆଯାଇଥିଲା । ୧୫ ଦିନ ଜେଲରେ ରହି ଏପ୍ରିଲ୍ ୧୩ରେ ଜାମିନରେ ଆସିଥିଲେ।।

ସାଧାରଣ ସଭାରେ ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାରଙ୍କ ସମେତ ରାଜ୍ୟ ସହସଂଯୋଜକ ରଶ୍ମିରଂଜନ ସ୍ୱାଇଁ, ଉପଦେଷ୍ଟା ଡ. କୂଳମଣି, ଯୁବ ଛାତ୍ର ସଂଗଠନର ରାଜ୍ୟ ସଂ ସଂଯୋଜକ ଏସ୍ ଟି ପଓ୍ୱର, ସଂଗଠନର ଗଜପତି ଜିଲ୍ଲା ଜିଲ୍ଲା ପ୍ରଭାରୀ ପ୍ର ରଣଜିତ ପଟ୍ଟନାୟକ ଓ ସଂଗଠକ ପ୍ରଭାତ ମହାଲିକ ବକ୍ତବ୍ୟ ରଖିଥିଲେ । ଜିଲ୍ଲା ସଂଗଠନର ଗୋଷାଣି ଜିଲ୍ଲା ପରିଷଦ ସଦସ୍ୟ ଏସ୍.ବାଲାରାଜୁ, ପି ତିରୁପତି, ପି. ଇଚ୍ଛାୟା, ଦାମ ରାଓ, ବସନ୍ତି ନାୟକ, ଦଣ୍ଡାସି ଖଣ୍ଡୁଆଳ, ଦାଶରଥି ଚମ୍ପତି, କୌଳାସ ବାରିକ, କେ ସୀତାପୁରୁ ରପିତାମ୍ବର ନିଳମଣି ବାରିକ, ପ୍ରକାଶ ପ୍ରଧାନ, ବି. ବାସୁଦେବ ଓ ଏସ୍ ମୋହନଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ ।

କୃଷ୍ଣପ୍ରସାଦ : କାଳ ସାଜିଲା କାଳ ବୈଶାଖୀ

କୃଷ୍ଣପ୍ରସାଦ,(ନି ପ୍ର): ପୁରୀଜିଲ୍ଲା କୃଷ୍ଣପ୍ରସାଦ ବ୍ଲକରେ କାଳ ରାତ୍ରିରେ କାଳ ସାଜିଲା କାଳ ବୈଶାଖୀ। ପ୍ରଚଣ୍ଡ ଶବ୍ଦ କରି ବଜ୍ରାଘାତ ସାଙ୍ଗକୁ ଖୁବ ଜୋରରେ ତୋଫାନ ହୋଇଥିଲା। ରାତ୍ରୀ ୧୦ ଟାରୁ ଝିପି ଝିପି ବର୍ଷା, ବିଜୁଳି,ପବନ ଲୋକଙ୍କ ଆଖିରୁ ନିଦ ହଜାଇ ଦେଇଥିବା ବେଳେ ମଧ ରାତ୍ରିରେ ରଚିଲା ତାଣ୍ଡବ। ମାଲୁଦରୁ କୃଷ୍ଣପ୍ରସାଦ ଏବଂ ମାଲୁଦରୁ ମୋରଡା ଦେଇ ଜହ୍ନିକୁଦା ଯାଏଁ ରାସ୍ତାରେ ବଡ ବଡ ଗଛ ଭାଙ୍ଗି ପଡିଛି ଯାହା କିଛି

ବର୍ଷ ପରେ ମନେ ପକାଇଛି ଫାଇଲିନ ବାତ୍ୟା। ବର୍ତ୍ତମାନ ବ୍ଲକ ମୁଖ୍ୟ କାର୍ଯ୍ୟାଳୟ, ଏବଂ ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟ ପୁରୀ ଯାତାୟତ ରାସ୍ତା ଠପ୍ ହୋଇଛି। ସେହିଭଳି ବାଲୁଗାଁ ଠାରୁ କୃଷ୍ଣପ୍ରସାଦ ଯାତାୟତ କରୁଥିବା ଲଞ୍ଚ ବନ୍ଦ ହୋଇଥିବା ବେଳେ ସାତପଡ଼ା ଜହ୍ନିକୁଦାକୁ ଯାତାୟତ କରୁଥିବା ଭସାପୋଲ ଚଳାଚଳକୁ ବନ୍ଦ କରାଯାଇଛି। ଯାହାଦ୍ୱାରା କୃଷ୍ଣପ୍ରସାଦ ଅଂଚଳବାସୀ ବାହ୍ୟଜଗତ ଯାତାୟତରୁ ବିଛିର୍ଣ୍ଣ ହୋଇଛି। ସେହିଭଳି କୃଷ୍ଣପ୍ରସାଦ ବ୍ଲକ ବୁଦ୍ଧିବର ଗ୍ରାମ ପଞ୍ଚାୟତ ପ୍ରଧାନଗାଁରେ ଏକ ବିରାଟକାୟ ବରଗଛ ଉପୁଡି ଗୋଟିଏ ଛାତ ଘର, ଚାଳ ଛପର ଘର, ଗୋଟିଏ କ୍ୟାବିନ ଭାଙ୍ଗି ପଡିଛି। ବଜ୍ରାଘାତ ଯୋଗୁଁ ପ୍ରଧାନଗାଁର ଗୋଟିଏ ଛାତ ଘର କାନ୍ଥ ଭାଙ୍ଗି ଯାଇଥିବା ଜଣାଯାଇଛି। ଖବର ପାଇ କୃଷ୍ଣପ୍ରସାଦ ଥାନା ଆରକ୍ଷୀ ନିରୀକ୍ଷକ ଘଟଣା ସ୍ଥଳରେ ପହଞ୍ଚି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ପୋଲିସର ଏଭଳି କାର୍ଯ୍ୟକୁ ଜନସାଧାରଣରେ ପ୍ରଶଂସା କରାଯାଇଛି। ଗଛ ପଡି ପ୍ରଧାନ ଗାଁ ର ବଂଶୀଧର ପ୍ରଧାନ, ପ୍ରଭାତ କୁମାର ପ୍ରଧାନ, ମେଘନାଦ ପ୍ରଧାନ, ଆରତ ପ୍ରଧାନ ବିପିନ ପ୍ରଧାନଙ୍କ ଘର ଭାଙ୍ଗି ପଡ଼ିଥିବା ଜଣାଯାଇଛି। ତେବେ କ୍ଷତିପୂରଣ ଅଟକଳ ପାଇଁ ଏଯାଏଁ ରାଜସ୍ୱ ବିଭାଗର କୌଣସି କର୍ମଚାରୀ ପହଞ୍ଚି ନ ଥିବା ଜଣାପଡ଼ିଛି।

ଖଣ୍ଡପଡାର ପୂର୍ବତନ ଏସ.ଡି.ପି.ଓ. ନିଲମ୍ବିତ

ଭାପୁର,(ନିପ୍ର): ବହୁ ଚର୍ଚ୍ଚିତ ଖଣ୍ଡପଡା ର ପୂର୍ବତନ ଏସ.ଡି.ପି.ଓ. ମଦନ ମୋହନ ପ୍ରଧାନ ଫତେଗଡ଼ ଥାନା ଅଞ୍ଚଳରେ ଏକ ବିବାଦୀୟ ଯୌନ ନିର୍ଯାତନା ଘଟଣାରେ ଛନ୍ଦି ହୋଇପଡିବା ପରେ ତାଙ୍କ ନାମରେ ଫତେଗଡ଼ ଥାନାରେ ମାମଲା ରୁଜୁ ହେବା ସହିତ ନୟାଗଡ଼ ସଦର ମହକୁମାସ୍ଥ ଆରକ୍ଷୀ ବିଭାଗର ମୁଖ୍ୟାଳୟକୁ ବଦଳି ହୋଇଥିଲା। ପୀଡିତାଙ୍କ ଅଭିଯୋଗ କ୍ରମେ ତାଙ୍କ ବିରୋଧରେ ହୋଇଥିବା ଅଭିଯୋଗର ତଦନ୍ତ ଚାଲିବା ସହିତ ପୀଡିତାଙ୍କ ବୟାନ ରେକର୍ଡ ଭାପୁର ବିଚାର ବିଭାଗୀୟ କୋର୍ଟରେ ହୋଇଥିଲା । ସମସ୍ତ ଘଟଣାପ୍ରବାହର ତଦନ୍ତ ପରେ ରାଜ୍ୟ ସରକାରଙ୍କ ଘରୋଇ ବିଭାଗ ତରଫରୁ ଚିଠି ନଂ ୧୪୭୭୦/୨୯. ୦୪. ୨୦୨୬ ରେ ଶୃଙ୍ଖଳାଭଙ୍ଗ ଆଇନ ୧୯୬୨ ଅନୁସାରେ ରାଜ୍ୟସରକାର ଶ୍ରୀ ପ୍ରଧାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନିଲମ୍ବିତ କରାଯାଇଛି ବୋଲି ଚିଠିରେ ଉଲ୍ଲେଖ ରହିଛି।

ବରିଷ୍ଠ ନେତା ଚକ୍ରଧର ଦାସଙ୍କୁ ଶ୍ରଦ୍ଧାଞ୍ଜଳି

ବିଭିନ୍ନ ସମସ୍ୟା ସମାଧାନ ପାଇଁ ଜନଆନ୍ଦୋଳନରେ ଥିଲେ ସାମିଲ

ଭଦ୍ରକ,(ନିପ୍ର): ଚାନ୍ଦବାଲି ବିଧାନସଭା ନିର୍ବାଚନ ମଣ୍ଡଳୀର ସିପିଆଇ(ଏମ) ର ପୂର୍ବତନ ବିଧାୟକ ପ୍ରାର୍ଥୀ, ବରିଷ୍ଠ ଚାଷୀ ନେତା ଚକ୍ରଧର ଦାସଙ୍କ ୭୨ ବର୍ଷ ବୟସରେ ତାଙ୍କ ମଣିପୁର ସ୍ଥିତ ବାସଭବନରେ ମୃତ୍ୟୁ ଘଟିଛି। ସେ ଜୀବନର ଶେଷ ସମୟ ପର୍ଯ୍ୟନ୍ତ ଚାନ୍ଦବାଲି ଓ ଘଣ୍ଟେଶ୍ୱର ଅଞ୍ଚଳର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଲଗାତାର ଭାବରେ ଜନଆନ୍ଦୋଳନରେ ସାମିଲ ଥିଲେ । ତାଙ୍କ ମୃତ୍ୟୁରେ ଚାନ୍ଦବାଲି ନିର୍ବାଚନ ମଣ୍ଡଳୀ ସିପିଆଇ(ଏମ) ନେତା ବିକାଶ ନାଥ, ସିପିଆଇ(ଏମ) ଜିଲ୍ଲା କମିଟି ସଭ୍ୟ ଗିରିଧାରୀ ନାଥ, ଅନ୍ୟତମ ଜିଲ୍ଲା କମିଟି ସଭ୍ୟ ମଳୟ ଭୋଇ, ଚାନ୍ଦବାଲି ଆଞ୍ଚଳିକ କମିଟି ସଂପାଦକ ଗୌରାଙ୍ଗ ଯେନା, ସିପିଆଇ(ଏମ) ଘଣ୍ଟେଶ୍ୱର ବ୍ରାଞ୍ଚ ସଂପାଦକ ଜୟୀରାମ ଦାସ, ଯୁବନେତା କାହ୍ନୁ କିଶୋର ସାହୁ, ଚାଷୀ ନେତା ଅଭିରାମ ବଳ, ଯୁବ ନେତା କାର୍ତ୍ତିକ ନାଥ, କ୍ଷେତମଜଦୁର ନେତା ନବଘନ ନାଥ, ଗଦାଧର ମଲ୍ଲିକ, ଦଳିତ ନେତା ଶ୍ରୀନାଥ ଦାସ, ମହିଳା ନେତ୍ରୀ କାମିନୀ ଭୋଇ ପ୍ରମୁଖ ତାଙ୍କ ବାସଭବନରେ ଉପସ୍ଥିତ ହୋଇ ବରିଷ୍ଠ ନେତା ଚକ୍ରଧର ଦାସଙ୍କ ଅମ୍ଳାନ ସ୍ମୃତି ପ୍ରତି ବୈପ୍ଳବିକ ଶ୍ରଦ୍ଧାଞ୍ଜଳୀ ଜଣାଇବା ସହ ଓ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜ୍ଞାପନ କରିଥିଲେ । ତାଙ୍କ ଶବକୁ ଏକ ଶୋଭାଯାତ୍ରାରେ ଘଣ୍ଟେଶ୍ୱର ଅଞ୍ଚଳର ବିଭିନ୍ନ ପଞ୍ଚାୟତ ଯଥା ତୋଟାପଡା, ଗୋପିନାଥପୁର, ବଜରାପୁର, ରାଜନଗର ଆଦି ଅଞ୍ଚଳ ପରିକ୍ରମା କରାଯିବା ପରେ ତାଙ୍କ ଘରବାଡିରେ ଶେଷ କୃତ୍ୟ ସମ୍ପନ୍ନ କରାଯାଇଥିଲା। ଏହି ଶବ ଶୋଭାଯାତ୍ରାରେ ଶହ ଶହ ସାଧାରଣ ଜନତା ସାମିଲ ଥିଲେ।

ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

କୃଷ୍ଣପ୍ରସାଦ,(ନିପ୍ର): ପୁରୀ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ଏବଂ କୃଷ୍ଣପ୍ରସାଦ ବ୍ଲକ ପ୍ରଶାସନ ସହାୟତାରେ ଚିଲିକା ନୂଆପଡା ନାରାୟଣ ବିଦ୍ୟାପୀଠ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ କୃଷ୍ଣପ୍ରସାଦ ପଞ୍ଚାୟତ ସମିତି ଅଧକ୍ଷା ସରୋଜିନୀ ତରେଇ ଉଦଘାଟନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବ୍ଲକ ଅଧକ୍ଷାଙ୍କ ପ୍ରତିନିଧି ବିଜୟ କୁମାର ତରେଇ, ସିପି ପ୍ରଭାତ କୁମାର ଜେନା, ଏସିପି ସୌଭାଗ୍ୟ କୁମାର ବଳିୟାରସିଂହ, ରାଜସ୍ୱ ସହାୟକ କାଶୀମ ମହମ୍ମଦ,ବ୍ଲକ ସହକାରୀ ଯନ୍ତ୍ରୀ ବିଜୟାନନ୍ଦ ଗୋଛାୟତ, କନିଷ୍ଠ ଯନ୍ତ୍ରୀ ଜିତେନ୍ଦ୍ର ଦାସ, ଅମୀୟ କୁମାର ପଣ୍ଡା, ବେଗା ହାଁସଦା, ବିପ୍ଲବ କେଶରୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ଅସ୍ଥିଶଲ୍ୟ, ଦୃଷ୍ଟିଶକ୍ତି, ଶ୍ରବଣ ଶକ୍ତି, ମାନସିକ ଅଗ୍ରସର ବ୍ୟକ୍ତି ମାନେ ସେମାନଙ୍କ ନାମ ପଞ୍ଜିକରଣ କରିଥିଲେ। ପରେ ପରେ ଉପସ୍ଥିତ ବିଶେଷଜ୍ଞ ଠାରୁ ନିଜ ନିଜର ସ୍ୱାସ୍ଥ୍ୟଗତ ସମସ୍ୟା ଉପରେ ପରାମର୍ଶ ଲୋଡ଼ିଥିଲେ। ଏହି ଶିବିରରେ ମୋଟ ୨୧୪ ଜଣଙ୍କର ନାମ ପଞ୍ଜିକରଣ କରାଯାଇଥିଲା। ଏ ସମ୍ପର୍କରେ ଜିଲ୍ଲାସ୍ତରରେ ବିଚାର ବିମର୍ଶ ପରେ ଭିନ୍ନକ୍ଷମ ପ୍ରମାଣ ପତ୍ର ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି। ଅନ୍ୟ ମାନଙ୍କ ମଧ୍ୟରେ ସାମାଜିକ ସୁରକ୍ଷା ଅଧିକାରିଣୀ ଶୁଭଲକ୍ଷ୍ମୀ ପାତ୍ର,ସନ୍ନ୍ୟ ଭୂଷଣ ପରିଡା, ଦିଲ୍ଲୀପ କୁମାର ତରାଇ,ରଶ୍ମୀ ରଞ୍ଜନ ପଟ୍ଟନାୟକ, ଆଲୋକ କୁମାର ଖୁଣ୍ଟିଆ, ସାଗର ସାହୁ,ରତ୍ନାକର ମାଝୀ ପ୍ରମୁଖ ଶିବିର ଆୟୋଜନରେ ସହଯୋଗ କରିଥିଲେ।

ଶ୍ରମିକଙ୍କ ବଳିଦାନ ପ୍ରେରଣା ଦେଉଛି

ଆସିକା,(ନିପ୍ର): ଆସିକା ସମବାୟ ଚିନିଶିଳ୍ପ ଶ୍ରମିକ ସଙ୍ଘ ପକ୍ଷରୁ ଏଆଇଟିୟୁସି କାର୍ଯ୍ୟାଳୟ ଠାରେ ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଶ୍ରମିକ ନେତା ବିଦେଶୀ ନାୟକ ପତକା ଉତ୍ତୋଳନ କରିଥିଲେ । ସାରା ଓଡିଶାରେ ବିଭିନ୍ନ ଶ୍ରମିକ ସଂଗଠନ, ଟ୍ରେଡ୍ ୟୁନିଅନ୍ ଓ ସରକାରୀ ସ୍ତରରେ ଏହି ଦିବସ ପାଳନ କରାଯାଉଛି। ଶ୍ରମିକମାନଙ୍କ ସର୍ବନିମ୍ନ ମଜୁରୀ ବୃଦ୍ଧି, ସାମାଜିକ ସୁରକ୍ଷା, ଇ.ଏସ୍.ଆଇ ଓ ପି.ଏଫ୍ ସୁବିଧା ସମସ୍ତ ଅଣସଂଗଠିତ କ୍ଷେତ୍ର ଶ୍ରମିକଙ୍କୁ ପ୍ରଦାନ, ଏବଂ ୮ ଘଣ୍ଟିଆ କାର୍ଯ୍ୟଦିବସ ଲାଗୁ କରିବା ଦାବି କରିଥିଲେ । ଓଡିଶା ସରକାର ଗତ ଏକ ବର୍ଷରେ ନିର୍ମାଣ ଶ୍ରମିକଙ୍କ ପାଇଁ ୨୮ଟି ନୂଆ କଲ୍ୟାଣ ଯୋଜନା ଆରମ୍ଭ କରିଛନ୍ତି। ପ୍ରବାସୀ ଶ୍ରମିକଙ୍କ ପଞ୍ଜୀକରଣ ପାଇଁ 'ଶ୍ରମିକ ସାଥୀ' ପୋର୍ଟାଲ ଓ ହେଲ୍ପଲାଇନ୍ ୧୫୩୬୮ କାର୍ଯ୍ୟକରୁଛି । ଚିକାଗୋରେ ଶ୍ରମିକମାନଙ୍କ ବଳିଦାନ ଆଜି ବି ଆମକୁ ପ୍ରେରଣା ଦେଉଛି। ୮ ଘଣ୍ଟା କାମ, ୮ ଘଣ୍ଟା ବିଶ୍ରାମ ଓ ୮ ଘଣ୍ଟା ମନୋରଞ୍ଜନ - ଏହି ଅଧିକାର ପାଇଁ ଆମ ସଂଗ୍ରାମ ଜାରି ରହିବ। ବୋଲି ସମସ୍ତେ ମତ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ବିଦେଶୀ ନାହକ ଉଦଘାଟନ କଲେ ପତାକା, କୈଳାଶ ପଟ୍ଟନାୟକ, କୈଳାସ ଚନ୍ଦ୍ର ଗୌଡ଼, ସନ୍ତୋଷ ବାଡତୀୟା, ଅଶୋକ ପ୍ରଧାନ, ଅନିଲ ପାଣିଗ୍ରାହୀ, ରତ୍ନାକର ସ୍ୱାଇଁ, ଉପସ୍ଥିତ ଥିଲେ।

ଭଦ୍ରକ : ବିଶ୍ୱ ଶ୍ରମିକ ଦିବସ ଅବସରରେ ୧୮୮୬ମସିହାରେ ଶ୍ରମିକ ଶ୍ରେଣୀ ଲଢେଇ କରି ଦୈନିକ ଆଠ ଘଣ୍ଟା କାମ କରିବେ, ଆଠ ଘଣ୍ଟା ବିଶ୍ରାମ, ଆଠ ଘଣ୍ଟା ପିଲା ପରିବାର ସହ ସମୟ ଅତିବାହିତ କରିବେ। ଆଜାଦିର ୭୮ବର୍ଷ ପରେ ଡବଲ ଇଞ୍ଜିନ ସରକାର ୧୫ଟି ଶ୍ରମ ଆଇନିକୁ ସଂଶୋଧନ କରି ଶ୍ରମିକ ବିରୋଧୀ ୪ଟି ଶ୍ରମ କୋଡ ଲାଗୁ କରିଛି। ଦେଶ ବ୍ୟାପୀ ରେଲ, ବ୍ୟାଙ୍କ, ବୀମା, ବନ୍ଦର, ରାଜପଥ, ଖଣି, ଖାଦାନ ଆଦୀ ସମସ୍ତ ରାଷ୍ଟ୍ରାୟତ୍ତ ଉଦ୍ୟୋଗ କୁ ଆଦାନୀ ଆମ୍ବନିକୁ ବିକ୍ରି କରି ଦେଉଛନ୍ତି। ତାର ପ୍ରତିବାଦ କରି ସକାଳୁ ସାରା ଜିଲ୍ଲାରେ ଧାମରା, ଚାନ୍ଦବାଲି,ବାସୁଦେବପୁର, ଅଗର ପଡା, ଧାମନଗର, ଚରମ୍ପା, କଚେରୀ ବଜାର, ବନ୍ତ ଛକ, ଭଟଡିରା, ପୁରୁନବଜାରରେ ଲାଲ ପତାକା ଉତ୍ତୋଳନ କରିଥିଲେ ସିଆଇଟିୟୁର ନେତ୍ରୀ ରୋଜାଲିନ ସାମ୍ୟବାଦୀ, ମମତା ଜେନା, ସୀତା ଦାଶ, ବାସନ୍ତୀ ବେହେରା, ପ୍ରବାସ ମହାପାତ୍ର, ସୁବ୍ରତ ସାମଲ, ମଳୟ ଭୋଇ, କାର୍ତ୍ତିକ ଖିଲାର, ନିରଂଜନ ପାଣି , ମଦନ ମୋହନ ଘଡ଼ାଇ, ସେକ ବାବୁ, ସେକ ସତାର, ସେକ କମାର, ଅଭିନ୍ନ ଚନ୍ଦ୍ର ରାଓ, କାଳନ୍ଦୀ ପାତ୍ର, ବିଷ୍ଣୁ ଦାଶ, ପ୍ରଫୁଲ୍ଲ ପାଢ଼ୀ, ଚନ୍ଦ୍ର ଶେଖର ନାୟକ।

କେନ୍ଦ୍ରାପଡ଼ା: ଅନ୍ତର୍ଜାତୀୟ ଶ୍ରମିକ ଦିବସରେ ଶ୍ରମିକମାନଙ୍କ ପାଇଁ ବିଶ୍ୱ ସାରା ଶ୍ରମିକ ଦିବସ ପାଳନ ହେଉଅଛି । ଏହି ପରିପେକ୍ଷୀରେ ଆମ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପରିବାର ପକ୍ଷରୁ ଆଜିର ସମାଜରେ ପ୍ରକୃତ ଶ୍ରମିକମାନଙ୍କୁ ଏହି ଦିବସରେ ଅଣଦେଖା କରାଯାଉଛି । କିନ୍ତୁ ସମାଜରେ ନିଜ ଦୁଃଖ ଏବଂ ସୁଖକୁ ଜଳାଞ୍ଜଳି ଦେଇ ପରିବାର ପ୍ରତିପୋଷଣ ପାଇଁ ସମାଜର ସମସ୍ତ ଭାରକୁ ନିଜ କାନ୍ଧରେ ବୁହାଉଛନ୍ତି । ସେହିଭଳି ପ୍ରକୃତ ଶ୍ରମିକ ଟ୍ରଲି ଚାଳକ ଓ ରିକ୍ସା ଚାଳକ ଭାଇମାନଙ୍କୁ ଆମେ ଆଜିର ଦିନରେ ସମ୍ମାନିତ କରୁଛୁ । ଆମେ ଯଦି ଦେଖିବା ଆଗାମୀ ସମୟରେ ଏହି ବୃତ୍ତି ଡୁବିକ ଦିନକୁ ଦିନ ଆଧୁନିକ ଛାପରେ ଲୀନ ହେବାକୁ ବସିଲାଣି । ଏହି ବୃତ୍ତି ରେ ଥିବା ବ୍ୟକ୍ତି ମାନେ ମୁଣ୍ଡ ଝାଳ ତୁଣ୍ଡରେ ମାରି ନିପଟ ଖରାରେ ପରିଶ୍ରମ କରି ନିଜର ଗୁଜୁରାଣ ମେଣ୍ଟାଇଥାନ୍ତି । କାର୍ଯ୍ୟକ୍ରମରେ ଟ୍ରଷ୍ଟର ସଭାପତି ଦମନ ମହାନ୍ତି, ସଂସ୍କୃତି ବିଭାଗୀୟ ଅଧିକାରୀ ସଂଜୀବ ତରାଇ, ଟ୍ରଷ୍ଟର ମୁଖପାତ୍ର ପ୍ରମୋଦ ନାୟକ, ଟ୍ରଷ୍ଟର ପରାମର୍ଶଦାତା ନିମାଇଁ ଚରଣ କର, ନିଗମ ସାହୁ ଓ ଭାବଗ୍ରାହୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ପିପିଲି : ପୁରୀ ଜିଲ୍ଲା ପିପିଲି ବ୍ଲକ ମଙ୍ଗଳପୁରସ୍ଥିତ ହୋଟେଲ ରଞ୍ଜ ପରିସର ମଧ୍ୟରେ ଆନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଏଥିରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ପିପିଲି ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ, ଏବଂ ବରିଷ୍ଠ ସାମ୍ବାଦିକ ଏବଂ କଳିଙ୍ଗ ୟୁନିୟନ ୱାର୍କିଙ୍ଗ ଜନାଲିଷ୍ଟ ସଂଘର ସମ୍ପାଦକ ରାଜକିଶୋର ସ୍ୱାଇଁ ଉପସ୍ଥିତ ରହିଥିଲେ। ମୁଖ୍ୟ ଅତିଥିମାନେ ନିଜ ନିଜର ଶ୍ରମିକ ଦିବସ ଉପଲକ୍ଷେ ଅଭିଭାଷଣ ପ୍ରଦାନ କରିଥିଲେ। ଏଥିରେ ପ୍ରତ୍ୟେକ ଜିଲ୍ଲାର ବରିଷ୍ଠ ସାମ୍ବାଦିକମାନେ ଯୋଗ ଦେଇଥିବାବେଳେ ପିପିଲି ଅଞ୍ଚଳର କାର୍ଯ୍ୟରତ ସାମ୍ବାଦିକ ଅରୁଣ ରାଉତ, ପ୍ରତାପ ବାରିକ ଚନ୍ଦ୍ର ମାଧବ ମିଶ୍ର, ପ୍ରଶାନ୍ତ କୁମାର ଦୀକ୍ଷିତ ଏବଂ ଅନ୍ୟମାନେ ସହଯୋଗ କରିଥିଲେ।

ବଲାଙ୍ଗିର : ବଲାଙ୍ଗିର ଭୀମଭୋଇ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ପ୍ରେକ୍ଷାଳୟରେ ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳନ କରାଯାଇଛି । ଏହି ଅବସରରେ ବଲାଙ୍ଗିର ଜିଲ୍ଲାପାଳ ଗୌରବ ଶିୱାଜୀ ଇସଲୱାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡା. ମୁକେଶ ମହାଲିଙ୍ଗ, ମନ୍ତ୍ରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି, ସଂସଦୀୟ ବ୍ୟାପାର, ଓଡ଼ିଶା ସରକାର, ଯୋଗଦାନ କରିଥିଲେ । ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଓ ନିର୍ବାହୀ ଅଧିକାରୀ ତରଣୀ ସୁନା, ପ୍ରଭାଗୀୟ ଶ୍ରମ ଆୟୁକ୍ତ ସୁକାନ୍ତ ସେଠି ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ ।

ମୁଖ୍ୟଅତିଥି ନିଜ ଅଭିଭାଷଣରେ କହିଥିଲେ ଯେ, ଶ୍ରମିକମାନେ ଦେଶର ଅର୍ଥନୀତିର ମୂଳ ଭିତ୍ତି। ସେମାନଙ୍କର ଶ୍ରମ, ସମର୍ପଣ ଓ ସାହସରେ ଦେଶର ଉନ୍ନତିର ଚକ୍ର ଚାଲିଛି । ସରକାର ଶ୍ରମିକଙ୍କ ସ୍ୱାସ୍ଥ୍ୟ ସୁରକ୍ଷା, ଚିକିତ୍ସା ସୁବିଧା ଓ ସାମାଜିକ ସୁରକ୍ଷା ଯୋଜନାକୁ ଆଗକୁ ବଢ଼ାଇବାରେ ବିଶେଷ ଗୁରୁତ୍ୱ ଦେଉଛନ୍ତି । ପ୍ରତ୍ୟେକ ବ୍ଲକରେ ଆଗାମୀ ଦିନରେ ସହାୟକ ଶ୍ରମ ଅଧିକାରୀ କାର୍ଯ୍ୟାଳୟ ନିର୍ମାଣ ହେବ, ଯାହା ମାଧ୍ୟମରେ ଶ୍ରମିକମାନେ ସୁଚାରୁ ଭାବରେ ପଞ୍ଜୀକରଣ କରିପାରିବେ । ଶ୍ରମିକମାନଙ୍କ ପୁଅ-ଝିଅଙ୍କୁ ଉଚ୍ଚତର ଶିକ୍ଷା ପାଇଁ ଆର୍ଥିକ ସହାୟତା, ମୁଖ୍ୟମନ୍ତ୍ରୀ ଅର୍ଣ୍ଣପୂର୍ଣ୍ଣା ଯୋଜନା ମାଧ୍ୟମରେ ଖାଦ୍ୟ ସୁରକ୍ଷା, ଓ ସାମାଜିକ କଲ୍ୟାଣ କାର୍ଯ୍ୟକ୍ରମ ସୁଚାଳିତ ହେଉଛି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍ତି ।

କର୍ମଚାରୀଙ୍କୁ ଉତ୍କୃଷ୍ଟ କାର୍ଯ୍ୟ ପାଇଁ ସମ୍ବର୍ଦ୍ଧିତ କଲା ଏମସିଏଲ୍

ସମ୍ବଲପୁର,(ନିପ୍ର): ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମସିଏଲ୍) ପକ୍ଷରୁ ଖଣିକ ଅଭିନନ୍ଦନ ଦିବସ ସମାରୋହ ପାଳିତ ହୋଇଯାଇଛି। ଦେଶର ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ଏମସିଏଲ୍ କୋଇଲା ଖଣି ଶ୍ରମିକମାନଙ୍କ ଉତ୍କୃଷ୍ଟ କାର୍ଯ୍ୟକୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା। ଜଗନ୍ନାଥ ଅଞ୍ଚଳ, ଏମ୍.ସି.ଏଲର ତତ୍ତ୍ୱାବଧାନରେ ଗତ ଶୁକ୍ରବାର ସନ୍ଧ୍ୟାରେ କମ୍ପାନୀର ମୁଖ୍ୟାଳୟଠାରେ ଆୟୋଜିତ ଏହି

କାର୍ଯ୍ୟକ୍ରମରେ ଶୀର୍ଷ ନେତୃତ୍ୱ, କର୍ମଚାରୀ ଏବଂ ହିତାଧିକାରୀମାନେ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ।

ଏହି କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ (ମାନବ ସମ୍ବଳ) କେଶବ ରାଓ, ନିର୍ଦ୍ଦେଶକ (ଅର୍ଥ) ଶ୍ରୀ ଏ.କେ. ବେହୁରା ଏବଂ ନିର୍ଦ୍ଦେଶକ (ବୈଷୟିକ/ପରିଚାଳନା) ଏସ୍.କେ. ଝା'ଙ୍କ ସମେତ ବିଭିନ୍ନ ବିଭାଗର ମହାପ୍ରବନ୍ଧକ, ବରିଷ୍ଠ ଅଧିକାରୀ ଏବଂ ଯୁଗ୍ମ ପରାମର୍ଶଦାତା କମିଟି (ଆପେକ୍ସ)ର ସଦସ୍ୟମାନେ ବହୁସଂଖ୍ୟାରେ ଉପସ୍ଥିତ ଥିଲେ। ଦେଶର 'ଶକ୍ତି ଯୋଦ୍ଧା'ମାନଙ୍କ ସାହସ ଏବଂ ପ୍ରତିବଦ୍ଧତାକୁ ସଲାମ କରି ଅତିଥିମାନେ କୋଇଲା ଖଣି ଶ୍ରମିକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ନିଜର ଉଦବୋଧନରେ ଶ୍ରୀ ରାଓ କୋଇଲା ଉତ୍ପାଦନରେ କ୍ରମାଗତ ଭାବେ ୨୦୦ ମିଲିୟନ୍ ଟନ୍‌ର ଲକ୍ଷ୍ୟ ହାସଲ କରି 'ହ୍ୟାଟ୍ରିକ୍' ଅର୍ଜନ କରିଥିବାରୁ ଟିମ୍ ଏମସିଏଲକୁ ଅଭିନନ୍ଦନ ଜଣାଇଥିଲେ ଏବଂ କର୍ମଚାରୀଙ୍କ ସାମୂହିକ ନିଷ୍ଠା ଓ ନିରନ୍ତର ପ୍ରୟାସକୁ ଭୂୟସୀ ପ୍ରଶଂସା କରିଥିଲେ। ଓଡ଼ିଶାରେ ସିଏସଆର କ୍ଷେତ୍ରରେ ସର୍ବବୃହତ ଯୋଗଦାନ ଦିଗରେ ଏମସିଏଲର ପ୍ରମୁଖ ଭୂମିକା ଉପରେ ଗୁରୁତ୍ୱାରୋପ କରି ଶ୍ରୀ ରାଓ, ସାମାଜିକ ଭିତ୍ତିଭୂମି ନିର୍ମାଣ ତଥା ସ୍ଥାନୀୟ ସମ୍ପ୍ରଦାୟର ଉନ୍ନତି ପାଇଁ କମ୍ପାନୀର ଦୃଢ଼ ପ୍ରତିବଦ୍ଧତାକୁ ଦର୍ଶାଇଥିଲେ। ସେହିପରି ଶ୍ରୀ ଝା ଏବଂ ଶ୍ରୀ ବେହୁରା ଗତ ଆର୍ଥିକ ବର୍ଷରେ ଏମ୍.ସି.ଏଲର ଉନ୍ନତ କୋଇଲା ପ୍ରେରଣରେ ଶ୍ରେଷ୍ଠ ପ୍ରଦର୍ଶନକୁ ପ୍ରଶଂସା କରିଥିଲେ। ଏମସିଏଲର ସାମୂହିକ ପ୍ରୟାସ ଏବଂ ପରିଚାଳନାଗତ ଉତ୍କର୍ଷତା ଆଗାମୀ ବର୍ଷଗୁଡ଼ିକରେ ଆହୁରି ବଡ଼ ସଫଳତା ଆଣିଦେବ ବୋଲି ସେମାନେ ଆଶାବ୍ୟକ୍ତ କରିଥିଲେ। ଏହି ଅବସରରେ ଅତିଥିମାନେ କମ୍ପାନୀର ଶ୍ରେଷ୍ଠ ପ୍ରଦର୍ଶନକାରୀ ଏରିଆ ଏବଂ ପ୍ରକଳ୍ପ ଗୁଡ଼ିକୁ ସମ୍ବର୍ଦ୍ଧିତ କରିଥିଲେ। ୨୦୨୫-୨୬ ଆର୍ଥିକ ବର୍ଷରେ ଉତ୍କର୍ଷତା ପ୍ରଦର୍ଶନ ପାଇଁ କର୍ମଚାରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ କର୍ମଚାରୀ ଏବଂ ଠିକା ଶ୍ରମିକମାନଙ୍କୁ ବ୍ୟକ୍ତିଗତ ତଥା ଆନୁଷ୍ଠାନିକ ବର୍ଗରେ ସମୁଦାୟ ୭୬ଟି ପୁରସ୍କାର ପ୍ରଦାନ କରାଯାଇଥିଲା।

ସର୍ବଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଇବ୍ ଭ୍ୟାଲି ଏରିଆକୁ ସମ୍ମାନଜନକ 'ମାଲପୁରୀ ଟ୍ରଫି' ପ୍ରଦାନ କରାଯାଇଥିଲା।

୪ଦଫା ଦାବି ନେଇ ଓୟୁଜେର ଧାରଣା

କୁଚିଣ୍ଡା/ସମ୍ବଲପୁର,(ନିପ୍ର): ଓୟୁଜେ ୪ ଦଫା ଦାବି ନେଇ ରାଜ୍ୟବ୍ୟାପୀ ଆନ୍ଦୋଳନ ଡାକରା ଦେଇଥିଲା । ଏହି ପରିପ୍ରେକ୍ଷୀରେ ସମ୍ବଲପୁର ଜିଲ୍ଲା ସାମ୍ବାଦିକ ୟୁନିଅନ ପକ୍ଷରୁ ସଭାପତି ପ୍ରଭାତ ବେହେରାଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ଗଣଧାରଣା ଦିଆଯାଇଛି। ପୂର୍ବ ଘୋଷଣା ଅନୁଯାୟୀ ସାମାଜିକ ନିରାପତ୍ତା ଓ ମାସିକ ୩୦ ହଜାର ଟଙ୍କା ପେନ୍‌ସନ୍,

ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରିବା, ଅଧିସ୍ୱୀକୃତି କମିଟି ଗଠନ ସହ ନିୟମରେ ପରିବର୍ତ୍ତନ ଓ ସ୍ୱାସ୍ଥ୍ୟ ବୀମା ରାଶିକୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି ସହ ପିତାମାତାଙ୍କୁ ସାମିଲ କରିବା ଦାବିରେ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଓୟୁଜେ ସମ୍ବଲପୁର ଜିଲ୍ଲା ଶାଖା ପକ୍ଷରୁ ଏକ ଗଣଧାରଣା ଦିଆଯାଇଥିଲା। ଏଥିରେ ୯ଟି ବ୍ଲକ ସମେତ ସମ୍ବଲପୁର ମହାନଗର ଶାଖାରୁ ଶତାଧିକରୁ ଉର୍ଦ୍ଧ୍ୱ ସାମ୍ବାଦିକ ଯୋଗଦେଇ ଦାବି ସପକ୍ଷରେ ସ୍ଲୋଗାନ୍ ଦେଇଥିଲେ । ବିରୋଧୀ ବିଜେଡ଼ି ଓ କଂଗ୍ରେସର ସ୍ଥାନୀୟ ନେତା, ବିଭିନ୍ନ ସାମାଜିକ ଅନୁଷ୍ଠାନ କର୍ମକର୍ତ୍ତା, ଶ୍ରମିକ ସଂଗଠନ, ବରିଷ୍ଠ ସାମ୍ବାଦିକ ଧାରଣାରେ ଯୋଗଦେଇ ସାମ୍ବାଦିକଙ୍କ ଦାବି ସପକ୍ଷରେ ମତ ରଖିବା ସହ ସାମ୍ବାଦିକଙ୍କ ଦାବି ଗୁଡିକରେ ଯଥାର୍ଥତା ରହିଛି । ସରକାର ଯଥାଶୀଘ୍ର ଏନେଇ ସଠିକ ନିଷ୍ପତ୍ତି ନିଅନ୍ତୁ ବୋଲି କହିଥିଲେ। ଏହି ଗଣସମାବେଶରେ ଜିଲ୍ଲାପରିଷଦ ଅଧକ୍ଷା କୁମୁଦୁନୀ ନାୟକ, ଅଧକ୍ଷ ବିଜୟ ମହାନ୍ତି, ଶ୍ରମିକ ନେତା ସଂଜିତ ମହାନ୍ତି, ଚାଷୀ ନେତା ସରୋଜ ମହାନ୍ତି , ରାଜୀବ ମିଶ୍ର ପ୍ରମୁଖ ଯୋଗ ଦେଇ ଓୟୁଜେ ପକ୍ଷରୁ ଉପସ୍ଥାପିତ ଦାବି ଯଥାର୍ଥ ଓ ଏହାକୁ ତୁରନ୍ତ ପୂରଣ କରିବା ପାଇଁ ସରକାରଙ୍କ ଉପରେ ଚାପ ସୃଷ୍ଟି କରିବା ସହିତ ଆଗାମୀ ବିଧାନସଭାରେ ପ୍ରଭାବୀ ଢଙ୍ଗରେ ଉତ୍ଥାପନ କରାଯିବ ବୋଲି ବିଜେଡି ଓ କଂଗ୍ରେସ ନେତାମାନେ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ବରିଷ୍ଠ ସାମ୍ବାଦିକ ଅର୍ଜୁନ ପଣ୍ଡା,ସୁବାଷ ପାଣିଗ୍ରାହୀ, ଶିବ ନନ୍ଦ,ସୁଜିତ ପାଣିଗ୍ରାହୀ,ମନୋରଞ୍ଜନ ପଟ୍ଟନାୟକ, ବୀରେନ୍ଦ୍ର ପାଣିଗ୍ରାହୀ, ସୁକାନ୍ତ କର,ରାଜ୍ୟ କୋଷାଧକ୍ଷ ଅମୂଲ୍ୟ ସ୍ୱାଇଁ,ସାଧାରଣ ସମ୍ପାଦକ ଶରତ ପ୍ରଧାନ,ସଭ୍ୟ ସଞ୍ଜୟ ମିଶ୍ର ପ୍ରମୁଖ ବକ୍ତବ୍ୟ ରଖି ସାମ୍ବାଦିକଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତି ତୁରନ୍ତ ପାଳନ କରାଯାଉ ବୋଲି ଦାବି କରିଥିଲେ।

ତିଥି :(ଦ୍ୱିତୀୟା): (ବିଶାଖା ବିଛା)
ଅମୃତ ବେଳା: ଦିବା ଘ ୬।୯ ଗତେ ଘ ୯।୨୧ ମଧ୍ୟେ

ଆଜିର ଅନୁଚିନ୍ତନ

ଯେ ସମସ୍ତ ନାଶବାନ୍ ପ୍ରାଣୀଙ୍କ ମଧ୍ୟରେ ପରମାତ୍ମାଙ୍କୁ ନାଶରହିତ ଓ ସମରୂପେ ସ୍ଥିତ ଦେଖେ, ସେ ବାସ୍ତବରେ ଠିକ୍ ଦେଖେ।।
- ଶ୍ରୀମଦ୍ ଭଗବଦ୍ ଗୀତା

ଗ୍ରୀଷ୍ମପ୍ରବାହ ଓ ଶ୍ରମିକ

ପ୍ରବଳ ଗ୍ରୀଷ୍ମପ୍ରବାହ କାରଣରୁ ବାହ୍ୟ କାମ କରୁଥିବା ଶ୍ରମିକଙ୍କ କାମ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ବାରଣ କରାଯାଇଥିବା ସତ୍ତ୍ୱେ ବିଭିନ୍ନ ଗଣମାଧ୍ୟମରେ ଶ୍ରମିକମାନେ ମଧ୍ୟାହ୍ନ ସମୟରେ ଠାଏ ଠାଏ କିଭଳି କାମ କରୁଛନ୍ତି ସେ ସଂପର୍କିତ ଖବର ଓ ଚିତ୍ରମାନ ଦେଖିବାକୁ ମିଳୁଛି। କାର୍ଯ୍ୟ ବାରଣ ନେଇ ଘୋଷଣା ଓ ଏହାକୁ କାର୍ଯ୍ୟକାରୀ କରିବା ଏତେ ସହଜ ନୁହେଁ, ଏହାହିଁ ପ୍ରତୀୟମାନ ହେଉଛି। ଜଣେ ବିଶେଷଜ୍ଞ କହିଛନ୍ତି ମନରେଗା କାର୍ଯ୍ୟ ପାଇଁ ଶ୍ରମିକଙ୍କୁ ବାହ୍ୟ ପରିବେଶରେ ଶାରୀରିକ ଭାବରେ ଉପସ୍ଥିତ ରହିବାକୁ ହୋଇଥାଏ। ଏଭଳି ସ୍ଥିତିରେ ଶ୍ରମିକମାନେ ଗ୍ରୀଷ୍ମଉତ୍ତାପକୁ କିଭଳି ସହ୍ୟ କରୁଛନ୍ତି ସେ ସଂପର୍କରେ କ୍ୱଚିତ୍ ଆଲୋଚନା ହୋଇଥାଏ। ଜଣେ ଶ୍ରମିକ ବହୁବିଧ ସମସ୍ୟା ମଧ୍ୟ ଦେଇ ଗତି କରିଥାଏ। ବେଳେ ବେଳେ ପ୍ରତିକୂଳ ପାଗ କାରଣରୁ କାର୍ଯ୍ୟ ଅବଧି ମଧ୍ୟରେ କାର୍ଯ୍ୟକୁ ଶେଷ କରିପାରେନାହିଁ। ତାର ପରିବାରର କାହାରି ଦେହ ଅସୁସ୍ଥ ହେଲେ ସମୟ ବ୍ୟୟ ହୁଏ ଓ ଔଷଧ ବାବଦକୁ ଖର୍ଚ୍ଚ ଭାର ତାକୁ ବହନ କରିବାକୁ ପଡ଼ିଥାଏ। ଅଭାବ ସମୟରେ ହାତ ଉଧାରି ଏକ ଧରାବନ୍ଧା କଥା ହେଲାଣି। ଏଭଳି ବହୁ ସମସ୍ୟା ଘେରରେ ରହେ ଶ୍ରମିକ। କାମଧନ୍ଦା ଅନ୍ୱେଷଣରେ ବାହାର ରାଜ୍ୟକୁ ଯାଉଥିବା ଶ୍ରମିକଙ୍କ ସଂପର୍କିତ ଏକ ତଥ୍ୟ ଏଠାରେ ପ୍ରାସଙ୍ଗିକ ମନେହୁଏ। ୨୦୨୪ରେ ବାହାର ରାଜ୍ୟକୁ ଯାଇଥିବା ଶ୍ରମିକ ସଂଖ୍ୟା ପ୍ରାୟ ୫୦ହଜାର ଥିବାବେଳେ ୨୦୨୫ରେ ଏହା ୬୫ ହଜାରକୁ ଛୁଇଁଥିଲା। ଏଥିରୁ ବଲାଙ୍ଗୀର ଜିଲ୍ଲାରୁ ଥିଲା ସର୍ବାଧିକ। ପୁଣି କାର୍ଯ୍ୟ କ୍ଷେତ୍ରରେ ଶୋଷିତ ହେଉଥିବା ଶ୍ରମିକଙ୍କ ମଧ୍ୟରୁ ୨୦୨୪ରେ ୬ଶହରୁ ଅଧିକ ଉଦ୍ଧାର ହୋଇଥିଲେ।

ଆଜିକାଲି ପଶ୍ଚିମ ଓଡ଼ିଶାରେ ଗ୍ରୀଷ୍ମପ୍ରକୋପ ଉପକୂଳ ଅଞ୍ଚଳ ଅପେକ୍ଷା ଅଧିକ ଅନୁଭୂତ ହେଉଛି। ଜନଗଣନାରେ ନିୟୋଜିତ ଏକାଧିକ କର୍ମୀଙ୍କ ମୃତ୍ୟୁ ଅଂଶୁଘାତ କାରଣରୁ ହୋଇଥିବା ଗଣମାଧ୍ୟମରୁ ଜାଣିବାକୁ ମିଳୁଛି। ଏଭଳି ସ୍ଥିତିରେ ଗ୍ରୀଷ୍ମପ୍ରକୋପରେ କାର୍ଯ୍ୟ କରୁଥିବା ଶ୍ରମିକଙ୍କ କଷଣ କେବଳ ଅନୁଭବୀ ଛଡ଼ା ଆଉ କେହି କହିପାରିବେ ନାହିଁ। ବହୁ ସମୟରେ ତାପମାତ୍ରା ୪୫ଡିଗ୍ରୀ ସେଲ୍‌ସିୟସ୍ ଅତିକ୍ରମ କରୁଛି। ଖରା ପ୍ରକୋପ ବଢିଲେ ଶ୍ରମିକଙ୍କ ମଜୁରି ବାଧାପ୍ରାପ୍ତ ହୁଏ। ଖରାରେ କାମ କରିବା ପାଇଁ ବାରଣ ଥିବା ଓ ଅନ୍ୟ ଆନୁଷଙ୍ଗିକ କାରଣରୁ ଶ୍ରମିକ ମଜୁରି ହରାଉଥିବା ସମସ୍ତେ ଜାଣୁଛନ୍ତି। କିନ୍ତୁ କେତେଦୂର ଏ ବାବଦରେ ପ୍ରତିକାରମୂଳକ ପଦକ୍ଷେପ ନିଆଯାଉଛି ?

ଗତ କିଛିଦିନ ହେବ ବଲାଙ୍ଗୀର, ନୂଆପଡ଼ା, କଳାହାଣ୍ଡି ପ୍ରଭୃତି ଜିଲ୍ଲାରେ ଗ୍ରୀଷ୍ମପ୍ରକୋପ କାରଣରୁ ଶ୍ରମିକଙ୍କ କାମ ବାଧାପ୍ରାପ୍ତ ହେବା ଅର୍ଥ ସେମାନଙ୍କ ପେଟପାଟଣାକୁ ଧକ୍କା କହିଲେ ଅତ୍ୟୁକ୍ତି ହେବନାହିଁ। ଚଳିତ ମେ ଓ ଜୁନରେ ଶ୍ରମିକଙ୍କ ପାଇଁ ସକାଳୁଆ କାମ ଆରମ୍ଭ ହୋଇ ପୂର୍ବାହ୍ନ ୧୧ଟା ମଧ୍ୟରେ ଯଦି ଶେଷ ହୁଅନ୍ତା ତେବେ ଶ୍ରମିକମାନେ ଉପକୃତ ହୋଇପାରନ୍ତେ। ଏ ବାବଦରେ ରାଜ୍ୟ ସରକାର ଚିନ୍ତା କରିବା ଉଚିତ। ଏକ ଅନୁଧାନରୁ ଜଣାପଡ଼ିଛି ଯେ ଯେବେ ଖରାର ଉତ୍ତାପ ୧ ଡିଗ୍ରୀ ବଢୁଛି, ସେତେବେଳେ ଶ୍ରମିକଙ୍କ ମଜୁରି ପ୍ରାୟ ୨୦ ଭାଗ କମିଯାଉଛି। ଏହି ଅଦୃଶ୍ୟ କ୍ଷତିକୁ ସରକାରୀ କଳ କେତେଦୂର ଉପଲବ୍ଧି କରୁଛନ୍ତି ସେ ବାବଦରେ ତଥ୍ୟ ବାହାରକୁ ଆସୁନାହିଁ। କେବଳ ବଲାଙ୍ଗୀର ଓ ନୂଆପଡ଼ା ନୁହେଁ, ଆମ ରାଜ୍ୟରେ ଦାଦନପ୍ରବଣ ଜିଲ୍ଲା ସଂଖ୍ୟା ଅନ୍ୟୂନ ୧୪ଟି ଥିବା ବେଳେ ଏ ସବୁରେ କେମିତି ଅଛନ୍ତି ଶ୍ରମିକମାନେ, କେତେ କାମ ପାଉଛନ୍ତି, କ'ଣ ସବୁ ସେମାନଙ୍କ ସମସ୍ୟା, ଏ ସଂପର୍କରେ ବିଭାଗୀୟ ଅନୁସନ୍ଧାନ ଅପେକ୍ଷା ସ୍ୱତନ୍ତ୍ର ବିଶେଷଜ୍ଞ କମିଟି ଯଦି ତଦାରଖ କରନ୍ତେ, ବହୁତ ସତ୍ୟ ପଦାକୁ ଆସିପାରନ୍ତା। ଏହା ସ୍ୱୀକାର୍ଯ୍ୟ ଯେ ରାଜ୍ୟ ତଥା ଦେଶର ବିକାଶରେ ଶ୍ରମିକ ହେଉଛନ୍ତି ମୂଳାଧାର। ଏହି ମୂଳାଧାରକୁ ଯଥୋଚିତ ଦୃଷ୍ଟି ସରକାରୀ ସ୍ତରରେ ଦିଆନଗଲେ ଏହି ବର୍ଗଙ୍କ ଦୁଃଖ ଓ ଦୁର୍ଦ୍ଦଶା ବହୁଗୁଣିତ ହେବା ଥୟ।

ସମ୍ବାଦପତ୍ର, ପାଠକ ଓ ସାମ୍ବାଦିକ

ଅକ୍ଷୟ କୁମାର ରାଉତ

ଆଧୁନିକ ଯୁଗରେ ସମ୍ବାଦପତ୍ର ପାଠ କରିବା ବହୁ ବ୍ୟକ୍ତିଙ୍କର ଅଭ୍ୟାସରେ ପରିଣତ ହୋଇପଡିଛି। ଚା, ପାନ ପରି ସମ୍ବାଦପତ୍ର ପଢ଼ିବା ଏକ ନିଶାରେ ପରିଣତ ହୋଇଛି। କୃଷକମାନେ କୃଷି ସମ୍ବନ୍ଧରେ ଓ କ୍ରୀଡାପ୍ରେମୀମାନେ କ୍ରୀଡା ବିଷୟରେ ଆବଶ୍ୟକ ବିବରଣୀ ପାଇପାରନ୍ତି। ଛାତ୍ରମାନେ ଜ୍ଞାନ ଆହରଣ କରିବା ସଙ୍ଗେ ସଙ୍ଗେ ପରୀକ୍ଷା ସମ୍ପର୍କରେ ବିଭିନ୍ନ କଥା ଅବଗତ ହୋଇଥାଆନ୍ତି। ପାଠକ,ପାଠିକା ସାହିତ୍ୟ ପ୍ରେମୀମାନେ ଗଳ୍ପ, କବିତା, ପ୍ରବନ୍ଧ ଆଲୋଚନା ଆଦି ପାଠ କରିବା ଓ ଜାଣିବାର ସୁଯୋଗ ପାଇଥାଆନ୍ତି। ସମସ୍ତ ଜୀବଜଗତର ସୁରକ୍ଷା ଓ ସ୍ୱାଧୀନତାର ରକ୍ଷା ସମ୍ବାଦପତ୍ର ଓ ସାମ୍ବାଦିକଙ୍କ ଉପରେ ପଡିଥାଏ।

ରାଜତନ୍ତ୍ରର ରାଜା ଓ ଗଣତନ୍ତ୍ରର ଲୋକ ପ୍ରତିନିଧିମାନଙ୍କର କାର୍ଯ୍ୟକଳାପ ଉପରେ ସାମ୍ବାଦିକମାନେ ନଜର ରଖିଥାଆନ୍ତି। ଶାସନ କର୍ତ୍ତୃପକ୍ଷ, ରାଜନୀତିଜ୍ଞ ଓ ସର୍ବସାଧାରଣ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବ୍ୟକ୍ତିଗଣ ଏବଂ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ସମ୍ବାଦପତ୍ର ଓ ସାମ୍ବାଦିକମାନେ ଦେଇଥିବା ଜନମତ ଦ୍ୱାରା ନିଜ ନିଜର ତ୍ରୁଟି ବୁଝି ପାରି ନିଜେ ନିଜକୁ ସଂଶୋଧିତ କରିଥାଆନ୍ତି। କିନ୍ତୁ ଅସଲ କଥାଟି ହେଉଛି ସାମ୍ବାଦିକ ଗଣମାଧମର ଅଂଶ ସିନା, ଏହାର ମାଲିକାନା ଅନ୍ୟ କାହା ପାଖରେ ଥାଏ। କିଛି ସାମ୍ବାଦିକ ଦରମା ପାଇଥାଆନ୍ତି ତ ଆଉ କିଛି ମାଗଣା ଖଟନ୍ତି।

ଏଇତ ଆମର ବିଡମ୍ବନା । କେଉଁଠି କେଉଁଠି ଦାରିଦ୍ର୍ୟର କଷାଘାତରେ ପେଷି ହୋଇ ରୋଗ, ଶୋକ ଓ ମୃତ୍ୟୁକୁ ଆଦରି ନିଏ ସାମ୍ବାଦିକ। କେଉଁଠି ପିଲା ବିକ୍ରି ତ କେଉଁଠି ମାଦକଦ୍ରବ୍ୟ ସାଙ୍ଗରେ ରାଜନୈତିକ ହିଂସା, ଏସବୁର ସତ୍ୟନିଷ୍ଠ ଖବର ରଖିବାରେ ଦରଦୀ ବନ୍ଧୁଟିଏ ହେଉଛି ଗଣମାଧ୍ୟମ। ଯିଏ ଅହରହ ଜନତାଙ୍କ ପାଖରେ ରହି ଗଣତନ୍ତ୍ରର ମୂଲ୍ୟବୋଧକୁ ବଞ୍ଚାଇବାକୁ ଚେଷ୍ଟାକରେ।

ଚତୁର୍ଥ ସ୍ତମ୍ଭ ଗଣମାଧମର ଉତ୍ତର ଦାୟିତ୍ୱ ସବୁଠାରୁ ବେଶି। ବର୍ତ୍ତମାନ ଯୁଗରେ ସମ୍ବାଦ ଓ ସାମ୍ବାଦିକତାର ଗୁରୁତ୍ୱ ଯଥେଷ୍ଟ। ସମୟ ଥିଲା ପ୍ରସ୍ତର ଯୁଗରେ ମନୁଷ୍ୟ ତାର ଲିପି ପଥର ଉପରେ ଖୋଦିତ କରୁଥିଲା, କ୍ରମେ ତାଳପତ୍ର ଓ ଭୁଜପତ୍ରରେ ସାହିତ୍ୟ ଓ ସଂସ୍କୃତି ସଂରକ୍ଷଣର ଏକମାତ୍ର ମାଧ୍ୟମ ପାଲଟିଥିଲା। ମୁଦ୍ରଣ ଯନ୍ତ୍ରର ପରିକଳ୍ପନା ପରେ ଭାରତବର୍ଷରେ ଛାପା କାର୍ଯ୍ୟ ଆରମ୍ଭ ହେଲା। ପ୍ରଥମ ସମ୍ବାଦପତ୍ର ଭାବେ ୧୭୮୦ ଖ୍ରୀ.ଅ.ରେ 'ଦି ବେଙ୍ଗଲ ଗେଜେଟ' ପ୍ରକାଶ ପାଇଲା। ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଅୟଆରମ୍ଭରେ ସମ୍ବାଦପତ୍ରର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ୧୯୧୯ରୁ ୧୯୪୭ ମଧ୍ୟବର୍ତ୍ତୀ ସମୟରେ ଭାରତୀୟ ସମ୍ବାଦପତ୍ର ମହାତ୍ମା ଗାନ୍ଧିଙ୍କ ଲେଖନୀ ଦ୍ୱାରା ସମୃଦ୍ଧ ହୋଇ ସମାଜରେ ଏକ ପରିବର୍ତ୍ତନ ଆଣିଦେଲା। ଗାନ୍ଧିଙ୍କ ଦ୍ୱାରା ଲୋକମାନେ ପ୍ରଭାବିତ ହେଲେ ଫଳରେ ରାଜନୈତିକ ଓ ସାମାଜିକ କ୍ଷେତ୍ରରେ ଯୁଗାନ୍ତକାରୀ ପରିବର୍ତ୍ତନ ଘଟିଲା। ଗାନ୍ଧୀଜୀ ସର୍ବଦା କହୁଥିଲେ ସମ୍ବାଦପତ୍ର ଗୁଡିକ ସର୍ବଦା ନିର୍ଭୀକ ଓ ସତ୍ୟ ସମ୍ବାଦ ପରିବେଷଣ କରିବା ଉଚିତ। ୧୯୩୨ରେ ସେ ଜେଲ୍‌ରେ ଥିବା ସମୟରେ 'ହରିଜନ' ପତ୍ରିକାର ଆରମ୍ଭ କରିଥିଲେ।

ଓଡ଼ିଆ ଭାଷାର ପ୍ରଥମ ପତ୍ରିକା 'ଜ୍ଞାନାରୁଣ' । ପରେ 'ସରକାରୀ ଗେଜେଟ୍'। ୧୮୫୬ରେ ପ୍ରକାଶ ପାଇଲା ପ୍ରବୋଧ ଚନ୍ଦ୍ରିକା। ତାହା ପ୍ରକୃତରେ ଥିଲା ଓଡିଆ ଭାଷାର ପ୍ରଥମ ସାହିତ୍ୟ ପତ୍ରିକା। ୧୮୬୬ ମସିହାରେ ନଅଙ୍କ ଦୁର୍ଭିକ୍ଷ ସମୟରେ ଜନ୍ମ ନେଲା ସ୍ୱଦେଶୀ ପତ୍ରିକା 'ଉତ୍କଳ ଦୀପିକା'। ଯାହାର ପ୍ରତିଷ୍ଠାତା ସଂପାଦକ ଥିଲେ କର୍ମବୀର ଗୌରୀଶଙ୍କର ରାୟ।

ସମ୍ବାଦପତ୍ର ହେଉଛି ଦେଶ ଓ ସମାଜ ଗଢ଼ିବାର ଏକ ଦୁର୍ବାର ଅମୋଘ ଅସ୍ତ୍ର। ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ତାର ଯଥାର୍ଥ ଉପଯୋଗିତାକୁ ବିନିଯୋଗ କଲେ ଦେଶ, ଜାତି ଓ ବିଶ୍ୱର ସମାଜ କଲ୍ୟାଣ ସାଧିତ ହେବ। ସୁସ୍ଥ ସମାଜ ତଥା ଉନ୍ନତ ରାଷ୍ଟ୍ର ଗଠନରେ ସମ୍ବାଦପତ୍ର ଓ ସାମ୍ବାଦିକଙ୍କ ଭୂମିକା ଯେ ସ୍ୱତନ୍ତ୍ର ଏହା ସ୍ୱୀକାର୍ଯ୍ୟ।

ପାରାଦ୍ୱୀପଗଡ, କୁଜଙ୍ଗ, ଜଗତ୍‌ସିଂହପୁର
ମୋ - ୯୯୩୭୬୯୧୪୭୫

ପ୍ରତିନିଧିତ୍ୱରୁ ସଶକ୍ତିକରଣ ପର୍ଯ୍ୟନ୍ତ

ଗୋପାଳ ମହାପାତ୍ର

"ସଂସଦ ଏବଂ ରାଜ୍ୟଗୁଡ଼ିକର ବିଧାନସଭା ମାନଙ୍କରେ ମହିଳାଙ୍କ ପ୍ରତିନିଧିତ୍ୱ ସୀମିତ ରହିବାକୁ କେବଳ ଅସମାନତା କୁହାଯାଇପାରିବନାହିଁ ବରଂ ଏହା ଗଣତନ୍ତ୍ରର ଗୁଣବତ୍ତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଯେତେବେଳେ ନିର୍ଣ୍ଣୟ ନେଉଥିବା ସଂସ୍ଥାମାନଙ୍କରେ ମହିଳାଙ୍କ ଭାଗିଦାରୀ କମ୍ ହୋଇଥାଏ ସେତେବେଳେ ଆଇନ ବା ନୀତିରେ ସେମାନଙ୍କ ଆବଶ୍ୟକତା ଏବଂ ଦୃଷ୍ଟିକୋଣର ସମୁଚିତ ପ୍ରତିବିମ୍ବ ଦେଖାଯିବ କିପରି ? ଭାରତରେ ମହିଳାମାନଙ୍କର ରାଜନୀତିରେ ଭାଗିଦାରୀର ଇତିହାସ ରହିଛି। ଅନେକ ସଂଘର୍ଷ ପରେ ଧୀରେ ଧୀରେ ମହିଳାଙ୍କ ଭାଗିଦାରୀ ବଢ଼ିବାରେ ଲାଗିଛି।"

ଭାରତ ଭଳି ବିଶାଳ ଗଣତନ୍ତ୍ରରେ ମହିଳାମାନଙ୍କ ସଂଖ୍ୟା ପାଖାପାଖି ଅଧା କିନ୍ତୁ ରାଜନୀତିରେ ସେମାନଙ୍କ ପ୍ରତିନିଧିତ୍ୱ ସୀମିତ ରହିଛି। ଏହି ଅସନ୍ତୁଳନକୁ ଦୂର କରିବା ପାଇଁ କେନ୍ଦ୍ର ସରକାର ନାରୀ ଶକ୍ତି ବନ୍ଦନ ଅଧିନିୟମ ସଂସଦରେ ଆଗତ କରିଥିଲେ। ଏହି ଅଧିନିୟମ ବା ବିଧେୟକ ସଂସଦର ଉଭୟ ସଦନ (ରାଜ୍ୟସଭା ଓ ଲୋକସଭା)ରେ ଗୃହୀତ ହୋଇପାରିନାହିଁ। ଏହା ଏକ ଐତିହାସିକ ପଦକ୍ଷେପ ହୋଇଥାନ୍ତା ନିଶ୍ଚୟ। ଏହି ଅଧିନିୟମରେ ଲୋକସଭା ଏବଂ ରାଜ୍ୟମାନଙ୍କର ବିଧାନସଭାରେ ମହିଳାମାନଙ୍କ ପାଇଁ ୩୩ ପ୍ରତିଶତ ଆରକ୍ଷଣର ପ୍ରାବଧାନ ରହିଥିଲା । ଏହି ଅଧିନିୟମ ଗୃହୀତ ହୋଇନଥିଲେ ମଧ୍ୟ ୨୦୨୩ରେ ସଂସଦରେ ଗୃହୀତ ବିଧେୟକକୁ କାର୍ଯ୍ୟକାରୀ କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଏହା କେବଳ ଆସନ ସଂରକ୍ଷଣ ନୁହେଁ ବରଂ ଗଣତନ୍ତ୍ରକୁ ଅଧିକ ସମାବେଶୀ କରିବା ଦିଗରେ ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ହୋଇଥାନ୍ତା। ଯଦି ମହିଳାମାନେ ନୀତି ନିର୍ମାଣରେ ଅଧିକ ସଂଖ୍ୟାରେ ସାମିଲ ହେବେ ତେବେ ଶିକ୍ଷା, ସ୍ୱାସ୍ଥ୍ୟ, ପୋଷଣ ଏବଂ ସାମାଜିକ ସୁରକ୍ଷା ଭଳି ପ୍ରସଙ୍ଗରେ ଅଧିକ ସମ୍ବେଦନଶୀଳ ଏବଂ ପ୍ରଭାବୀ ନିର୍ଣ୍ଣୟ ନିଆଯାଇପାରିବ। ଯଦିଓ ଏହି ଅଧିନିୟମ ସଂସଦର ଉଭୟ ସଦନରେ ଗୃହୀତ ହୋଇନାହିଁ। କିନ୍ତୁ ଏହାର କାର୍ଯ୍ୟକାରିତା ଜନଗଣନା ଏବଂ ପରିସୀମନର ପ୍ରକ୍ରିୟା ସହ ଯୋଡି ହୋଇ ରହିଛି। ଅର୍ଥାତ୍ ଏହି ଅଧିନିୟମ କାର୍ଯ୍ୟକାରୀ ହେବା ପାଇଁ ସମୟ ଲାଗିପାରେ। ଏହି ବିଳମ୍ବ । କେଉଁଠି ନା କେଉଁଠି ଏହାର ତତ୍କାଳ ପ୍ରଭାବଶୀଳତା ଉପରେ ପ୍ରଶ୍ନ ଚିହ୍ନ ଲଗାଇ ଦେଇଛି। କେବଳ ଆଇନ ପ୍ରଣୟନ ହୋଇଗଲେ ମହିଳାମାନଙ୍କ ପ୍ରତିନିଧିତ୍ୱ ଯେ ବଢିଯିବ ତା ନୁହେଁ।

ଆଇନର ପ୍ରଣୟନ ହେଲେ ମଧ୍ୟ ଏହାର କାର୍ଯ୍ୟକାରିତାକୁ ନେଇ ଅନେକ ବାଧା ରହିଛି। ଏବେବି ସମାଜରେ ପିତୃସତ୍ତାତ୍ମକ ବିଚାର ଓ ମାନସିକତା ରହିଛି। ରାଜନୈତିକ ଦଳଙ୍କ ଟିକେଟ ବିତରଣରେ ଅସମାନତା, ନିର୍ବାଚନୀ ଖର୍ଚ୍ଚ ଭଳି ପ୍ରସଙ୍ଗ ମଧ୍ୟ ଏ ଦିଗରେ ବାଧକ ସାଜିପାରେ। ଏଣୁ ରାଜନୈତିକ ଦଳମାନେ ମହିଳାମାନଙ୍କୁ ଆଗକୁ ବଢ଼ାଇବା ପାଇଁ ଠୋସ୍ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ଏହି ନାରୀ ଶକ୍ତି ବନ୍ଦନ ଅଧିନିୟମ ରାଜନୈତିକ ଦଳମାନଙ୍କ ବାସ୍ତବିକ ପ୍ରତିବଦ୍ଧତା ପାଇଁ ଏକ ପରୀକ୍ଷା ନିଶ୍ଚୟ। ରାଜନୈତିକ ଦଳମାନେ କ'ଣ କେବଳ ମହିଳାଙ୍କ ପାଇଁ ଆରକ୍ଷିତ ଆସନରେ ସୀମିତ ରହିଯିବେ ନା ସାଧାରଣ ଆସନରେ ମଧ୍ୟ ମହିଳାମାନଙ୍କୁ ପର୍ଯ୍ୟାପ୍ତ ସୁଯୋଗ ଦେବେ? ଏହା ହିଁ ଆଇନର ସଫଳତାର ଅସଲ ପରୀକ୍ଷା ହେବ।

ନାରୀ ଶକ୍ତି ବନ୍ଦନ ଅଧିନିୟମ ଭାରତୀୟ ଗଣତନ୍ତ୍ରକୁ ଅଧିକ ନ୍ୟାୟପୂର୍ଣ୍ଣ ଏବଂ ସନ୍ତୁଳିତ କରିବା ଦିଗରେ ଏକ ମାଇଲଖୁଣ୍ଟ ସଦୃଶ। କିନ୍ତୁ ଏହାର ସଫଳତା କେବଳ ଆଇନ୍ ପ୍ରଣୟନ ହେଲେ ସମ୍ଭବ ନୁହେଁ ଆଇନ୍‌ର

ପ୍ରଭାବୀ କ୍ରିୟାନ୍ୱୟନ ଏବଂ ସାମାଜିକ ମାନସିକତାରେ ପରିବର୍ତ୍ତନ ଉପରେ ନିର୍ଭର କରେ। ଯଦି ଆଇନ ଠିକ୍ ଭାବରେ କାର୍ଯ୍ୟକାରୀ ହୁଏ ତେବେ ଏହା ଭାରତୀୟ ରାଜନୀତିରେ ମହିଳାମାନଙ୍କ ଭୂମିକାକୁ ଶୀର୍ଷରେ ପହଞ୍ଚାଇ ପାରିବ।

ସଂସଦ ଏବଂ ରାଜ୍ୟମାନଙ୍କର ବିଧାନସଭାମାନଙ୍କରେ ମହିଳାଙ୍କ ପ୍ରତିନିଧିତ୍ୱ ସୀମିତ ରହିବାକୁ କେବଳ ଅସମାନତା କୁହାଯାଇପାରିବନାହିଁ ବରଂ ଏହା ଗଣତନ୍ତ୍ରର ଗୁଣବତ୍ତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଯେତେବେଳେ ନିର୍ଣ୍ଣୟ ନେଉଥିବା ସଂସ୍ଥାମାନଙ୍କରେ ମହିଳାଙ୍କ ଭାଗିଦାରୀ କମ୍ ହୋଇଥାଏ ସେତେବେଳେ ଆଇନ ବା ନୀତିରେ ସେମାନଙ୍କ ଆବଶ୍ୟକତା ଏବଂ ଦୃଷ୍ଟିକୋଣର ସମୁଚିତ ପ୍ରତିବିମ୍ବ ଦେଖାଯିବ କିପରି ? ଭାରତରେ ମହିଳାମାନଙ୍କର ରାଜନୀତିରେ ଭାଗିଦାରୀର ଇତିହାସ ରହିଛି। ଅନେକ ସଂଘର୍ଷ ପରେ ଧୀରେ ଧୀରେ ମହିଳାଙ୍କ ଭାଗିଦାରୀ ବଢ଼ିବାରେ ଲାଗିଛି। ପଞ୍ଚାୟତ ଠାରୁ ନଗରନିଗମ ପର୍ଯ୍ୟନ୍ତ ୩୩ ପ୍ରତିଶତ ଆରକ୍ଷଣ ନିଶ୍ଚିତ ଭାବରେ ମହିଳାଙ୍କ ଭାଗିଦାରୀ ବଢ଼ାଇଛି। ଗ୍ରାମାଞ୍ଚଳରେ ମଧ୍ୟ ମହିଳାଙ୍କ ନେତୃତ୍ୱ ବଢ଼ିଛି ହେଲେ ରାଷ୍ଟ୍ରୀୟ ଏବଂ ରାଜ୍ୟସ୍ତରରେ ଏ ପର୍ଯ୍ୟନ୍ତ ସ୍ଥିତି ବା ମହିଳାଙ୍କ ଭାଗିଦାରୀ ବଢିପାରିନାହିଁ। ସଂସଦରେ ମଧ୍ୟ ମହିଳାଙ୍କ ସଂଖ୍ୟା କମ୍। ଏଥିରୁ ସ୍ପଷ୍ଟ ଯେ ରାଜନୈତିକ ଦଳମାନେ ମହିଳାମାନଙ୍କୁ ଅଧିକ ଗୁରୁତ୍ୱ ଦେଉନାହାନ୍ତି।

ଏହି ଅସନ୍ତୁଳନ ପଛରେ ଅନେକ କାରଣ ରହିଛି ଯଥା - ସାମାଜିକ ରୁଢ଼ିବାଦିତା, ଆର୍ଥିକ ନିର୍ଭରତା, ଶିକ୍ଷା ଏବଂ ସୁବିଧା ସୁଯୋଗର ଅଭାବ ଓ ରାଜନୀତିରେ ଅପରାଧୀକରଣ ବୃଦ୍ଧି ସାଙ୍ଗକୁ ଧନବଳ। ଅନେକ କ୍ଷେତ୍ରରେ ନିର୍ବାଚନ ଲଢିବା ପାଇଁ ମହିଳାମାନଙ୍କୁ ଆବଶ୍ୟକ ସଂସାଧନ ଏବଂ ସମର୍ଥନ ମିଳି ନ ଥାଏ। ରାଜନୈତିକ ଦଳମାନେ ମଧ୍ୟ ମହିଳାମାନଙ୍କୁ ୱିନିଙ୍ଗ କ୍ୟାଣ୍ଡିଡ଼େଟ ବା ନିଶ୍ଚିତ ଭାବେ ଜିତିବା ପ୍ରାର୍ଥୀ ବୋଲି ଭାବୁନାହାନ୍ତି। ଟିକେଟ ବଣ୍ଟନ କ୍ଷେତ୍ରରେ ମଧ୍ୟ ରାଜନୈତିକ ଦଳମାନେ ମହିଳାଙ୍କ ସହ ଭେଦଭାବ କରୁଛନ୍ତି। ମହିଳା ଆରକ୍ଷଣ ଆଇନ ସରକାର କାର୍ଯ୍ୟକାରୀ କରିବା ପ୍ରୟାସରେ। ତାହା ମହିଳାମାନଙ୍କ ମନରେ ଆଶାର ସଞ୍ଚାର କରିଛି। ସଂସଦ ଓ ବିଧାନ ସଭାରେ ମହିଳାଙ୍କ ନେତୃତ୍ୱ ବଢ଼ିଲେ ନୀତି ନିର୍ମାଣରେ ସନ୍ତୁଳନ ଆସିବ।

କେବଳ ଆରକ୍ଷଣ ସମାଧାନ ନୁହେଁ। ମହିଳା ମାନଙ୍କୁ ସଶକ୍ତ କରିବା ପାଇଁ ଶିକ୍ଷା, ଆର୍ଥିକ ସ୍ୱାଧୀନତା ଏବଂ ସାମାଜିକ ବିଚାରଧାରାର ପରିବର୍ତ୍ତନ ଆବଶ୍ୟକ।

ସମାଜକୁ ମଧ୍ୟ ମହିଳାଙ୍କ ନେତୃତ୍ୱକୁ ସ୍ୱୀକାର କରିବାର ମାନସିକତା ଆପଣେଇବାକୁ ପଡିବ। ଏକ ସଶକ୍ତ ଗଣତନ୍ତ୍ର ତାକୁ କୁହାଯାଏ ଯେଉଁଠାରେ ସବୁବର୍ଗର ସ୍ୱରକୁ ସମାନ ଭାବରେ ଶୁଣାଯାଏ। ମହିଳାମାନଙ୍କ ଭାଗିଦାରୀ ବଢ଼ିବା କେବଳ ସେମାନଙ୍କ ଅଧିକାର ନୁହେଁ, ଏହା ସମଗ୍ର ବିକାଶ ଏବଂ ଉତ୍ତମ ଶାସନ ବ୍ୟବସ୍ଥା ପାଇଁ ଅନିବାର୍ଯ୍ୟ।

ରାମଚନ୍ଦ୍ରପୁର, ରଣପୁର
ମୋ:୯୪୩୮୪୮୫୦୯୪

ଏବେ ଜିତୁ ମୁଣ୍ଡାଙ୍କ ପାଳି

ରବୀନ୍ଦ୍ରନାଥ ଯୋଷୀ

"ଆମ ରାଜ୍ୟ ଓଡ଼ିଶାରେ ଏଭଳି ଉଦାହରଣର ଅଭାବ ନାହିଁ । ଆଜକୁ ଦଶ ବର୍ଷ ତଳେ ୨୦୧୬ ମସିହାରେ ସ୍ୱାସ୍ଥ୍ୟକେନ୍ଦ୍ରରୁ ଶବ ନେବା ପାଇଁ ଗାଡ଼ି ଭଡ଼ା ଦେବାର ଅସାମର୍ଥ୍ୟତା ପାଇଁ ଏକଦା କଳାହାଣ୍ଡି ଜିଲ୍ଲାର ସରଳ ନିରୀହ ଦାନ ମାଝୀ ମୃତ ସ୍ତ୍ରୀର ଶବକୁ କାନ୍ଧେଇ କିଲୋମିଟର କିଲୋମିଟର ଦୂର ନିଜ ଗାଁକୁ ବୋହିବାକୁ ପଡ଼ିଛି । ସେଦିନ ଏ ଘଟଣା ସମଗ୍ର ଦେଶରେ ଆଲୋଚନାର ମୁଖ୍ୟ କେନ୍ଦ୍ରବିନ୍ଦୁ ପାଲଟିଥିଲା । ପଛୁଆ ଓ ଅନଗ୍ରସର ଜିଲ୍ଲାମାନଙ୍କରେ ସ୍ୱାସ୍ଥ୍ୟସେବାର ଏଭଳି ବିକଳ ଚିତ୍ର ସମଗ୍ର ଦେଶରେ ଚର୍ଚ୍ଚିତ ହୋଇ ଥିଲା । ତାପରେ କ'ଣ ଏଭଳି ଲୋମହର୍ଷଣକାରୀ ଘଟଣାର ପୁନରାବୃତ୍ତି ହୋଇନାହିଁ ? ଆଜି ବି ଅନେକ ଗର୍ଭବତୀ ସ୍ତ୍ରୀ ଖଟିଆରେ ବୁହା ହୋଇ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଛନ୍ତି । କିଏ ଦୋଳାରେ ନଇ ପାର ହୋଇ ଆସୁଛି ତ କିଏ କାଦୁଅ ସରସର ରାସ୍ତାରେ ବୁହା ହୋଇଆସୁଛି ।"

ସମୟ ବଦଳି ଯାଇଛି । ଆମେ ଆଉ ଅପାଠୁଆ ନୋହୁଁ । ଗାଁରୁ ସହର ସବୁଠି ବିକାଶ ପହଞ୍ଚିଛି । ଗାଁର ରାସ୍ତାଘାଟ ପିଚୁ ହୋଇଛି । ଆମ ଗାଁ ବିଦ୍ୟାଳୟରେ ଶିକ୍ଷକ ଥାଆନ୍ତୁ ନ ଥାଆନ୍ତୁ ରଙ୍ଗ ଦିଆ ହୋଇ ଚକଚକ ଦିଶୁଛି । ଯୁବକଠୁ, ମହିଳା, ବୃଦ୍ଧବୃଦ୍ଧା ସମସ୍ତଙ୍କ ହାତରେ ସ୍ମାର୍ଟ ଫୋନ । ମାଗଣା ରାସନ ସହିତ ମହିଳାଙ୍କ ଖାତାରେ କେତେ କଣ ମାଗଣା ଟଙ୍କା ଜମା ହେଉଛି । ଆମ ମା' ଭଉଣୀ ସଚେତନ ହୋଇଛନ୍ତି । ସଭାସମିତି ଯେଉଁଠି ଦେଖନ୍ତୁ ମହିଳାମାନେ ଆଗରେ । ବିକଶିତ ହେଉଛି ଭାରତ ଓ ସମୃଦ୍ଧ ଘଟୁଛି ଆମ ପ୍ରିୟ ଓଡ଼ିଶା ମାଟିର । ବିଶ୍ୱ ଅର୍ଥନୀତିରେ ଭାରତ ଶ୍ରେଷ୍ଠତମ ଆସନର ଅଧିକାରୀ ହେବାକୁ ଯାଉଛି। ଆମେ ସମସ୍ତେ ପ୍ରତ୍ୟହ ଗଣମାଧ୍ୟମ ଜରିଆରେ ଏହି ଖବର ପାଉଛୁ। ଏହା ଆମକୁ ଖୁସି ଦେଉଛି ନିଶ୍ଚୟ। ନିଜ ଦେଶର,ରାଜ୍ୟର ବିକାଶ ଖବର କାହାକୁ ବା ଖୁସି ଲାଗିବ ନାହିଁ ! ଆମେ ସତରେ ଯଦି ଏହି ବେଗରେ ବିକାଶ କରୁଛେ ତେବେ କାହିଁକି ଫାନସ ଫୁଂଜି,ବନୀତା ପୋଡ, ବାସୀ ମାଝୀ ,ନେପୁର ବେଓ୍ୱା ,ଦାନ ମାଝୀ ଆଉ ଜିତୁ ମୁଣ୍ଡା ଭଳି ନିରୀହ ମଣିଷ ଗଣମାଧ୍ୟମର ମୁଖ୍ୟ ଶିରୋନାମ ପାଲଟନ୍ତି ? ବେଳେବେଳେ ଏହି ଚରିତ୍ରମାନଙ୍କ ଆବିର୍ଭାବ ଘଟେ କାହିଁକି ? ଦୋଷ କାହାର ? ସେମାନଙ୍କ ସରଳତା , ନିରୀହତା ,ଅଜ୍ଞତା ନା ଆମ ମାନସିକତା ଓ ଅମାନବିକତା ? ଆଜି ଜିତୁ ମୁଣ୍ଡାର ପାଳି । ସମଗ୍ର ଦେଶରେ ବହୁଚର୍ଚ୍ଚିତ ଚେହେରା। ଏକ ନିରୀହ ଅପାଠୁଆ ଆଦିବାସୀ ମଣିଷ । କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ଏକ ଅଖ୍ୟାତ ପଲ୍ଲୀର ସାଧାରଣ ମଣିଷଟିଏ। ବ୍ୟାଙ୍କ ଅଧିକାରୀଙ୍କୁ ଭଉଣୀର ମୃତ୍ୟୁ ପ୍ରମାଣପତ୍ର ଦେବାକୁ ଯାଇ ତିନିମାସ ତଳେ ଶ୍ମଶାନର ମାଟିତଳେ ଶୁଆଇ ଦେଇଥିବା ଭଉଣୀର ଗଳିତ ଶବକୁ ଉଠାଇ ଆଣିବାକୁ ବାଧ୍ୟ ହୋଇଛନ୍ତି ସେ । ବ୍ୟାଙ୍କର ବିଧି ବ୍ୟବସ୍ଥାର ତାଡ଼ନାରେ ଜିତୁ ମୁଣ୍ଡା ବାଧ୍ୟ ହୋଇଛନ୍ତି ଏଭଳି ଏକ ଅପ୍ରୀତିକର କାର୍ଯ୍ୟ କରିବା ପାଇଁ। ମୃତ ଭଉଣୀର ଜମାଖାତାରେ ଥିବା କେଇଟା ଟଙ୍କା ଉଠାଣ ପାଇଁ ବାରମ୍ବାର ବ୍ୟାଙ୍କକୁ ଦୌଡ଼ିଛନ୍ତି, ଅଧିକାରୀଙ୍କୁ ନେହୁରା ହୋଇଛନ୍ତି କିନ୍ତୁ ତାଙ୍କ ଆକୁଳ ନିବେଦନ କାହା ହୃଦୟରେ ସାମାନ୍ୟ କମ୍ପନ ସୃଷ୍ଟି କରିପାରିନାହିଁ। ବାରମ୍ବାର ବ୍ୟାଙ୍କକୁ ଦୌଡ଼ିବା ଓ ସେଠାରେ କାହାଠାରୁ ସାମାନ୍ୟତମ ସହାନୁଭୂତି ଟିକକ ମଧ୍ୟ ନ ପାଇବା ତାଙ୍କୁ ନିଶ୍ଚୟ ବ୍ୟଥିତ କରିଛି । ଅନ୍ୟ ଉପାୟ ନ ପାଇ ବାଧ୍ୟ ହୋଇଛନ୍ତି ମଶାଣିରୁ ଭଉଣୀର କଙ୍କାଳ ଧରି ବ୍ୟାଙ୍କକୁ ଆସିବାକୁ। ଭଉଣୀର ମୃତ୍ୟୁ ପ୍ରମାଣପତ୍ର ସଂଗ୍ରହ କରିବା ଅଥବା ଉତ୍ତରାଧିକାରୀ ପ୍ରମାଣପତ୍ର ଯୋଗାଡ଼ କରିବାର ଯେଉଁ ଆଇନଗତ ହରକତ ଠାରୁ ସେ ଶ୍ରେୟ ମଣିଛନ୍ତି ବରଂ ମଶାଣିରୁ ଭଉଣୀର ଗଳିତ ଶବ ଉଠାଇଆଣି ବ୍ୟାଙ୍କ ଅଧିକାରୀଙ୍କୁ ଭଉଣୀ କାଲୋ ମୁଣ୍ଡାର ମୃତ୍ୟୁର ପ୍ରମାଣ ଦେବା ପାଇଁ ।

ସମାଜବାଦ ଉପରେ ବିଶ୍ୱାସ ରଖୁଥିବା ଆମ ଦେଶରେ ବା ରାଜ୍ୟରେ ପରିଚାଳିତ ହେଉଥିବା ଶାସକୀୟ ବ୍ୟବସ୍ଥା କିପରି ସାଧାରଣ ନାଗରିକଙ୍କୁ ନ୍ୟାୟ ପ୍ରଦାନ କରିବାରେ ବିଫଳ ହୋଇଛି , ଏ ଘଟଣା ହେଉଛି ତାର ଏକ ନଗ୍ନ ନମୁନା ବୋଲି କୁହାଯାଇପାରେ।

ଅବଶ୍ୟ ସଂପୃକ୍ତ ବ୍ୟାଙ୍କ ଅଧିକାରୀ ବ୍ୟାଙ୍କର ଆଚରଣ ବିଧି ପାଳନ କରିବା ପାଇଁ ବାଧ୍ୟ । କିନ୍ତୁ ଜଣେ ନିରୀହ,ଅପାଠୁଆ ଅଥଚ କପଟତାହୀନ ଜିତୁ ମୁଣ୍ଡାଙ୍କୁ ଯେ ସଭ୍ୟ ସମାଜର ମାନବିକତା ଓ ମାନସିକତାର ସହଯୋଗ ମିଳିଥିଲେ ହୁଏତ ଏଭଳି ଏକ ହୃଦୟ ବିଦାରକ ଘଟଣାକୁ ଏଡ଼ାଇ ଦିଆଯାଇପାରିଥାନ୍ତା। ଓଡ଼ିଆ ଅସ୍ମିତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇନଥାନ୍ତା। ଆଜି ଓଡ଼ିଆଙ୍କୁ ପୁନର୍ବାର ନିନ୍ଦିତ ହେବାକୁ ପଡ଼ିନଥାନ୍ତା। ଏହା ଏକ ବିରଳ ଘଟଣା। କିନ୍ତୁ ସରକାରୀ ବିଧିବ୍ୟବସ୍ଥା ଭିତରେ ଅନେକ ନିରୀହ ଯେ ବାଟ ନ ପାଇ ଏଭଳି କିଛି ଅଘଟଣ ଘଟାଇବା ପାଇଁ ବାଧ୍ୟ ହୋଇଛନ୍ତି ବୋଲି କୁହାଯାଇପାରେ।

ଆମ ରାଜ୍ୟ ଓଡ଼ିଶାରେ ଏଭଳି ଉଦାହରଣର ଅଭାବ ନାହିଁ । ଆଜକୁ ଦଶ ବର୍ଷ ତଳେ ୨୦୧୬ ମସିହାରେ ସ୍ୱାସ୍ଥ୍ୟକେନ୍ଦ୍ରରୁ ଶବ ନେବା ପାଇଁ ଗାଡ଼ି ଭଡ଼ା ଦେବାର ଅସାମର୍ଥ୍ୟତା ପାଇଁ ଏକଦା କଳାହାଣ୍ଡି ଜିଲ୍ଲାର ସରଳ ନିରୀହ ଦାନ ମାଝୀ ମୃତ ସ୍ତ୍ରୀର ଶବକୁ କାନ୍ଧେଇ କିଲୋମିଟର କିଲୋମିଟର ଦୂର ନିଜ ଗାଁକୁ ବୋହିବାକୁ ପଡ଼ିଛି। ସେଦିନ ଏ ଘଟଣା ସମଗ୍ର ଦେଶରେ ଆଲୋଚନାର ମୁଖ୍ୟ କେନ୍ଦ୍ରବିନ୍ଦୁ ପାଲଟିଥିଲା। ଅଭାବୀ ଓ ଦରିଦ୍ର ମଣିଷମାନଙ୍କ ପାଇଁ ଯୋଜନା ଓ ଆଇନ ପ୍ରଣୀତ ହେଉଥିବା ପବିତ୍ର ଲୋକସଭା ଓ ରାଜ୍ୟ ବିଧାନସଭାରେ ଏ ଘଟଣା ସେଦିନ ନିଶ୍ଚୟ ଆଲୋଚନାର ପରିସରକୁ ଆସିଥିବ। ପଛୁଆ ଓ ଅନଗ୍ରସର ଜିଲ୍ଲାମାନଙ୍କରେ ସ୍ୱାସ୍ଥ୍ୟସେବାର ଏଭଳି ବିକଳ ଚିତ୍ର ସମଗ୍ର ଦେଶରେ ଚର୍ଚ୍ଚିତ ହୋଇ ଥିଲା। ତାପରେ ବି କ'ଣ ଏଭଳି ଲୋମହର୍ଷଣକାରୀ ଘଟଣାର ପୁନରାବୃତ୍ତି ହୋଇନାହିଁ ? ଆଜି ବି ଅନେକ ଗର୍ଭବତୀ ସ୍ତ୍ରୀ ଖଟିଆରେ ବୁହା ହୋଇ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଛନ୍ତି । କିଏ ଦୋଳାରେ ନଇ ପାର ହୋଇ ଆସୁଛି ତ କିଏ କାଦୁଅ ସରସର ରାସ୍ତାରେ ବୁହା ହୋଇଆସୁଛି। କିଏ ସ୍ୱାସ୍ଥ୍ୟକେନ୍ଦ୍ର ପହଂଚିବା ପୂର୍ବରୁ ରାସ୍ତା କଡ଼ରେ ପ୍ରସବ କରିବାକୁ ବାଧ୍ୟ ହେଉଛି। ଆଜି ଏଭଳି ଅନେକ ଘଟଣା ପ୍ରତ୍ୟହ ବିଭିନ୍ନ ଗଣମାଧ୍ୟମର ପୃଷ୍ଠା ମଣ୍ଡିତ ହେଉଛି । କିଛି ଘଟଣା ଲୋକଲୋଚନକୁ ବି ଆସୁନାହିଁ । ଏକଦା ନୂଆପଡ଼ା ଜିଲ୍ଲାରର ବହୁ ଚର୍ଚ୍ଚିତ ଅନାହାର ପୀଡ଼ିତା ଭଉଣୀ ନେପୁର ମାଝୀର ଶବକୁ ଘୋଷାଡ଼ି ଘୋଷାଡ଼ି ନେଇ ନିକଟସ୍ଥ ଜଂଗଲରେ ଫିଙ୍ଗିବାକୁ ବାଧ୍ୟ ହୋଇଥିଲା ବୃଦ୍ଧ ଭୁରୁଷା ମାଝୀ । ଏହି ଘଟଣାର ତିନି ମାସ ପୂର୍ବରୁ ନେପୁରର ଝିଅ ବାସୀ ମାଝୀର ଅନାହାର ମୃତ୍ୟୁ ଅଭିଯୋଗ ହୋଇଥିଲେ ମଧ୍ୟ ଗୋଟିଏ ଛାତ ତଳେ ମୁଣ୍ଡ ଗୁଞ୍ଜିଥିବା ନେପୁରକୁ ପୁଣି ଅନାହାରରେ ମରିବାକୁ ପଡ଼ିଲା କାହିଁକି ? ବାସୀ ମାଝୀର ଅନାହାର ମୃତ୍ୟୁ ଅଭିଯୋଗର ତଦନ୍ତ କରିବା ପାଇଁ ଆସିଥିବା ତଦନ୍ତକାରୀ ଅଧିକାରୀ କ'ଣ ନେପୁରର ଅବସ୍ଥା ବୁଝିପାରିନଥିଲେ ? ଏହା ପୂର୍ବରୁ ବି କେତେବେଳେ କିଏ ଅଭାବରେ , ଅନଟନରେ ନିଜ ନଣନ୍ଦକୁ ବିକେ କିଏ ନିଜ ପୁଅକୁ ତ କିଏ ନିଜ ଝିଅକୁ ବିକେ କେବଳ ଭୋକର ଦାଉରେ। ଅଭାବରେ କିଏ କନ୍ଦମୂଳ ଖାଏ ,କିଏ ଖାଏ ଆମ୍ବ ଟାକୁଆ । ପେଟ ଚାଖଣ୍ଡକ ପାଇଁ କିଏ ବିଦେଶରେ ବନ୍ଧା ପଡ଼େ । ଏସବୁ ଘଟଣା ନୂଆ ନୁହେଁ। ଏଭଳି ଘଟଣା ଆଗରୁ ଅନେକ ଥର ଘଟି ଆସିଛି। ଅବଶ୍ୟ ଏବେ ଭୋକରେ, ଉପାସରେ ଅନାହାରରେ ମରିବା ଭଳି ଘଟଣା ଖବରକାଗଜରେ ସ୍ଥାନିତ ହେବା କମିଯାଇଛି।

କିନ୍ତୁ ସାଧାରଣ ଲୋକଙ୍କ ଜୀବନଯାତ୍ରା ଯେ କେତେ ସରଳ ହୋଇଛି କି ସହଜ ହୋଇଛି ଏହା ଜିତୁ ମୁଣ୍ଡାଙ୍କ ଏହି ଜୀବନ ଗାଥାରୁ ସ୍ପଷ୍ଟ ଅନୁମେୟ। ଆଜି ଯେକୌଣସି କାର୍ଯ୍ୟାଳୟରେ କୌଣସି ବି କାଗଜାତ ପ୍ରସ୍ତୁତ ପାଇଁ ଯେଉଁ ଔପଚାରିକତା ପୂରଣ କରିବାକୁ ପଡ଼ିଥାଏ ତାହା କେତେ ଯେ ବେଦନାଦାୟକ ଅଭିଜ୍ଞ ହିଁ କହିପାରିବ। ନିଜକୁ ନିଜେ ବୋଲି ପ୍ରମାଣିତ କରିବାକୁ ମଧ୍ୟ ଅନ୍ୟ ଅଧିକାରୀମାନଙ୍କ ସାହାଯ୍ୟ ନେବାକୁ ପଡ଼େ। ମିଥ୍ୟା କାଗଜାତ ବଳରେ ଅନେକ ଚତୁର ଓ ଅସାଧୁ କୋଟି କୋଟି ଟଙ୍କା ଲୁଟି ନିଅନ୍ତି ଅଥଚ ନାର୍ଯ୍ୟ ଅଧିକାରରୁ ବି ନୀରିହ ଲୋକଙ୍କୁ ବଂଚିତ ହେବାକୁ ପଡ଼େ । ଆମେ ଆଜି ଏହି ବ୍ୟବସ୍ଥା ସହିତ ଅଭ୍ୟସ୍ତ ହୋଇଗଲୁଣି। ପରଦା ପଛରେ ଅନେକ କଥା ଘଟେ । ବାହାରକୁ ଜଣା ପଡ଼େନା। ବେଳେବେଳେ କିଛି କଥା ଅପ୍ରତ୍ୟାଶିତ ଭାବରେ ବାହାରକୁ ଚାଲି ଆସେ । ଗଣମାଧ୍ୟମରେ ଆଲୋଚନା ହୁଏ। ସଭ୍ୟ ସମାଜରେ ତର୍କବିତର୍କ ହୁଏ । ସରକାରୀ ସ୍ତରରେ ଚହଳ ପଡ଼େ। ପୁଣି ଧୀରେ ଧୀରେ ସବୁ ସ୍ୱାଭାବିକ ହୋଇଯାଏ। ଯେମିତି ଚାଲିବା କଥା ସେମିତି ହିଁ ଚାଲେ, ପୁଣି ଏକ ହଟଚମଟ ନ ହେବା ପର୍ଯ୍ୟନ୍ତ । କିନ୍ତୁ ବ୍ୟବସ୍ଥାଗତ ପରିବର୍ତ୍ତନ ହୁଏ ନା ନାହିଁ ଆମେ ସମସ୍ତେ ହୃଦୟଙ୍ଗମ କରୁ। ନ ହେଲେ ପୁଣି ଜିତୁ ମୁଣ୍ଡା ବୋଧହୁଏ ଚର୍ଚ୍ଚାକୁ ଆସନ୍ତା ନାହିଁ । ସଦ୍ୟ ସ୍ୱାଧୀନତାପ୍ରାପ୍ତ ହୋଇଥିବା ଭାରତରେ ଅଭାବ ଓ ଅସୁବିଧା ରହିଥିଲା । ଶିକ୍ଷାର ବି ଅଭାବ ଥିଲା। ଦେଶର ଆର୍ଥିକ ସ୍ଥିତି ମଧ୍ୟ ଦୁର୍ବଳ ଥିଲା।

ଆମ ଦେଶ ବିଶ୍ୱ ଅର୍ଥନୀତିର ଶୀର୍ଷତମ ସ୍ଥାନ ହାସଲ କରିବାକୁ ଆଉ ମାତ୍ର ଅଳ୍ପ ଦୂରରେ । ତା ସତ୍ତ୍ୱେ ଦେଶର ସାମାଜିକ ପରିସ୍ଥିତି କେଉଁଠି ? ଦେଶରେ ଗରିବ ଓ ଅଭାବୀଙ୍କ ପାଇଁ ଯୋଜନା ଓ ଆଇନର ଅଭାବ ନାହିଁ। ତେବେ ଏଭଳି ଅଭାବନୀୟ ଘଟଣା ବାରମ୍ବାର ଘଟେ କାହିଁକି ? ଆମେ କଣ ତାର ପ୍ରକୃତ କାରଣ ଖୋଜିଛୁ ନା ଖୋଜିବାକୁ ଚେଷ୍ଟା କରିଛୁ ? ସରକାରୀ ଯୋଜନାର ପ୍ରକୃତ ଲାଭ ସେମାନଙ୍କ ନିକଟରେ ପହଞ୍ଚିଛି ନା ବାଟ ହୁଡ଼ିଛି ଆମେ ଜାଣିବାକୁ ଚାହିଁନାହୁଁ ନା ଜାଣିଜାଣି ଅଜଣା ଅଛୁ। ଆମ ସାମାଜିକ ଦାୟିତ୍ୱ ପ୍ରତି ଆମେ ସଚେତନ ଅଛୁ ତ ! କେବଳ ଅଧିକାର ଉପଭୋଗ କଲେ ହେବ ନାହିଁ , ଆମ କର୍ତ୍ତବ୍ୟ ମଧ୍ୟ ପାଳନ କରିବାକୁ ପଡ଼ିବ। ଟେଙ୍ଗିଁ ଶୋଇଛି ଯିଏ ତାକୁ ଉଠାଇବ କିଏ ? ଯଦି ଏହା ଘଟୁଥାଏ ଏଭଳି କେବେ ଦାନ ମାଝୀ ତ କେବେ ଜିତୁ ମୁଣ୍ଡାଙ୍କ ପାଳି ଆସୁଥିବ ଆଉ ଆମେ ନିରବରେ ସବୁ ଦେଖୁଥିବା।

ନୂଆପଡ଼ା ମୋ- ୮୦୧୮୧୮୦୩୮୧

ଭଦ୍ରକରେ ମହିଳା ଆୟୋଗର କ୍ୟାମ୍ପ କୋର୍ଟ: ୩୨ ମାମଲା ଶୁଣାଣି

ଭଦ୍ରକ, ୨ ।୫ (ନିପ୍ର): ଭଦ୍ରକ ଓଡିଶା ରାଜ୍ୟ ମହିଳା ଆୟୋଗ ଅଧ୍ୟକ୍ଷା ଶୋଭନା ମହାନ୍ତି ଓ ସଦସ୍ୟା ପ୍ରତିଭା ଶତପଥୀଙ୍କ ନେତୃତ୍ୱରେ ଓଡିଶା ରାଜ୍ୟ ମହିଳା ଆୟୋଗର ଏକ ଦଳ

ଭଦ୍ରକ କଲେକ୍ଟରେଟ୍ ସ୍ଥିତ ସଦ୍‌ଭାବନା ସଭାଗୃହରେ ଏକ କ୍ୟାମ୍ପ କୋର୍ଟ ଆୟୋଜନ ହୋଇଯାଇଛି । ଓଡ଼ିଶା ରାଜ୍ୟ ମହିଳା ଆୟୋଗ ପକ୍ଷରୁ ଭଦ୍ରକ ଜିଲ୍ଲାରେ ଆୟୋଜିତ କ୍ୟାମ୍ପ କୋର୍ଟରେ ମୋଟ ୩୨ଟି ମାମଲା ଶୁଣାଣି ପାଇଁ ଧାର୍ଯ୍ୟ ହୋଇଥିଲା । ଏଥିରୁ ୨୨ଟି ମାମଲାରେ ପକ୍ଷମାନେ ଉପସ୍ଥିତ ହୋଇଥିଲେ । ୮ଟି ମାମଲାରେ ଉଭୟ ପକ୍ଷ, ୮ଟି ମାମଲାରେ କେବଳ ଆବେଦନକାରୀ ଏବଂ ୬ଟି ମାମଲାରେ କେବଳ ବିପକ୍ଷ ପକ୍ଷ ଉପସ୍ଥିତ ହୋଇଥିଲେ ।ଶୁଣାଣି ସମୟରେ ୫ଟି ମାମଲାର ସମାଧାନ ଆପୋସ ମଧ୍ୟମରେ କରାଯାଇଥିବା ବେଳେ ୨ଟି ମାମଲାକୁ ପୁଲିସ ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟକୁ, ୨ଟି ମାମଲାକୁ ସୁରକ୍ଷା ଅଧିକାରୀଙ୍କ ନିକଟକୁ ଏବଂ ୧ଟି ମାମଲାକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କ ନିକଟକୁ ପ୍ରେରଣ କରାଯାଇଥିଲା । ଅନ୍ୟାନ୍ୟ ୧୨ଟି ମାମଲାରେ ପୁନର୍ବାର ପକ୍ଷମାନଙ୍କ ଉପସ୍ଥିତି ପାଇଁ ନୋଟିସ ଜାରି କରାଯାଇଥିଲା ଏହି କ୍ୟାମ୍ପ କୋର୍ଟରେ ନୂତନ ଭାବେ ୪ଟି ମାମଲା ଗ୍ରହଣ କରାଯାଇଛି ।

ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର ୨ କର୍ମଚାରୀଙ୍କ ଅବସର

ରାଉରକେଲା, ୨ ।୫ (ନିପ୍ର): ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ରାଉରକେଲାର କର୍ମଚାରୀ ପ୍ରଦୀପ ମଲ୍ଲିକ ଏବଂ ବଣାଇ କାର୍ଯ୍ୟାଳୟର କର୍ମଚାରୀ ଅକ୍ଷୟ ବେହେରା ନିଜ କାର୍ଯ୍ୟରୁ ଅବସର ଗ୍ରହଣ କରିଛନ୍ତି । ଏହି ଅବସରରେ ରାଉରକେଲା ସ୍ଥିତ କାର୍ଯ୍ୟାଳୟ ପକ୍ଷରୁ ଏକ ବିଦାୟ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା । ସଭାରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୀମା ଫାତିମା ଏକ୍କା ଉଭୟ କର୍ମଚାରୀଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହିତ ତାଙ୍କର ଭବିଷ୍ୟ ସୁଖମୟ ହେଉ ବୋଲି କାମନା କରିଥିଲେ । ସଭାରେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପୁଷ୍ପାଞ୍ଜଳି ସାହୁଙ୍କ ସମେତ କାର୍ଯ୍ୟାଳୟର ଏସଆରଏ ବିନୀତ କର , ପ୍ରାଜେକ୍ସନିଷ୍ଟ ବଦ୍ରିନାଥ, ଭମା ଆହିର, ଯୁଧିଷ୍ଠିର ତ୍ରିପାଠୀ, ସୀତା ପ୍ରଧାନ, ଏଡୱିନ ତିର୍କି ପ୍ରମୁଖ ଉପସ୍ଥତ ଥିଲେ ।

ସାମ୍ବାଦିକଙ୍କୁ ପେନସନ, ସୁରକ୍ଷା ଦାବି

ଭବାନୀପାଟଣା, ୨ ।୫ (ନିପ୍ର): ସରକାର ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଅର୍ଥାତ ଗଣମାଧ୍ୟମ ପ୍ରତିନିଧିଙ୍କୁ ଲଗାତାର ଅଣଦେଖା କରିବା ପ୍ରତିବାଦରେ ସାରା ରାଜ୍ୟରେ ତାତି ଦେଖିବାକୁ ମିଳିଛି । କଳାହାଣ୍ଡି ଜିଲ୍ଲା ସାମ୍ବାଦିକ ୟୁନିୟନ ପକ୍ଷରୁ ଜିଲ୍ଲାପାଳଙ୍କୁ ଆବାସିକ କାର୍ଯ୍ୟାଳୟରେ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଓଡ଼ିଶା

ସାମ୍ବାଦିକ ୟୁନିୟନର ଆହ୍ୱାନ କ୍ରମେ କଳାହାଣ୍ଡି ସାମ୍ବାଦିକ ୟୁନିୟନର କାର୍ଯ୍ୟକାରୀ ସଭାପତି ବିରଞ୍ଚି ନାରାୟଣ ଜାଲ, ସାଧାରଣ ସଂପାଦକ ସନ୍ତୋଷ ସିଂଦେଓଙ୍କ ନେତୃତ୍ୱରେ ଏକ ବିକ୍ଷୋଭ ଶୋଭାଯାତ୍ରା ପରେ ଜିଲ୍ଲାପାଳ ସଚିନ ପାୱାରଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଥିଲେ । ଏହି ଅବସରରେ ବରିଷ୍ଠ ସାମ୍ବାଦିକ ସ୍ୱାଧୀନ ପାତ୍ର, ଲଳିତ କାନୁନଗୋ, ଦେବେନ୍ଦ୍ର ବିଶି, ଅଜିତ ସିଂଙ୍କ ସହିତ ସଙ୍ଘର ଉପସଭାପତି ମନମୋହନ ପ୍ରଧାନ, ଗଜିନ୍ଦ୍ର ସାହୁ, ସଂଗଠନ ସଂପାଦକ ଅଂଶୁମାନ ପାତ୍ର, ସଂପାଦକ ରାଜକୁମାର ସିଂଦେଓ, ଶିବାନନ୍ଦ ନାୟକ, ଭଜଶ୍ୟାମ ସାହୁ, କ୍ଷମାନିଧି ମହାଖୁଡ ପ୍ରମୁଖ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ କୈଳାସ ସାହୁ, ଖଗେଶ୍ୱର ଧଙ୍ଗଡ଼ାମାଝୀ, ସୁଶୀଲ କୁମାର ବାଗ, ସନ୍ତୋଷ ତୁଳ, ରମେଶ ନାୟକ, ଗୋପାଳଦାସ ମହାନନ୍ଦଙ୍କ ସହିତ ଜିଲ୍ଲାର ବିଭିନ୍ନ ବ୍ଲକରୁ ସାମ୍ବାଦିକମାନେ ସାମିଲ ହୋଇଥିଲେ ।

ବଜ୍ରପାତରେ ୭ ବଳଦ ମୃତ

ରାୟଗଡା, ୨ ।୫ (ନିପ୍ର): ସକାଳ ପ୍ରାୟ ୫ ଘଣ୍ଟା ସମୟରେ ରାୟଗଡା ଜିଲ୍ଲାର କାଶୀପୁର ବ୍ଲକ ଅନ୍ତର୍ଗତ ଡଙ୍ଗାସିଲ୍ ଗ୍ରାମ ପଞ୍ଚାୟତର ଗୁଗାନ ଗ୍ରାମରେ ପ୍ରାକୃତିକ ଦୈବୀପକ ଦୁର୍ଘଟଣା

ବଜ୍ରପାତରେ ୭ଗୋଟି ବଳଦ ଓ ଗାଈଙ୍କ ମୃତ୍ୟୁ ଘଟିଛି । ଗ୍ରାମର ଅନାମ ମାଝୀଙ୍କ ୨ଗୋଟି, ବଳଦ, ସୀତା ରାମ ମାଝୀଙ୍କ ବଳଦ, ୨ ଗୋଟି, ଅର୍ଜୁନ ମାଝୀଙ୍କ ବଳଦ ବଛା ୧ ଗୋଟି ଓ ଅସରି ଛଡ଼ା ୧ ଗୋଟି ଓ କୈଳାସ ମାଝୀଙ୍କ ବଳଦ ୧ ଗୋଟି ମୃତ୍ୟୁ ଘଟିଥିବାରୁ ପରିବାରର ଲକ୍ଷାଧିକ ଟଙ୍କାର ଗୋ ସମ୍ପତ୍ତି ନଷ୍ଟ ହୋଇଛି ବୋଲି ପରିବାର ଲୋକ ପ୍ରକାଶ କରିଛନ୍ତି ।

ଶ୍ରମିକଙ୍କ ସୁରକ୍ଷା ଓ ସମୃଦ୍ଧି ପାଇଁ ସରକାର ପ୍ରତିବଦ୍ଧ

ଭଦ୍ରକ, ୨ ।୫ (ନିପ୍ର):ରାଜ୍ୟ ଶ୍ରମ ଓ କର୍ମଚାରୀ ବୀମା ବିଭାଗ ଏବଂ ଭଦ୍ରକ ଜିଲ୍ଲା ପ୍ରଶାସନଙ୍କ ପକ୍ଷରୁ ଚରମ୍ପା ସ୍ଥିତ ମହାରାଜା ଅଗ୍ରସେନ ଭବନରେ ଆନ୍ତର୍ଜାତୀୟ ଶ୍ରମିକ ଦିବସ ଉତ୍ସାହର ସହ ପାଳିତ ହୋଇଛି । ଉକ୍ତ କାର୍ଯ୍ୟକ୍ରମରେ ଭଦ୍ରକ ବିଧାୟକ ଓ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ସିତାଂଶୁ ଶେଖର ମହାପାତ୍ର, ବାସୁଦେବପୁର ବିଧାୟକ ଅଶୋକ ଦାସ, ଜିଲ୍ଲାପାଳ ଦିଲୀପ ରାଉତରାଏ , ମନ୍ତ୍ରୀ ଉଚ୍ଚଶିକ୍ଷା ଓ କ୍ରୀଡ଼ା ସୂର୍ଯ୍ୟବଂଶୀ ସୂରଜଙ୍କ ପ୍ରତିନିଧି,ଓ ଜିଲ୍ଲା ଶ୍ରମ କମିଶନର ସଚ୍ଚିଦାନନ୍ଦ ଜେନା ଯୋଗଦେଇଥିଲେ । ଏହି ଅବସରରେ ୨,୫୨୪ ଜଣ ନିର୍ମାଣ ଶ୍ରମିକଙ୍କୁ ମୋଟ ୬ କୋଟି ୩୬ ଲକ୍ଷ ୨୭ ହଜାର ଟଙ୍କା ସହାୟତା ରାଶି ବଣ୍ଟନ କରାଯାଇଥିଲା । ଭଦ୍ରକ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷୀ ସିତାଂଶୁ ଶେଖର ମହାପାତ୍ର ତାଙ୍କ ଅଭିଭାଷଣରେ କହିଥିଲେ ଯେ, ଶ୍ରମିକମାନେ ରାଷ୍ଟ୍ର ଗଠନର ମୂଳ ଶକ୍ତି । ସରକାର ତାଙ୍କ ସାମାଜିକ ସୁରକ୍ଷା, ଶିକ୍ଷା ଓ ଆର୍ଥିକ ଉନ୍ନତି ପାଇଁ ବହୁ ଯୋଜନା ଆରମ୍ଭ କରିଛନ୍ତି । ଏହି ସୁବିଧାଗୁଡିକୁ ସମସ୍ତ ଯୋଗ୍ୟ ଶ୍ରମିକଙ୍କ ପାଖକୁ ପହଞ୍ଚାଇବାକୁ ସେ ଆହ୍ୱାନ କରିଥିଲେ ।ଜିଲ୍ଲାପାଳ ଦିଲୀପ ରାଉତରାଏ କହିଥିଲେ ଯେ, ଶ୍ରମିକମାନଙ୍କ ସାମାଜିକ, ସ୍ୱାସ୍ଥ୍ୟ ଓ ଆର୍ଥିକ ସୁରକ୍ଷା ନିଶ୍ଚିତ କରିବାରେ ପ୍ରଶାସନ ସଦା ସଚେତନ । ଜିଲ୍ଲାରେ ବିଭିନ୍ନ ଯୋଜନାର ସଠିକ୍ ରୂପାୟନ ଦ୍ୱାରା ଶ୍ରମିକମାନଙ୍କ ଜୀବନମାନ ଉନ୍ନତ ହେଉଛି ବୋଲି ସେ ଉଲ୍ଲେଖ କରିଥିଲେ । ସେ ଆହୁରି କହିଥିଲେ ଯେ, ୨୦୩୬ ଓ ୨୦୪୭ ଲକ୍ଷ୍ୟ ପୂରଣ ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକଏହା ସହ ଜିଲ୍ଲାର ରାଂଦିଆ ବେଦାନ୍ତ କ୍ରୋମ ପ୍ରକଳ୍ପରେ ମଧ୍ୟ ଶ୍ରମିକ ଦିବସ ପାଳିତ ହୋଇଥିଲା । ଜିଲ୍ଲାର ବିଭିନ୍ନ ସ୍ଥାନରୁ ଶତାଧିକ ଶ୍ରମଜୀବୀ ମହିଳା ଓ ପୁରୁଷଏହକାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।ଏହି ଅବସରରେ ଜିଲ୍ଲା ଶ୍ରମ ଅଧିକାରୀ (କଲ୍ୟାଣ) ଦୀପ୍ତି ରଞ୍ଜନ ସାହୁ, ଜିଲ୍ଲା ଶ୍ରମ ଅଧିକାରୀ (ପ୍ରବର୍ତ୍ତନ) ପ୍ରେମ ମଞ୍ଜରୀ ନାୟକ ଉପସ୍ଥିତ ଥିବା ଥିଲେ ।

ସେରଙ୍ଗରେ ଖତ ଖାଉଛି ଆଦିବାସୀ ସଂଗ୍ରହାଳୟ !

ପାରଳାଖେମୁଣ୍ଡି, ୨ ।୫ (ନିପ୍ର): ଗଜପତି ଜିଲ୍ଲାର ପାହାଡ଼ିଆ ଇଲାକାରେ ବସବାସ କରୁଥିବା ମୂଳ ଆଦିବାସୀ ଲାଞ୍ଜିଆ ସଉରା ସମ୍ପ୍ରଦାୟକୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ଏବଂ ସେମାନଙ୍କ କଳା, ସଂସ୍କୃତି, ପରମ୍ପରା ଓ ଐତିହ୍ୟକୁ ବଞ୍ଚାଇ ରଖିବା ପାଇଁ ଆଦିବାସୀ ମଙ୍ଗଳ ବିଭାଗ ପକ୍ଷରୁ ଜିଲ୍ଲାରେ ସ୍ୱତନ୍ତ୍ର ଭାବେ ଲାଞ୍ଜିଆ ସଉରା ଉନ୍ନୟନ ସଂସ୍ଥା କାର୍ଯ୍ୟ କରୁଛି । ଆଉ ଗୁମ୍ମା ବ୍ଲକ୍‌ର ସେରଙ୍ଗରେ ଏହାର ମୁଖ୍ୟ କାର୍ଯ୍ୟାଳୟ ଏବଂ ଏହା ପରିସରରେ ଏକ ଆକର୍ଷଣୀୟ ସଂଗ୍ରହାଳୟ ରହିଛି । କିନ୍ତୁ ପରିତାପର ବିଷୟ ହେଉଛି, ଲାଞ୍ଜିଆ ସଉରା ଉନ୍ନୟନ ସଂସ୍ଥା ଏବେ ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇ ପଡ଼ିରହିଛି । ବର୍ଷତମାମ ଫାଟକରେ ତାଲା ଝୁଲୁଥିବା ବେଳେ ବିଭାଗ ଥାଇ ବି ନଥିବା ସଦୃଶ ହୋଇଛି । ଆଉ ଆଦିବାସୀ ସଂଗ୍ରହାଳୟ ଖତ ଖାଉଥିବା ଦେଖିବାକୁ ମିଳିଛି । ସଂଗ୍ରହାଳୟ ମଧ୍ୟରେ ଆଦିବାସୀଙ୍କ ପାରମ୍ପରିକ ପୋଷାକ, ବେଶଭୂଷା, ଗହଣା, ଅସ୍ତ୍ରଶସ୍ତ୍ର, ବାଦ୍ୟଯନ୍ତ୍ର, ପୁସ୍ତକ, ପୁରାତନ ଲିପି ଖାଦ୍ୟସାମଗ୍ରୀ ଓ ଘରକରଣା ସାମଗ୍ରୀ ରହିଛି । ଏପରିକି ଆଦିବାସୀଙ୍କ କୁଡ଼ିଆକୁ ନମୁନା ପ୍ରଦର୍ଶନ ପାଇଁ ନିର୍ମାଣ କରାଯାଇଥିଲା । ଯୁବପିଢ଼ି ଆଦିବାସୀ ସଂସ୍କୃତି ଓ ପରମ୍ପରା ବିଷୟରେ ଜାଣିବା ଏବଂ ସେମାନଙ୍କୁ ସଚେତନ କରିବା ଲକ୍ଷ୍ୟରେ ଏହି ଉଦ୍ୟମ ହୋଇଥିଲା କିନ୍ତୁ ତାହା ଏବେ ନଷ୍ଟ ହେବାରେ ଲାଗିଛି । ସ୍ଥାନୀୟ ଅଧିବାସୀଙ୍କ ଆଲୋଚନା ବେଳେ ସେମାନେ କହିଛନ୍ତି, ଏଠାରେ ବର୍ଷ ବର୍ଷ ଧରି ମୁଖ୍ୟଫାଟକରେ ତାଲା ପଡ଼ିରହୁଛି । କୌଣସି ପର୍ଯ୍ୟଟକ ଓ ଦର୍ଶକ ସଂଗ୍ରହାଳୟ ପରିଦର୍ଶନରେ ଆସିପାରୁ ନାହାନ୍ତି ।

ଯାହାକୁ ନେଇ ସ୍ଥାନୀୟବାସିନ୍ଦା ସନିୟା ମଣ୍ଡଳ ଓ ଯକ୍ଷ ଗମାଙ୍ଗୋ କ୍ଷୋଭ ପ୍ରକାଶ କରିବା ସହ ବିଭାଗୀୟ ଅଧିକାରୀଙ୍କ ଅବହେଳାକୁ ଦାୟୀ କରିଛନ୍ତି ସୁନ୍ଦର ବଗିଚା ନଷ୍ଟ ହୋଇଯାଇଥିବା ସହ ଆଦିବାସୀଙ୍କ କୁଡ଼ିଆ ପ୍ରତିକୃତି ତଥା ମଡେଲ୍ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି । ସବୁଠୁ ଆଶ୍ଚର୍ଯ୍ୟର କଥା ହେଉଛି, ସଂଗ୍ରହାଳୟ ମଧ୍ୟରୁ ବହୁ ମୂଲ୍ୟବାନ ସାମଗ୍ରୀ ଉଭାନ ହୋଇଯାଇଛି । କାର୍ଯ୍ୟାଳୟରେ କେହି ଉପସ୍ଥିତ ନଥିବା ବେଳେ ସଂଗ୍ରହାଳୟରେ ନିୟୋଜିତ ଥିବା କର୍ମଚାରୀ ମଧ୍ୟ ସେମାନଙ୍କ ଦାୟିତ୍ୱ ତୁଲାଉ ନାହାନ୍ତି । ଅନ୍ୟପକ୍ଷରେ ଗତ କିଛିବର୍ଷ ହେଲାଣି ଅନୁଦାନ ନଥିବା ଦର୍ଶାଇ ଲାଞ୍ଜିଆ ସଉରା ଉନ୍ନୟନ ସଂସ୍ଥା କୌଣସି ଉନ୍ନୟନମୂଳକ କାର୍ଯ୍ୟ ହାତକୁ ନେଉନି । କାଗଜପତ୍ରରେ ଅଧିକାରୀ ଓ କର୍ମଚାରୀ ନିୟୋଜିତ ଅଛନ୍ତି । ହେଲେ ଘରେ ରହି ଦରମା ପାଉଥିବା ଅଭିଯୋଗ ହୋଇଛି । ସେହିପରି ସେଠାରେ ବିଭାଗ ପକ୍ଷରୁ ଏକ ସିଲେଇ ତାଲିମ କେନ୍ଦ୍ର ମଧ୍ୟ ଥିବା ବେଳେ ପୂର୍ବରୁ ଆଦିବାସୀ ଯୁବତୀ ଓ ମହିଳା ସିଲେଇ ତାଲିମ ନେଇ ସ୍ୱାବଲମ୍ବୀ ହୋଇପାରୁଥିଲେ କିନ୍ତୁ ଏହି କେନ୍ଦ୍ର ମଧ୍ୟ ଏବେ କାମରେ ଲାଗୁ ନଥିବା ମେସିନ୍ ସମେତ ବିଭିନ୍ନ ଆସବାବପତ୍ର ନଷ୍ଟ ହେବାରେ ଲାଗିଛି । ଅଧିକାରୀ ଓ କର୍ମଚାରୀଙ୍କ ବାସଭବନ ବି ନଷ୍ଟ ହୋଇଛି । ବିଭାଗରେ ଦାୟିତ୍ୱରେ ଥିବା ସ୍ୱତନ୍ତ୍ର ଅଧିକାରୀ ଆକଶ କୁମାର ଦିଗାଲଙ୍କ ସହ ଯୋଗାଯୋଗ କରାଯାଇଥିଲା ହେଲେ , ସେ କଲ୍ ରିସିଭ୍ କରିନଥିଲେ । ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଅଂଶୁମାନ ମହାପାତ୍ର କହିଛନ୍ତି ୨୦୨୪ ଅନୁଦାନ ଆସିନଥିବାରୁ ପରିଚାଳନାରେ ସମସ୍ୟା ଦେଖାଦେଇଛି ସରକାର ଏଦିଗରେ ଚିନ୍ତା କରିବା ଆବଶ୍ୟକ ରହିଛି ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି ।

ଦୋକାନରେ ନିଆଁ ଲାଗି ସ୍ୱାମୀ,ସ୍ତ୍ରୀ ଗୁରୁତର

ଭାପୁର, ୨ ।୫ (ନିପ୍ର): ଫତେଗଡ ଥାନା ଧାନଚାଙ୍ଗଡ଼ା ପଞ୍ଚାୟତ ଅନ୍ତର୍ଗତ କଳପଙ୍ଗୀ ଗ୍ରାମରେ ଶୁକ୍ରବାର ଦୋକାନରେ ନିଆଁ ଲାଗି ସ୍ୱାମୀ ଓ ସ୍ତ୍ରୀ ଗୁରୁତର ହୋଇଥିବା ସୂଚନା ମିଳିଛି । ଘଟଣାରୁ ପ୍ରକାଶ,କଳପଙ୍ଗୀ ଗ୍ରାମର ଗୟାଧର ପରିଡ଼ା (୭୦) ଗ୍ରାମରେ ଏକ ଦୋକାନ କରି ନିଜ ପରିବାରର ଗୁଜରାଣ ମେଣ୍ଟାଇଥାନ୍ତି । ଗୁରୁବାର ଅପରାହ୍ନରେ ହୋଇଥିବା କାଳବୈଶାଖୀ ପ୍ରଭାବରେ ବିଦ୍ୟୁତ ନ ଥିବାରୁ ଶୁକ୍ରବାର ସନ୍ଧ୍ୟାରେ ଦୋକାନରେ ଲଣ୍ଠନ ଜାଳି ବିକ୍ରି କରୁଥିଲେ । ଦୋକାନ ମଧ୍ୟରେ ପେଟ୍ରୋଲ ବିକ୍ରି ପାଇଁ ରହିଥିବା ଅବସ୍ଥାରେ ଲଣ୍ଠନର ନିଆଁ ପେଟ୍ରୋଲରେ ଅକସ୍ମାତ ଧରି ନିଆଁ ଲାଗି ଯାଇଥିଲା । ଫଳରେ ଦୋକାନ ଭିତରେ ରହିଥିବା ସ୍ୱାମୀ ଓ ସ୍ତ୍ରୀ ସୁବାସି ପରିଡ଼ା (୬୨) ଓ ଗୟାଧର ପରିଡାଙ୍କ ଉଭୟଙ୍କ ଦେହରେ ନିଆଁ ଲାଗି ପୋଡି ହୋଇ ଯାଇଥିଲେ । ଗ୍ରାମବାସୀ ଉଭୟଙ୍କୁ ତୁରନ୍ତ ଉଦ୍ଧାର କରି ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ । ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କ ଅବସ୍ଥା ଗୁରୁତର ରହିଥିବାରୁ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ସ୍ଥାନାନ୍ତରିତ କରାଯାଇଥିବା କାର୍ଯ୍ୟରତ ଡାକ୍ତରଙ୍କ ଠାରୁ ସୂଚନା ମିଳିଛି ।

ଅସରାଏ ବର୍ଷାରେ ଗ୍ରାମର ମୁଖ୍ୟ ରାସ୍ତା ଶୋଚନୀୟ

ଦାମନଯୋଡି, ୨/୫(ନିପ୍ର): ସେମିଳିଗୁଡା ବ୍ଲକ୍ ଅନ୍ତର୍ଗତ ଚାରାଙ୍ଗୁଲ ପଞ୍ଚାୟତର ଭେଜାପୁଟ ଗ୍ରାମରେ ସଠିକ୍ ନର୍ଦ୍ଦମା ବ୍ୟବସ୍ଥା ନଥିବାରୁ ଅସରାଏ ବର୍ଷାରେ ମୁଖ୍ୟ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡୁଛି । କାଳବୈଶାଖୀ ବର୍ଷା ଯୋଗୁଁ ମୁଖ୍ୟ ରାସ୍ତା କଡ଼ରେ ଥିବା ଖୋଲା ନାଳରେ ବର୍ଷା ପାଣି ସହ ଅଳିଆ ଆବର୍ଜନା ଆସି ତଳ ଅଞ୍ଚଳରେ ରାସ୍ତା ଉପରେ ଜମା ହୋଇ ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହେବା ସହ ପୂତଗନ୍ଧମୟ ପରିବେଶ ସୃଷ୍ଟି ହେଉଛି । ଗ୍ରାମର ଏହା ମୁଖ୍ୟ ରାସ୍ତା ଅଟେ । ଏହି ରାସ୍ତାରେ ଛୋଟ ଛୋଟ ସ୍କୁଲ ପିଲା ଓ ଗ୍ରାମର ଶହ ଶହ ଲୋକ ପ୍ରତି ସମୟରେ ଯାତାୟାତ ପାଇଁ ନିର୍ଭର କରନ୍ତି । ଅଳିଆ ଜମି ରହିବା ସହ ସେଗୁଡ଼ିକ ପଚିସଡ଼ି ଦୁର୍ଗନ୍ଧ ବାହାରୁଥିବା ଯୋଗୁଁ ନିକଟରେ ବାସ କରୁଥିବା ଲୋକେ ଦୁର୍ଗନ୍ଧମୟ ପରିବେଶରେ ରହିବା ପାଇଁ ବାଧ ହେଉଛନ୍ତି । ନାକରେ କନା ଘୋଡ଼ାଇ ଲୋକେ ସେହି ରାସ୍ତାରେ ଯାତାୟାତ କରିବା ପାଇଁ ବାଧ ହେଉଛନ୍ତି । ଏହା ବ୍ଲକ୍ କର୍ତ୍ତୃପକ୍ଷ ଓ ବିଭାଗୀୟ ଅଧିକାରୀଙ୍କ ଚରମ ଅବହେଳା ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଅଦିନିଆ ବର୍ଷା ଯୋଗୁଁ ରାସ୍ତା ଓ ନାଳର ଏଭଳି

ପରିସ୍ଥିତି ହେଉଥିବା ବେଳେ ଆଗକୁ ବର୍ଷା ଋତୁରେ ଏହା ଆହୁରି ଦୁର୍ବିସହ ହୋଇ ପଡ଼ିବ । ଏ ସମ୍ପର୍କରେ ଚାରାଙ୍ଗୁଲ ସରପଞ୍ଚଙ୍କୁ ମଧ୍ୟ ଅବଗତ କରାଯାଇଛି । ବର୍ଷା ଋତୁ ଆରମ୍ଭ ହେବା ପୂର୍ବରୁ ବିଭାଗୀୟ ଅଧିକାରୀ ଏହାର ସ୍ଥାୟୀ ସମାଧାନ ପାଇଁ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।

ବ୍ରାଉନ ସୁଗାର ସହ ମଦ ଜବତ, ୬ କୋର୍ଟ ଚାଲାଣ

କେନ୍ଦ୍ରାପଡ଼ା, ୨ ।୫ (ନିପ୍ର): କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆୟର ନିର୍ଦ୍ଦେଶକ୍ରମେ ଅବକାରୀ ଅଧୀକ୍ଷକ ବିପ୍ର ଚରଣ ମଣ୍ଡଳ ପ୍ରତ୍ୟେକ୍ଷ ତତ୍ତ୍ୱାଧାନରେ କେନ୍ଦ୍ରାପଡ଼ା ଜିଲ୍ଲାର କେନ୍ଦ୍ରାପଡ଼ା ଟାଉନ,ତର୍ଣ୍ଡିଆପାଳ ମେରେଇନ, ମାର୍ଶାଘାଇ, ଓ ରାଜକନିକା ଥାନା ଅଧୀନସ୍ଥ ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ କେନ୍ଦ୍ରାପଡ଼ା ଗୋପ ଛକର ଧର୍ମେନ୍ଦ୍ର ନାୟକଙ୍କଠାରୁ ୬୦ ଗ୍ରାମ ବ୍ରାଉନ ସୁଗର, ନରସିଂହପୁର ଗ୍ରାମର କଞ୍ଚନବାଳ ଦାସ (ବୟସ-୫୫)ଙ୍କ ଠାରୁ ୩୬ ଲିଟର ବିଦେଶୀ ମଦ, ତର୍ଣ୍ଡିଆପାଳ ମେରେଇନ ଗ୍ରାମର ଶିବ ନାଥ କନ୍ଦର (ବୟସ-୪୫)ଙ୍କ ଠାରୁ ୩୨ ଲିଟର ବିଦେଶୀ ମଦ, ଆଠବାଟିଆ ଗ୍ରାମର ସନ୍ତୋଷ ବେହେରା (ବୟସ-୩୫) ଙ୍କ ଠାରୁ ୧୬ ଲିଟର ଦେଶୀ ମଦ ଏବଂ ୧୨ ଲିଟର ବିଦେଶୀ ମଦ, କଟନ ଗ୍ରାମର ବିସ୍ମୟ ପ୍ରଧାନ (ବୟସ-୨୩)ଙ୍କ ଠାରୁ ୨୩ ଲିଟର ବିଦେଶୀ ମଦ ଓ ବଜାରପୁର ଗ୍ରମର ଉଦୟଭାନୁ ବେହେରା (ବୟସ-୩୬)ଙ୍କ ଠାରୁ ୨୫ ଲିଟର ବିଦେଶୀ ମଦ ଜବତ କରାଯାଇ ଏମାନଙ୍କୁ ଗିରଫ କରାଯାଇ ଅଛି ।

ଏମାନଙ୍କ ପାଖରୁ ସମୁଦାୟ ୧୪୪ ଲିଟର ବିଦେଶୀ ମଦ ସମେତ ଗୋଟିଏ ମୋଟର ସାଇକେଲ ଜବତ କରାଯାଇ ୦୬ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଅଛି ।

ଏହି ଚଢ଼ାଉରେ ଅବକାରୀ ଉପନିରୀକ୍ଷକ ରତ୍ନପ୍ରଭା ସ୍ୱାଇଁ, ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ର, କଳ୍ପନା ରାଉତ ଓ ଅନ୍ୟ କର୍ମଚାରୀ ସାମିଲ ଥିଲେ ।

କାଳବୈଶାଖୀ ତାଣ୍ଡବରେ ଗଛପଡି ରାସ୍ତା ଆବରୋଧ

ରାୟଗଡା, ୨ ।୫ (ନିପ୍ର): ଗତକାଲି ରାତ୍ର ପାୟ ଆଠଟା ସମୟରେ କଳାହାଣ୍ଡିଆ ମେଘ ଆସି କାଳ ବୈଶାଖୀ ତାଣ୍ଡବ ରଚିଥିଲା ଅଞ୍ଚଳରେ । ରାୟଗଡା ଜିଲ୍ଲାର କଲ୍ୟାଣସିଂହପୁର ବ୍ଲକର ବିଭିନ୍ନ ଅଞ୍ଚଳରେ ପ୍ରବଳ ପବନ ହୋଇଥିବାରୁ ବିଭିନ୍ନ ଗଛ ଉପୁଡି ଯାଇଥିବା ଜଣାପଡିଛି । ସେହିପରି ରାୟଗଡା କଲ୍ୟାଣସିଂହପୁର ୪୫ରାଜ୍ୟ ରାଜପଥ ଶିକରପାଇ ଠାକୁରାଣୀ ମନ୍ଦିର ଆମ୍ବ ତୋଟା ନିକଟରେ ଏକ ଆମ୍ବଗଛ ରାସ୍ତା ଉପରେ ପଡିଯିବାରୁ ରାସ୍ତାରେ ଯାତାୟାତ ଏକ ପ୍ରକାର ଠପ ହୋଇ ଯାଇଛି । ଉକ୍ତ ରାସ୍ତାରେ ଯିବାଆସିବା ଯାନବାହନ ଗୁଡିକ ଅଟକି ଯାଇଥିବାରୁ ଯାତ୍ରୀମାନେ ରାତ୍ରରେ ବହୁ ଅସୁବିଧାରେ ସମ୍ମୁଖୀନ ହେବାକୁ ପଡୁଥିବା ଯାତ୍ରୀମାନେ ଅଭିଯୋଗ କରିଛନ୍ତି । ପରେ ଏଣୁ ଅଗ୍ନିଶମ ବିଭାଗ ଯୁଦ୍ଧ କାଳୀନ ଭିତରେ ଆସି ରାସ୍ତା ସଫା କରିଥିଲେ । ସେହିପରି ଶିକର ପାଇ ଠାରୁ କଲ୍ୟାଣସିଂହପୁର ଆସିଥିବା ୩୩କେଭି ତାର ଉପରେ ଗଛ ପଡି ଯିବାରୁ ଗତ ରାତ୍ର ଠାରୁ ଦିନସାରା ବିଜୁଳି ଆସିନଥିବାରୁ ଅଂଚଳରେ ପିଇବା ପାଣି ପାଇଁ ଆହାକାର ହୋଇ ପଡିଛି । ଅନେକ ଘର ଅନ୍ଧାରରେ କାଳତିପାତ କରୁଥିଲେ । ଇନଭଟର ମଧ୍ୟ କାମ କାରୁନଥିବାରୁ ଅଞ୍ଚଳବାସୀ ଉଦ୍‌ବେଗ ପ୍ରକାଶ କରିଛନ୍ତି । ଦୃଷ୍ଟ ପୂର୍ବରୁ ମରାମତି ନାମରେ ବିଜୁଳି କାଟି କାର୍ଯ୍ୟ କରିଥିଲେ ମଧ୍ୟ କଲ୍ୟାଣସିଂହପୁର ଭଳି ସଦରରେ ଏଭଳି ସମସ୍ୟା ଏବେ ଗ୍ରାମାଞ୍ଚଳ କଥା କିଏ ପଚାରେ ବୋଲି ସାଧାରଣରେ ଆଲୋଚନା ହେଉଛି । ଗତ ରାତିରେ ସିଙ୍ଗାରି ପଞ୍ଚାୟତ ବରୁଗୁଡା ଗ୍ରାମର ଓ୍ୱାନ୍ଦଲାକା ଚନ୍ଦନଙ୍କ କାଳ ବୈଶାଖୀରେ ଚାପର ଉଡିଯିବାରୁ ପରିବାରକୁ ନେଇ କୋଉଁଠି ରହିବି ବୋଲି ଚିନ୍ତା କରୁଛି । ରାଜସ୍ୱ ବିଭାଗ ତୁରନ୍ତ ପଲିଥିନ ଯୋଗାଇବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି । ରାତ୍ର ପାୟ ଆଠଟା ସମୟରେ କଳାହାଣ୍ଡିଆ ମେଘ ଆସି କାଳ ବୈଶାଖୀ ତାଣ୍ଡବ ରଚିଥିଲା ଅଞ୍ଚଳରେ । ରାୟଗଡା ଜିଲ୍ଲାର କଲ୍ୟାଣସିଂହପୁର ବ୍ଲକର ବିଭିନ୍ନ ଅଞ୍ଚଳରେ ପ୍ରବଳ ପବନ ହୋଇଥିବାରୁ ବିଭିନ୍ନ ଗଛ ଉପୁଡି ଯାଇଥିବା ଜଣା ପଡିଛି । ସେହିପରି ରାୟଗଡା କଲ୍ୟାଣସିଂହପୁର ୪୫ରାଜ୍ୟ ରାଜପଥ ଶିକର ପାଇ ଠାକୁରାଣୀ ମନ୍ଦିର ଆମ୍ବ ତୋଟା ନିକଟରେ ଏକ ଆମ୍ବ ଗଛ ରାସ୍ତା ଉପରେ ପଡିଯିବାରୁ ରାସ୍ତାରେ ଯାତାୟାତ ଏକ ପ୍ରକାର ଠପ ହୋଇ ଯାଇ ଥିଲା ।ଉକ୍ତ ରାସ୍ତାରେ ଯିବାଆସିବା ଯାନ ବାହନ ଗୁଡାକ ଅଟକି ଯାଇଥିବାରୁ ଯାତ୍ରୀମାନେ ରାତ୍ରରେ ବହୁ ଅସୁବିଧାରେ ସମ୍ମୁଖୀନ ହେବାକୁ ପଡୁଥିବା ଯାତ୍ରୀମାନେ ଅଭିଯୋଗ କରିଛନ୍ତି । ପରେ ଏଣୁ ଅଗ୍ନିଶମ ବିଭାଗ ଯୁଦ୍ଧ କାଳୀନ ଭିତରେ ଆସି ରାସ୍ତା ସଫା କରିଥିଲେ । ସେହିପରି ଶିକର ପାଇ ଠାରୁ କଲ୍ୟାଣସିଂହପୁର ଆସିଥିବା ୩୩କେଭି ତାର ଉପରେ ଗଛ ପଡି ଯିବାରୁ ଗତ ରାତ୍ର ଠାରୁ ଦିନସାରା ବିଜୁଳି ଆସୀନଥିବାରୁ ଅଂଚଳରେ

ପିଇବା ପାଣି ପାଇଁ ଆହାକାର ହୋଇ ପଡିଛି । ଅନେକ ଘର ଅନ୍ଧାରରେ କାଳତିପାତ କରୁଥିଲେ । ଇନଭର୍ଟର ମଧ୍ୟ କାମ କାରୁନଥିବାରୁ ଅଞ୍ଚଳବାସୀ ଉଦବେଗ ପ୍ରକାଶ କରିଛନ୍ତି । ଦୃଷ୍ଟ ପୂର୍ବରୁ ମରାମତି ନାମରେ ବିଜୁଳି କାଟି କାର୍ଯ୍ୟ କରିଥିଲେ ମଧ୍ୟ କଲ୍ୟାଣସିଂହପୁର ଭଳି ସଦରରେ ଏଭଳି ସମସ୍ୟା ଏବେ ଗ୍ରାମାଞ୍ଚଳ କଥା କିଏ ପଚାରେ ବୋଲି ସାଧାରଣରେ ଆଲୋଚନା ହେଉଛି ।

ରାଜସ୍ୱ ବିଭାଗ ତୁରନ୍ତ ପଲିଥିନ ଯୋଗାଇବା ପାଇଁ ଗ୍ରାମବାସୀ ଦାବୀ କରିଛନ୍ତି ।ଗତ ମଧ୍ୟରାତ୍ରରେ ପ୍ରବଳ ପବନ, ଘଡଘଡି, ବିଜୁଳି ସହ ମଧ୍ୟମ ଧରଣର ବର୍ଷା ହୋଇଥିବା ବେଳେ ପୂର୍ବ ରାତ୍ରିରେ ବର୍ଷା ସହ କୁଆପଥର ପଡିଥିଲା, ସ୍ଥାନୀୟ ଜିସିଡ଼ି ଉଚ୍ଚ ବିଦ୍ୟାଳୟରେ ଥିବା ବହୁ ପୁରୁଣା କୃଷ୍ଣଚୂଡ଼ା ଗଛପଡି ପାଚେରି ଭାଙ୍ଗି ଥିଲା । କେତେକ ସ୍ଥାନରେ ଗଛପଡି ରାସ୍ତା ଅବରୋଧ ହୋଇଥିଲା । ସ୍ଥାନୀୟ ଅଞ୍ଚଳର ଘଟିଥିବା କ୍ଷୟକ୍ଷତି ସମ୍ବନ୍ଧରେ ରାଜସ୍ୱ ବିଭାଗ ତଦାରଖ ପୂର୍ବକ ଲୋକଙ୍କୁ କ୍ଷତିପୂରଣ ଦେବାକୁ ଦାବି ହେଉଛି ।

ଅନ୍ତର୍ଜାତୀୟ ଶ୍ରମିକ ଦିବସ

ଭଦ୍ରକ, ୨ ।୫ (ନିପ୍ର): ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣ, କଟକଙ୍କ ପ୍ରଦତ୍ତ କାର୍ଯ୍ୟକ୍ରମ ଅନୁସାରେ ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ଲଲାଟେନ୍ଦୁ ଜେନାଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକଙ୍କ ଦ୍ୱାରା କୋଡବରୁଆଁ ଗ୍ରାମ ପଞ୍ଚାୟତ ଅଫିସରେ 'ଅନ୍ତର୍ଜାତୀୟ ଶ୍ରମିକ ଦିବସ' ପାଳିତ ହୋଇଯାଇଅଛି । ଏହି ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଳୋକ ରଥ, ଜିଲ୍ଲା ଆଇନ ସେବା ପ୍ରାଧିକରଣର ଏଏଲ୍‌ଡିଏସ୍ ସହାୟକ ଡ. ତାପସ କୁମାର ମହାନ୍ତି , ସୁବ୍ରତ କୁମାର ଦାସ, ଲିଗାଲ ପ୍ରୋବେସନ ଅଧିକାରୀ, ଭଦ୍ରକ, ସୁଶାନ୍ତ କୁମାର ତ୍ରିପାଠୀ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଷମା ମହାନ୍ତି, ସରପ□ କୋଡବରୁଆ ପଞ୍ଚାୟତ, ଭଦ୍ରକ, ସ୍ୱେଚ୍ଛାସେବୀ ଅର୍ନପୂର୍ଣ୍ଣା ସାହୁ, ଚାରୁଲତା ବେହେରା ତଥା ୭୦ରୁ ଅଧିକ ମହିଳା ଓ ପୁରୁଷମାନେ ଉପସ୍ଥିତ ରହିଥିଲେ । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ନାଲସା ଯୋଜନା ଅନ୍ତର୍ଗତ 'ସଂଗଠିତ କ୍ଷେତ୍ରରେ ଶ୍ରମିକମାନଙ୍କୁ ଆଇନଗତ ସେବା', ସର୍ବନିମ୍ନ ମଜୁରୀ ଆଇନ, ଶିଳ୍ପ ବିବାଦ ଆଇନ, କାରଖାନା ଆଇନ ଏବଂ କେନ୍ଦ୍ର/ରାଜ୍ୟ ସରକାରଙ୍କ ସମ୍ପର୍କିତ ଯୋଜନା ଏବଂ ବନ୍ଧନ ଶ୍ରମିକ ପ୍ରଣାଳୀ (ବର୍ଜନ) ଆଇନ, ୧୯୭୬ ବିଷୟ ଉପରେ ସଚେତନତା କରାଯାଇଥିଲା ଏବଂ ଶ୍ରମିକ କାର୍ଡ ମଧ୍ୟ ବଣ୍ଟନ କରାଯାଇଥିଲା ।

ଶ୍ରମିକ ଚାଲାଣ ରୋକିବା ପାଇଁ ସାମୂହିକ ପ୍ରୟାସ ଆବଶ୍ୟକ

ବଲାଙ୍ଗୀର, ୨ ।୫ (ନିପ୍ର): ଶ୍ରମିକ ଚାଲାଣକୁ ରୋକିବା ସହିତ ଶ୍ରମିକମାନେ ଦାଦନ କିମ୍ବା ବନ୍ଧକ ଶ୍ରମିକ ହେବାରୁ କିପରି ବର୍ତ୍ତିବେ ସେ ନେଇ ସଚେତନତା ସୃଷ୍ଟି ପାଇଁ ବଲାଙ୍ଗୀର ପୋଲିସ ପକ୍ଷରୁ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବାଇକ ରାଲି ଆୟୋଜନ କରାଯାଇଥିଲା । ସୁରକ୍ଷିତ ପ୍ରବାସ ବିଷୟରେ ଜନସଚେତନତା ବୃଦ୍ଧି କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଅନ୍ତର୍ଜାତୀୟ ଶ୍ରମିକ ଦିବସ ଅବସରରେ ଆୟୋଜିତ ଏହି ରାଲିକୁ ବଲାଙ୍ଗୀର ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟରୁ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଗୁଣନିଧି ମଲ୍ଲିକ ଫ୍ଲାଗଅଫ୍ କରିଥିଲେ । ବଲାଙ୍ଗୀର ସହର ସହିତ ଖପ୍ରାଖୋଲ, ବେଲପଡା, ବଙ୍ଗୋମୁଣ୍ଡା ଓ କଣ୍ଟାବାଞ୍ଜି ପରି ସଂବେଦନଶୀଳ ଅଞ୍ଚଳରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ବହୁ ପୋଲିସ କର୍ମଚାରୀ ବାଇକ ରାଲିରେ ଅଂଶଗ୍ରହଣ କରିଥିଲେ । ପୋଲିସ ଅଧିକାରୀମାନେ ଲୋକଙ୍କୁ ସଚେତନ କରିଥିଲେ ଯେ, ଯେଉଁମାନେ ଅଗ୍ରିମ ଟଙ୍କା ନେଇ ମିଥ୍ୟା କର୍ମଯୋଗାଣର ପ୍ରତିଶ୍ରୁତି ଦେଇଥାନ୍ତି ସେମାନଙ୍କୁ ନେଇ ସତର୍କ ରହିବା ଆବଶ୍ୟକ । ପୋଲିସ ପକ୍ଷରୁ କୁହାଯାଇଛି ଯେ, ଶ୍ରମିକ ଚାଲାଣ ପ୍ରାୟତଃ ଏଭଳି ମିଥ୍ୟା ପ୍ରତିଶ୍ରୁତି ଓ ଅଗ୍ରିମ ଟଙ୍କାରୁ ଆରମ୍ଭ ହୁଏ, ଯାହା ପରେ ଶୋଷଣ, ଗତିଶୀଳତାର ନିୟନ୍ତ୍ରଣ ଓ ନିର୍ଯାତନା ମାଧ୍ୟମରେ ଶ୍ରମିକମାନେ ଦାଦନ କିମ୍ବା ବନ୍ଧକ ଶ୍ରମିକରେ ପରିଣତ ହୋଇପାରନ୍ତି । ପ୍ରବାସ ପୂର୍ବରୁ କର୍ମଯୋଗାଣ ସମ୍ପର୍କିତ ସମସ୍ତ ତଥ୍ୟ ଯାଞ୍ଚ କରିବା ଓ ସନ୍ଦେହଜନକ କାର୍ଯ୍ୟକଳାପ ଦୃଷ୍ଟିରେ ଆସିଲେ ତୁରନ୍ତ ସ୍ଥାନୀୟ ପୋଲିସକୁ ଜଣାଇବା ପାଇଁ ଲୋକମାନଙ୍କୁ ପରାମର୍ଶ ଦିଆଯାଇଛି । ଜନସଚେତନତା ଅଭିଯାନ ସହିତ, ଜିଲ୍ଲା ପୋଲିସ ପକ୍ଷରୁ ଅବୈଧ ଭାବେ ଶ୍ରମିକ ଚାଲାଣ ଓ ନିଯୁକ୍ତିରେ ଜଡିତ ଏଜେଣ୍ଟ ଓ ଦାଦନ ସର୍ଦ୍ଦାରଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ନିଆଯାଉଛି । ଏହାକୁ ରୋକିବା ପାଇଁ ବିଭିନ୍ନ ସମୟରେ ଚଢାଉ ଓ ପ୍ରତିରୋଧମୂଳକ ପଦକ୍ଷେପ ଆହୁରି ଜୋରଦାର କରାଯାଉଛି । ଏହି ପଦକ୍ଷେପ ଜିଲ୍ଲା ପୋଲିସର ଅବିରତ ପ୍ରୟାସର ଅଂଶ, ଯାହା ମାଧ୍ୟମରେ ଶ୍ରମିକ ଚାଲାଣ ଓ ବନ୍ଧକ ଶ୍ରମିକ ପ୍ରଥାକୁ ରୋକିବା ପାଇଁ କଡା ଆଇନ ଅମଳ ସହିତ ସମୁଦାୟ ସଚେତନତାକୁ ଏକତ୍ର କରାଯାଉଛି । ଶ୍ରମିକ ଚାଲାଣକୁ ରୋକିବା ପାଇଁ ସାମୂହିକ ପ୍ରୟାସ ଆବଶ୍ୟକ । ନାଗରିକ, ଯୁବପିଢି, ସ୍ଥାନୀୟ ଜନପ୍ରତିନିଧି ଓ ସଂସ୍ଥାମାନଙ୍କ ସହଯୋଗ ଦରକାର । ବଲାଙ୍ଗୀରର ଯୁବମାନଙ୍କୁ ମୁଁ ଆହ୍ୱାନ କରୁଛି ଯେ ସେମାନେ ସକ୍ରିୟ ସହଭାଗୀ ହୋଇ ସହଯୋଗ କରନ୍ତୁ । ସମୁଦାୟ ସ୍ତରର ସଚେତନତା ହେଉଛି ଆମର ସବୁଠାରୁ ଶକ୍ତିଶାଳୀ ରକ୍ଷା । ସନ୍ଦେହଜନକ ନିଯୁକ୍ତି କିମ୍ବା ଶ୍ରମିକ ଗତିବିଧି ଦେଖିଲେ ପୋଲିସ, ସ୍ଥାନୀୟ ଜନପ୍ରତିନିଧି କିମ୍ବା ବିଶ୍ୱସନୀୟ ସଂଗଠନକୁ ତୁରନ୍ତ ଜଣାନ୍ତୁ ବୋଲି ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଗୁଣନିଧି ମଲ୍ଲିକ କହିଛନ୍ତି । ଉଲ୍ଲେଖନୀୟ ଯେ, ୨୦୨୦ରୁ ୨୦୨୫ ମଧ୍ୟରେ ବଲାଙ୍ଗୀର ଜିଲ୍ଲାରେ ଶ୍ରମିକ ଚାଲାଣ ବିରୋଧରେ କାର୍ଯ୍ୟାନୁଷ୍ଠାନ ବହୁତ ବୃଦ୍ଧି ପାଇଛି । ୪୦୦ ରୁ ଅଧିକ ମାମଲା ପଞ୍ଜୀକରଣ ହୋଇଥିବାବେଳେ ୪,୨୦୦ ରୁ ଅଧିକ ଦାଦନ ଶ୍ରମିକଙ୍କୁ ଶୋଷଣମୂଳକ ପରିସ୍ଥିତିରୁ ଉଦ୍ଧାର କରାଯାଇଛି । ବେଲପଡା, ଖପ୍ରାଖୋଲ ଓ ଲାଥୋର ପରି କିଛି ଅଞ୍ଚଳକୁ ଅତ୍ୟଧିକ ଦାଦନ ପ୍ରବଣ ଅଞ୍ଚଳ ଭାବେ ଚିହ୍ନଟ କରାଯାଇଛି ଏବଂ ସେଠାରେ ବିଶେଷ ହସ୍ତକ୍ଷେପ କରାଯାଉଛି । ଅଧିକାଂଶ ମାମଲାରେ ୧୦-୨୦ ଜଣ ଶ୍ରମିକ ଦଳବଦ୍ଧ ଭାବେ ଚାଲାଣ ହେଉଥିବାରୁ ସଂଗଠିତ ଓ ନେଟୱର୍କ ଆଧାରିତ ଶୋଷଣ ପ୍ରକାଶ ପାଉଛି । ଅଧିକାଂଶ ମାମଲା ଭାରତୀୟ ଦଣ୍ଡ ସଂହିତାର ଧାରା ୩୭୪ (ବାଧ୍ୟତାମୂଳକ ଶ୍ରମ) ଅଧୀନରେ ପଞ୍ଜୀକରଣ ହୋଇଛି । ଦାଦନ ଶ୍ରମିକମାନେ ପ୍ରାୟତଃ ଦାଦନ ସର୍ଦ୍ଦାରଙ୍କ ମାଧ୍ୟମରେ ଦଳବଦ୍ଧ ଭାବେ ନିର୍ମାଣ, ଇଟାଭାଟି, ଚିଙ୍ଗୁଡ଼ି ଚାଷ ଓ କୃଷି କ୍ଷେତ୍ରକୁ ପଠାଯାଉଛି ।

ଏହାର ପ୍ରତିଉତ୍ତରରେ, ଜିଲ୍ଲା ପୋଲିସ ଜିଲ୍ଲା ଓ ରାଜ୍ୟ ମଧ୍ୟରେ ସମନ୍ୱୟ ବଢ଼ାଇବା, ଦାଦନ ଚାଲାଣ ଋତୁରେ ନଜର ରଖିବା, ଟ୍ରାନ୍ଜିଟ ପଏଣ୍ଟ ଓ ନିଯୁକ୍ତି କେନ୍ଦ୍ରରେ ଧ୍ୟାନ ଦେବା, ଏବଂ ସ୍ଥାନୀୟ ସୂଚନାକୁ ବ୍ୟବହାର କରି ପୂର୍ବରୁ ଚିହ୍ନଟ ପଦକ୍ଷେପ ଗ୍ରହଣ କରିବା ଉପରେ ଜୋର ଦେଉଛି ।

ସୁଲତାନପୁର ମାନହାନି ମାମଲାରେ ରାଳଙ୍କୁ ବଡ଼ ଆଶ୍ୱସ୍ତି

ନୂଆଦିଲ୍ଲୀ, ୨୧୫: ଉତ୍ତରପ୍ରଦେଶ ସୁଲତାନପୁର ମାନହାନି ମାମଲାରେ କଂଗ୍ରେସ ନେତା ରାହୁଳ ଗାନ୍ଧିଙ୍କୁ ମିଳିଲା ବଡ଼ ଆଶ୍ୱସ୍ତି । ସାଂସଦ-ବିଧାୟକଙ୍କ ଭଏସ ନମୁନା ପରୀକ୍ଷା ଦାବିକୁ ଖାରଜ କରିଛନ୍ତି । ଏହାକୁ ଭିତ୍ତିହିନ ବୋଲି କୋର୍ଟ ରାୟ ଶୁଣାଇଛନ୍ତି । କହି ରଖୁଛୁ କି, ୨୦୧୮ ମସିହାରେ ରାହୁଳ ଗାନ୍ଧି ଅମିତ ଶାହଙ୍କ ବିଷୟରେ ଦେଇଥିବା ଏକ ମନ୍ତବ୍ୟ ସହ ଜଡ଼ିତ । ତେବେ ଏହି ମନ୍ତବ୍ୟ ବିପକ୍ଷରେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ହନୁମାନଗଞ୍ଜର ବିଜେପି ନେତା ବିଜୟ ମିଶ୍ର । ମାମଲା ସେବେଠାରୁ କୋର୍ଟରେ ରହିଥିବାବେଳେ ଏବେ ରାୟ ଶୁଣାଯାଇଛି । କୋର୍ଟ ରାୟ ପରେ ରାହୁଳଙ୍କୁ ମିଳିଛି ଆଶ୍ୱସ୍ତି । କହି ରଖୁଛୁ କି, କୋର୍ଟ ପୂର୍ବରୁ ରାହୁଳଙ୍କୁ ତାଙ୍କର ଜାମିନ୍ ଦଣ୍ଡ ଦାଖଲ କରିବାକୁ ଏବଂ ଚୂଡ଼ାନ୍ତ ଯୁକ୍ତି ପାଇଁ ପ୍ରସ୍ତୁତ ହେବାକୁ କହିଥିଲେ । ମାତ୍ର ଅଭିଯୋଗକାରୀଙ୍କ ପକ୍ଷ ଏକ ନୂତନ ଦାବି କରିଥିଲେ । ସେମାନେ ଏକ ଆବେଦନରେ ପ୍ରକାଶ କରିଥିଲେ କି, ରାହୁଳଙ୍କ କଥିତ ବୟାନର ସତ୍ୟତା ନିର୍ଣ୍ଣୟ ପାଇଁ ତାଙ୍କ ସ୍ୱରର ନମୁନାକୁ ଫରେନସିକ୍ ଲ୍ୟାବକୁ ପଠାଯାଉ । ପୂର୍ବ ଶୁଣାଣିରେ ଏହି ପ୍ରସଙ୍ଗରେ ଉଭୟ ପକ୍ଷ ମଧ୍ୟରେ ପ୍ରବଳ ବିତର୍କ ହୋଇଥିଲା । ଯାହାପରେ କୋର୍ଟ ତାଙ୍କର ନିଷ୍ପତ୍ତି ସଂରକ୍ଷିତ ରଖିଥିଲେ । ଏବେ ଚୂଡ଼ାନ୍ତ ରାୟ ଶୁଣାଇଛନ୍ତି । କୋର୍ଟ ସ୍ପଷ୍ଟ କରିଛନ୍ତି କି, ସ୍ୱର ନମୁନା ପରୀକ୍ଷା କରିବାର କୌଣସି ଆବଶ୍ୟକତା ନାହିଁ ଏବଂ ଏହାସହ ଏହି ଦାବିକୁ ପ୍ରତ୍ୟାଖ୍ୟାନ କରିଛନ୍ତି । ଏହା ସହିତ, କୋର୍ଟ ପୁରୁଣା ପ୍ରକ୍ରିୟା ଜାରି ରଖିବାକୁ ନିଷ୍ପତ୍ତି ନେଇଛନ୍ତି । ରାହୁଳ ଗାନ୍ଧୀଙ୍କୁ ଏବେ ମେ ୧୧ ତାରିଖରେ ତାଙ୍କର ଜାମିନ ବଣ୍ଡ ଦାଖଲ କରିବାକୁ ପଡିବ, ଏବଂ ସେହି ଦିନ ମାମଲାର ଚୂଡ଼ାନ୍ତ ଯୁକ୍ତି ମଧ୍ୟ ହେବ । କୋର୍ଟଙ୍କ ଏହି ମତ ସ୍ପଷ୍ଟ କରୁଛି ଯେ ଏହି ସମ୍ପୂର୍ଣ୍ଣ ମାମଲା ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ।

ଜମ୍ମୁରେ ନିର୍ମାଣାଧୀନ ପୋଲ ଭୁଶୁଡ଼ିବା ଘଟଣା: ୩ ମୃତଦେହ ଉଦ୍ଧାର

ନୂଆଦିଲ୍ଲୀ, ୨୧୫: ଜାମ୍ମୁର ବନ୍ତଲାବରେ ଶୁକ୍ରବାର ଭୁଶୁଡ଼ି ପଡ଼ିଥିବା ଏକ ନିର୍ମାଣାଧୀନ ପୋଲର ଭଗ୍ନାବଶେଷ ତଳେ ଫସି ରହିଥିବା ତିନି ଜଣ ଶ୍ରମିକଙ୍କ ମୃତଦେହ ଶନିବାର ପ୍ରତ୍ୟୁଷରେ ଉଦ୍ଧାର କରାଯାଇଛି । ମୃତ ଶ୍ରମିକଙ୍କ ଘର ଛତିଶଗଡ଼ରେ ବୋଲି ଜଣାପଡ଼ିଛି । ଶୁକ୍ରବାର ଅପରାହ୍ନରେ ଜାମ୍ମୁ ଉପକଣ୍ଠରେ ଥିବା ଥାଥର ପେଟ୍ରୋଲ ପମ୍ପ ନିକଟରେ ନିର୍ମାଣାଧୀନ ପୋଲର ଏକ ଅଂଶ ଭୁଶୁଡ଼ି ପଡ଼ିବାରୁ ପାଞ୍ଚ ଜଣ ଶ୍ରମିକ ଫସି ଯାଇଥିଲେ । ଦୁଇଜଣ ଶ୍ରମିକଙ୍କୁ ଜରୁରୀକାଳୀନ ଦଳ ଶୁକ୍ରବାର ଉଦ୍ଧାର କରିଥିଲା । ଉଦ୍ଧାର ହୋଇଥିବା ଶ୍ରମିକଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ ସ୍ଥିର ଅଛି । ୧୨ ଘଣ୍ଟା ଧରି ଖୋଜାଖୋଜି କରାଯିବା ପରେ ଶନିବାର ତିନି ଶ୍ରମିକଙ୍କ ମୃତଦେହ ଉଦ୍ଧାର ହୋଇଥିଲା । ଏନଡିଆରଏଫ୍, ଏସଡିଆରଏଫ୍, ପୋଲିସ ଓ ସେନା ଉଦ୍ଧାରକାର୍ଯ୍ୟରେ ନିୟୋଜିତ ହୋଇଥିଲେ । ଶ୍ରମିକମାନେ ଗତବର୍ଷ ବନ୍ୟାରେ କ୍ଷତିଗ୍ରସ୍ତ ସେତୁ ନିକଟରେ ଥିବା ଏକ ରିଟେନମେଣ୍ଟ କାନ୍ଥର ମରାମତି କରୁଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା । ଉପମୁଖ୍ୟମନ୍ତ୍ରୀ ସୁରିନ୍ଦର ସିଂହ ମଧ୍ୟରାତିରେ ଘଟଣାସ୍ଥଳ ବୁଲି ଯିବା ସହିତ ଦୁଇ ଜଣ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଏବଂ ଜଣେ କନିଷ୍ଠ ଯନ୍ତ୍ରୀଙ୍କୁ ନିଲମ୍ବନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ରୋହିତ ଜୈନ ରିଜର୍ଭ ବ୍ୟାଙ୍କର ନୂଆ ଡେପୁଟି ଗଭର୍ଣ୍ଣର

ମୁମ୍ବାଇ, ୨୧୫: ରୋହିତ ଜୈନ ରିଜର୍ଭ ବ୍ୟାଙ୍କର ନୂଆ ଡେପୁଟି ଗଭର୍ଣ୍ଣର ଭାବେ ୩ ବର୍ଷ ପାଇଁ ନିଯୁକ୍ତ ହୋଇଛନ୍ତି । ଟି ରବିଶଙ୍କରଙ୍କ ସ୍ଥାନରେ ନିଯୁକ୍ତି ପାଇଥିବା ଶ୍ରୀ ଜୈନଙ୍କ କାର୍ଯ୍ୟକାଳ ମେ ୩ ତାରିଖରୁ ଆରମ୍ଭ ହେବ । ସଂପ୍ରତି ସେ ରିଜର୍ଭ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପଦରେ ଅଛନ୍ତି । ରିଜର୍ଭ ବ୍ୟାଙ୍କ ଆଇନ ୧୯୩୪ ଅନୁସାରେ କେନ୍ଦ୍ରୀୟ ବ୍ୟାଙ୍କରେ ୪ ଜଣ ଡେପୁଟି ଗଭର୍ଣ୍ଣର ରହିବେ । ଦୁଇଜଣ ରିଜର୍ଭ ବ୍ୟାଙ୍କର ଅଧିକାରୀମାନଙ୍କ ମଧ୍ୟରୁ ନିଯୁକ୍ତ ହେବାକୁ ଥିବାବେଳେ ଜଣେ ବାଣିଜ୍ୟିକ ବ୍ୟାଙ୍କରୁ ଏବଂ ଜଣେ ଅର୍ଥନୀତିଜ୍ଞ ନିଯୁକ୍ତ ବ୍ୟବସ୍ଥା ରହିଛି । ଶ୍ରୀ ଜୈନଙ୍କ ବ୍ୟତୀତ ଅନ୍ୟ ୩ ଜଣ ଡେପୁଟି ଗଭର୍ଣ୍ଣର ହେଉଛନ୍ତି ସ୍ୱାମୀନାଥନ ଜେ, ପୁନମ ଗୁପ୍ତା ଏବଂ ଶିରୀଷ ଚନ୍ଦ୍ର ମୁର୍ମୁ । ଉଲ୍ଲେଖଯୋଗ୍ୟ, ରବି ଶଙ୍କର ପ୍ରଥମେ ୨୦୨୧ ସେପ୍ଟେମ୍ବରରେ ଡେପୁଟି ଗଭର୍ଣ୍ଣର ଭାବେ ୩ ବର୍ଷ ପାଇଁ ନିଯୁକ୍ତି ପାଇଥିଲେ । ୨୦୨୪ ଏବଂ ୨୦୨୫ରେ ଦୁଇଟି ପର୍ଯ୍ୟାୟରେ ୧ ବର୍ଷ ଲେଖାଏଁ ତାଙ୍କ କାର୍ଯ୍ୟକାଳ ବଢ଼ିଥିଲା ।

ନକଲି ପାସପୋର୍ଟ ରାକେଟ ମାମଲା

ମାଷ୍ଟରମାଇଣ୍ଡକୁ ଦୁବାଇରୁ ଭାରତ ଅଣିଲା ସିବିଆଇ

ନୂଆଦିଲ୍ଲୀ, ୨୧୫: କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ)କୁ ଏକ ବଡ଼ ସଫଳତା ମିଳିଛି । ହରିୟାଣା ପୁଲିସର ମୋଷ୍ଟ ୱାଣ୍ଟେଡ୍ ପଳାତକ ଆଲୋକ କୁମାର ଓରଫ ଯଶପାଲ ସିଂହକୁ ଦୁବାଇରୁ ଭାରତ ଫେରାଇ ଆଣାଯାଇଛି । ଏଥିରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏବଂ ଗୃହ ମନ୍ତ୍ରଣାଳୟ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି । ରିପୋର୍ଟ ଅନୁଯାୟୀ, ଅଭିଯୁକ୍ତ ଆଲୋକ କୁମାର ହରିୟାଣା ପୁଲିସର ଏକ ଗମ୍ଭୀର ମାମଲାରେ ଦୀର୍ଘ ଦିନ ଧରି ପଳାତକ ଥିଲା । ତାଙ୍କ ବିରୋଧରେ ଠକେଇ, ଜାଲିଆତି, ଅପରାଧିକ ଷଡ଼ଯନ୍ତ୍ର ଏବଂ ଜାଲ କାଗଜପତ୍ର ବ୍ୟବହାର କରି ପାସପୋର୍ଟ ତିଆରି କରିବା ଭଳି ଗମ୍ଭୀର ଅଭିଯୋଗ ରହିଛି । ତଦନ୍ତରୁ ଜଣାପଡିଛି ଯେ, ଅଭିଯୁକ୍ତ ଏନକଲି ପାସପୋର୍ଟ ରାକେଟର ମାଷ୍ଟରମାଇଣ୍ଡ । ତାଙ୍କ ଦଳ ଜାଲ କାଗଜପତ୍ର ଏବଂ ମିଥ୍ୟା ସୂଚନା ବ୍ୟବହାର କରି ଭାରତୀୟ ପାସପୋର୍ଟ ସଂଗ୍ରହ କରୁଥିଲା । ଏହା ବ୍ୟତୀତ, ସେ ନକଲି ପରିଚୟ ଏବଂ ଠିକଣା ବ୍ୟବହାର କରି ପାସପୋର୍ଟ ପ୍ରଦାନ କରି ଅପରାଧିକ ରେକର୍ଡ ଥିବା ବ୍ୟକ୍ତିମାନଙ୍କୁ ସାହାଯ୍ୟ କରିଥିଲେ, ଯାହା ଫଳରେ ସେମାନେ ସହଜରେ ଦେଶ ଛାଡି ଚାଲିଯାଇପାରିଥିଲେ । ଏହି ସମଗ୍ର ନେଟୱାର୍କରେ ତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି । କାରଣ ସେ ଏହି ବେଆଇନ କାର୍ଯ୍ୟକଳାପକୁ ସମନ୍ୱିତ କରୁଥିଲେ ଏବଂ ବ୍ୟକ୍ତିମାନଙ୍କ ପାଇଁ ପ୍ରବାସ ପ୍ରକ୍ରିୟା ପରିଚାଳନା କରୁଥିଲେ । ହରିୟାଣା ପୁଲିସର ଅନୁରୋଧ କ୍ରମେ, ସିବିଆଇ ଇଣ୍ଟରପୋଲ ମାଧ୍ୟମରେ ଅଭିଯୁକ୍ତଙ୍କ ବିରୋଧରେ ରେଡ୍ କର୍ଣ୍ଣର ନୋଟିସ୍ ଜାରି କରିଥିଲା ।

ଟିଏମ୍‌ସିକୁ ସୁପ୍ରିମକୋର୍ଟଙ୍କ ଝଟ୍‌କା

ପର୍ଯ୍ୟବେକ୍ଷକ ଚୟନ ନିର୍ବାଚନ ଆୟୋଗଙ୍କ ବିଶେଷାଧିକାର

ନୂଆଦିଲ୍ଲୀ, ୨ ।୫: ପଶ୍ଚିମବଙ୍ଗରେ ବିଧାନସଭା ନିର୍ବାଚନ ବେଳେ ମମତା ବାନାର୍ଜୀଙ୍କ ଟିଏମ୍‌ସି ଏବଂ ବିଜେପି ଭିତରେ କଡ଼ା ଟକ୍କର ଦେଖିବାକୁ ମିଳିଥିଲା । ଦୁଇଟି ପର୍ଯ୍ୟାୟରେ ଭୋଟିଂ ଶେଷ ହେବା ପରେ ଏବେ ଟିଏମ୍‌ସିର ଲଢେଇ ନିର୍ବାଚନ କମିଶନ୍ ସହ ଆରମ୍ଭ ହୋଇସାରିଛି । ମମତାଙ୍କ ପାର୍ଟି ଭୋଟ୍ ଗଣତି ପାଇଁ ସୁପରଭାଇଜର ଓ ସହାୟକ ଭାବରେ କେନ୍ଦ୍ର ସରକାର ଓ ପିଏସୟୁ କର୍ମଚାରୀଙ୍କ ମୁତୟନ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି । ଏଥିପାଇଁ ଆଇନଗତ ଲଢେଇ କରିଛି । କୋଲକାତା ହାଇକୋର୍ଟରେ ଆବେଦନ ଖାରଜ ହେବାପରେ ଏହି ମାମଲାରେ ସୁପ୍ରିମକୋର୍ଟରେ ଶୁଣାଣି ଚାଲିଛି । ସୁପ୍ରିମକୋର୍ଟ ଶନିବାର ଶୁଣାଣି ବେଳେ ଏହା ସ୍ପଷ୍ଟ କରିଛନ୍ତି ଯେ, ନିର୍ବାଚନ କମିଶନଙ୍କ ପାଖରେ ଏହି କଥାର ସ୍ୱତନ୍ତ୍ର ଅଧିକାର ରହିଛି ଯେ, ଜନଗଣନା ପାଇଁ କେଉଁ ଅଧିକାରୀଙ୍କୁ ଚୟନ କରିବ । ଜଷ୍ଟିସ୍ ବାଗଚୀ କହିଛନ୍ତି. ଏହି ବିକଳ୍ପ ଖୋଲା ରହିଛି ଯେ ଭୋଟ ଗଣତି ସୁପରଭାଇଜର ଓ ଗଣନା ସହାୟକ କେନ୍ଦ୍ର ସରକାରଙ୍କ ହୋଇପାରେ କିମ୍ବା ରାଜ୍ୟ ସରକାରଙ୍କ । ଏଥିପାଇଁ ଯେତେବେଳେ ବିକଳ୍ପ ଖୋଲା ରହିଛି ତେବେ ଏହା ମାନି ହେବନି ଯେ, ନୋଟିଫିକେସନ୍ ନିୟମର ବିପରୀତ ରହିଛି ।' ସୁପ୍ରିମକୋର୍ଟ ଏହି ଟିପ୍ପଣୀ ପରେ ଟିଏମ୍‌ସି ନିଜର ଆଭିମୁଖ୍ୟରେ ୟୁ-ଟର୍ନ ନେଇ ନିର୍ବାଚନ କମିଶନଙ୍କ ସର୍କୁଲାରକୁ କଡାକଡି ଭାବରେ ଲାଗୁ କରିବାର ଦାବି କରିଛି । ଏହାର ଜବାବରେ କମିଶନ୍ କୋର୍ଟଙ୍କୁ ଆଶ୍ୱାସନା ଦେଇଛି ଯେ, ଗାଇଡଲାଇନକୁ ଠିକ୍ ଭାବରେ ପାଳନ କରାଯାଉଛି । ଉଲ୍ଲେଖନୀୟ ଯେ, ଏହି ଆବେଦନ ଉପରେ ଶୁଣାଣି ପାଇଁ ଜଷ୍ଟିସ୍ ପମିଦିଘଟମ୍ ନରସିହ୍ମା ଓ ଜଷ୍ଟିସ୍ ଜୟମାଲ୍ୟ ବାଗଚୀଙ୍କ ସ୍ୱତନ୍ତ୍ର ଖଣ୍ଡପୀଠ ଗଠନ କରାଯାଇଛି । ସୁପ୍ରିମକୋର୍ଟରେ ଟିଏମ୍‌ସି ପକ୍ଷରୁ କେସ୍ ଲଢୁଛନ୍ତି ବରିଷ୍ଠ ଆଇନଜୀବି କପିଲ୍ ସିବଲ୍ । ସେ ସୁପ୍ରିମକୋର୍ଟଙ୍କ ଆଗରେ ୪ଟି ମୁଖ୍ୟ ଅଭିଯୋଗ ରଖିଛନ୍ତି । ସେ ଦଲିଲ ଦେଖିଛନ୍ତି, ମୁତୟନ ସମ୍ପର୍କରେ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କୁ ୧୩ ଅପ୍ରେଲରେ ନୋଟିସ୍ ଜାରି କରାଯାଇଥିଲା, କିନ୍ତୁ ପାର୍ଟିକୁ ଏହାର ସୂଚନା ୨୯ ଅପ୍ରେଲରେ ମିଳିଥିଲା । ଏହାଦ୍ୱାରା ଦଳକୁ ଠିକ୍ ସମୟରେ ଜବାବ୍ ଦେବାର ସୁଯୋଗ ମିଳିପାରିନଥିଲା । ମତଦାନ କେନ୍ଦ୍ରରେ ସମସ୍ୟା ସୃଷ୍ଟି ହୋଇପାରେ ବୋଲି କପିଲ ସିବଲ୍ କହିଛନ୍ତି । ସେ କୋର୍ଟଙ୍କୁ କହିଛନ୍ତି, ଦ୍ୱିତୀୟ ପ୍ରସଙ୍ଗ ଏହା ଯେ, ତାଙ୍କୁ ଲାଗୁଛି ପ୍ରତି ବୁଥରେ କିଛି କିଛି ସମସ୍ୟା ହୋଇପାରେ । ତାଙ୍କୁ ଏହି ସୂଚନା କେଉଁଠୁ ମିଳିଲା ? ଏହା ଚକିତ କରିଦେବା ଭଳି କଥା । କେନ୍ଦ୍ର ସରକାରଙ୍କ ଅଧିକାରୀ ପୂର୍ବରୁ ହିଁ ପ୍ରତି ଗଣତି ଟେବଲରେ ମାଇକ୍ରୋ ଅବଜରଭର ଭାବରେ ଅଛନ୍ତି । ଏବେ ସେମାନେ ଆଉ ଏକ କେନ୍ଦ୍ର ସରକାରଙ୍କ ଅଧିକାରୀ କାହିଁକି ଚାହୁଁଛନ୍ତି । ଶୁଣାଣି ବେଳେ ନିର୍ବାଚନ କମିଶନ୍ ସୁପ୍ରିମକୋର୍ଟଙ୍କୁ ଭରସା ଦେଇଛନ୍ତି ଯେ, ପଶ୍ଚିମବଙ୍ଗରେ ବିଧାନଭା ନିର୍ବାଚନ ପାଇଁ ଭୋଟ ଗଣତିର ସୁପର ଭାଇଜରଙ୍କ ନିଯୁକ୍ତି ସମ୍ପର୍କିତ ସର୍କୁଲାର ପାଳନ କରିବ ।

ନୌକା ବୁଡ଼ି ଘଟଣା

ପୀଡ଼ିତାଙ୍କୁ ହାତ ଯୋଡ଼ି କ୍ଷମା ମାଗିଲେ ନୌକା ଚାଳକ



ଭୋପାଳ, ୨୧୫: ଜବଲପୁର ବର୍ଗୀ ଡ୍ୟାମ୍ ଦୁର୍ଘଟଣା କେବଳ ମଧ୍ୟପ୍ରଦେଶ ନୁହେଁ ବରଂ ସମଗ୍ର ଦେଶକୁ ଦୋହଲାଇ ଦେଇଛି । ପୁଅକୁ ଜାବୁଡ଼ି ଧରିଥିବା ଅବସ୍ଥାରେ ମା'ର ମୃତଶରୀର ଉଦ୍ଧାର ହେବା ଘଟଣାକୁ ଯିଏ ଦେଖୁଛନ୍ତି ସେମାନଙ୍କ ଆଖିରେ ଆପଣାଛାଏଁ ଲୁହ ଜକେଇ ଆସୁଛି । ଏହି ଦୁର୍ଘଟଣାକୁ ନେଇ ନୌକା ଚାଳକ ମହେଶ ପଟେଲ ହାତ ଯୋଡ଼ି ପୀଡିତ ପରିବାରଙ୍କୁ କ୍ଷମା ପ୍ରାର୍ଥନା କରି ଦୁର୍ଘଟଣା ସମୟର ପରିସ୍ଥିତି ବିଷୟରେ ଖୋଲାଖୋଲି ଭାବେ ଆଲୋଚନା କହିଛନ୍ତି, ' ଯାତ୍ରା ସମୟରେ ପାଗ ସ୍ୱାଭାବିକ ଥିଲା, କିନ୍ତୁ ନଦୀ ମଝିରେ ପହଞ୍ଚିବା ମାତ୍ରେ ହଠାତ୍ ପ୍ରବଳ ପବନ ହୋଇଥିଲା । ପରିସ୍ଥିତିକୁ ଦେଖି ମୁଁ ତୁରନ୍ତ ନୌକାକୁ ପଛକୁ ଫେରାଇବାକୁ ଉଦ୍ୟମ କରିଥିଲି । ଝଡ଼ ହଠାତ୍ ତୀବ୍ର ହୋଇଗଲା । ନୌକା ସହିତ ଲଡଡ଼ି କ୍ରମାଗତ ଭାବେ ଧକ୍କା ଖାଇବାକୁ ଲାଗିଲା । କିଛି ସମୟ ମଧ୍ୟରେ ନୌକାଟି ଭାରସାମ୍ୟ ହରାଇ ପାଣିରେ ବୁଡ଼ିବାକୁ ଲାଗିଲା । ମୁଁ ତୁରନ୍ତ ରିସେପ୍ସନକୁ ଜଣାଇଥିଲି ଏବଂ ଅନ୍ୟ ଡଙ୍ଗା ପାଇଁ ଅନୁରୋଧ କରିଥିଲି । ଯାତ୍ରୀମାନେ ନୌକାରେ ବସିବା ସମୟରେ ଲାଇଫ୍ ଜ୍ୟାକେଟ୍ ପିନ୍ଧିବାକୁ ମନା କରିଦେଇଥିଲେ । କାରଣ ସେମାନେ ନୌକାରେ ନାଚଗୀତ କରିବା ସହିତ ମଜାମସ୍ତି କରୁଥିଲେ । ମୁଁ ଦୀର୍ଘ ୧୫ ବର୍ଷରୁ ଅଧିକ ଦିନ ଧରି ନୌକା ଚଲାଉଛି । ମୋ ସମଗ୍ର କ୍ୟାରିୟରରେ କେବେ ଏପରି ପରିସ୍ଥିତିର ସମ୍ମୁଖୀନ ହୋଇ ନାହାଁନ୍ତି । ମୋ ପାଖରେ ଏକ ବୈଧ ଲାଇସେନ୍ସ ଏବଂ ସମସ୍ତ ଆବଶ୍ୟକୀୟ ତାଲିମ ଅଛି । ନୌକାଟି କୂଳରୁ ପ୍ରାୟ ୧୦୦ ମିଟର ଦୂରରେ ଥିଲା, ସେ ଅନୁଭବ କରିଥିଲେ ଯେ ନିରାପଦରେ ପହଞ୍ଚିବା କଷ୍ଟକର ହୋଇପାରେ । ଏହି ସମୟରେ, ଇଞ୍ଜିନ୍ ରୁମ୍ ପାଣିରେ ଭର୍ତ୍ତି ହେବାକୁ ଲାଗିଲା, ଯାହା ଫଳରେ ଡଙ୍ଗାଟି ସମ୍ପୂର୍ଣ୍ଣ ନିୟନ୍ତ୍ରଣ ହରାଇଲା ଏବଂ ଏହା କୂଳରେ ପହଞ୍ଚିବା ପୂର୍ବରୁ ଓଲଟି ପଡ଼ିଲା । 'ଅରେଞ୍ଜ ଆଲର୍ଟ' ପାଗ ପରିସ୍ଥିତି ସତ୍ତ୍ୱେ, ମୋତେ କୌଣସି ପୂର୍ବ ପାଣିପାଗ ସତର୍କତା ଦିଆଯାଇ ନଥିଲା । ଏ ଘଟଣା ମୋତେ ସ୍ତବ୍ଧ କରି ଦେଇଛି । ଭୋକଶୋଷ ଭୁଲି ଯାଇଛି ।

ପ୍ରସୂନ୍ ଯୋଶୀ ପ୍ରସାର ଭାରତୀ ଅଧ୍ୟକ୍ଷ ଭାବେ ନିଯୁକ୍ତ



ନୂଆଦିଲ୍ଲୀ, ୨୧୫: ହିନ୍ଦୀ ଚଳଚ୍ଚିତ୍ର ଜଗତର ବିଶିଷ୍ଟ ଗୀତିକାର ତଥା କବି ପ୍ରସୂନ୍ ଯୋଶୀଙ୍କୁ ପ୍ରସାର ଭାରତୀର ଅଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଛି । ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ଶନିବାର ପ୍ରସୂନ୍‌ଙ୍କ ନାମ ଦେଶର ସାର୍ବଜନୀନ ପ୍ରସାରକର ମୁଖ୍ୟ ଭାବେ ଘୋଷଣା କରାଯାଇଛି । ପ୍ରସିଦ୍ଧ ଚଳଚ୍ଚିତ୍ର ନିର୍ମାତା ଆଶୁତୋଷ ଗୋୱାରିକରଙ୍କୁ ଭାରତୀୟ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ (ଆଇଏଫ୍‌ଏଫ୍‌ଆଇ)ର ନିର୍ଦ୍ଦେଶକ ଭାବରେ ଗୁରୁତ୍ୱପୂର୍ଣ୍ଣ ନିଯୁକ୍ତି ଦିଆଯିବାର ଦିନକ ପରେ ଏହି ନିଷ୍ପତ୍ତି ନିଆଯାଇଛି । ଡିସେମ୍ବରରେ ପ୍ରଶାସକ ନବନୀତ କୁମାର ସେହଗଲଙ୍କ ଇସ୍ତଫା ପରେ ପ୍ରସାର ଭାରତୀ ଅଧ୍ୟକ୍ଷ ପଦ ଖାଲି ପଡ଼ିଥିଲା । ଯୋଶୀ ଜଣେ ପ୍ରତିଷ୍ଠିତ ସୃଜନଶୀଳ ଗୀତିକାର । ସାହିତ୍ୟ, ବିଜ୍ଞାପନ, ସିନେମା ଓ ସାର୍ବଜନୀନ ଯୋଗାଯୋଗ କ୍ଷେତ୍ରରେ ତାଙ୍କର ବ୍ୟାପକ ଅବଦାନ ରହିଛି । ଯୋଶୀ ତାଙ୍କ ପ୍ରଭାବଶାଳୀ ଆଲେଖ୍ୟ, ଗଭୀର ସାଂସ୍କୃତିକ ସମ୍ବେଦନଶୀଳତା ସମସାମୟିକ ଗଣମାଧ୍ୟମର ଦିଶା ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଛି । କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଯୋଶୀଙ୍କୁ ତାଙ୍କ ନୂଆ ନିଯୁକ୍ତି ନେଇ ଶୁଭେଚ୍ଛା ଜଣାଇଛନ୍ତି । ଏହାପୂର୍ବରୁ ଯୋଶୀ ଅଗଷ୍ଟ ୨୦୧୭ ମସିହାରେ ସେନ୍ସର ବୋର୍ଡ଼ (କେନ୍ଦ୍ରୀୟ ଚଳଚ୍ଚିତ୍ର ପ୍ରମାଣନ ବୋର୍ଡ)ର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିଥିଲେ ।

ଇସ୍ରାଏଲ ପାଇଁ ଗୁପ୍ତଚରୀ ଅଭିଯୋଗରେ ଇରାନରେ ଦୁଇଜଣଙ୍କୁ ଫାଶୀ

ନୂଆଦିଲ୍ଲୀ, ୨୧୫: ଇସ୍ରାଏଲ ପାଇଁ ଗୁପ୍ତଚରୀ କରୁଥିବା ଅଭିଯୋଗରେ ଇରାନ ଶନିବାର ଦୁଇଜଣଙ୍କୁ ଫାଶୀ ଦେଇଛି । ଇରାନ ଗଣମାଧ୍ୟମ ତଥ୍ୟ ଅନୁଯାୟୀ, ଏମାନଙ୍କ ମଧ୍ୟରୁ ଜଣଙ୍କୁ କେନ୍ଦ୍ରୀୟ ଇସଫାହାନ୍ ପ୍ରଦେଶରେ ନଟାଞ୍ଜ ପରମାଣୁ କେନ୍ଦ୍ର ନିକଟରେ ଗୁପ୍ତ ତଥ୍ୟ ସଂଗ୍ରହ କରୁଥିବା ଅଭିଯୋଗରେ ଗିରଫ କରାଯାଇଥିଲା । ଇରାନର ନ୍ୟାୟପାଳିକା କହିଛି ଯେ, ଇସ୍ରାଏଲ ଓ ଏହାର ଗୁପ୍ତଚରୀ ସଂସ୍ଥା ମୋସାଦ ସହିତ ଗୋପନୀୟ ତଥ୍ୟ ପ୍ରଦାନ କରିବାରେ ସହଯୋଗ ପାଇଁ ଦୋଷୀ ସାବ୍ୟସ୍ତ ହେବା ପରେ ଯାଘୌବ କରିମପୋର୍ ଏବଂ ନାସେର ବାକରଜାଦେହଙ୍କୁ ଫାଶୀ ଦିଆଯାଇଥିଲା । କରିମ୍ପୋର୍ ସମ୍ବେଦନଶୀଳ ସୂଚନା ମୋସାଦ ଅଧିକାରୀଙ୍କୁ ପ୍ରଦାନ କରୁଥିଲା । ବାକରଜାଦେହ ସରକାରରେ ଥିବା ପ୍ରମୁଖ ବ୍ୟକ୍ତି ଓ ଧାର୍ମିକ ବ୍ୟକ୍ତିତ୍ୱଙ୍କ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସଂଗ୍ରହ କରୁଥିଲା । ଏପରିକି ନଟାଞ୍ଜ ପରମାଣୁ କେନ୍ଦ୍ରର ତଥ୍ୟ ସଂଗ୍ରହ କରୁଥିଲା । ଇରାନରେ ଗତ ଦୁଇ ସପ୍ତାହରୁ କମ୍ ସମୟ ମଧ୍ୟରେ ଏହା ଦ୍ୱିତୀୟ ମୃତ୍ୟୁଦଣ୍ଡ ଘଟଣା । ଏପ୍ରିଲ ୨୦ରେ ମୋସାଦ ସହିତ ମିଶି ଇରାନ ଭିତରେ ଆକ୍ରମଣ କରିବାକୁ ଯୋଜନା କରିବା ଅଭିଯୋଗରେ ଦୁଇଜଣଙ୍କୁ ଫାଶୀ ଦିଆଯାଇଥିଲା ।

ମଣିପୁରରେ ୨୩ ବଙ୍କର ନଷ୍ଟ କଲେ ସୁରକ୍ଷାକର୍ମୀ

ନୂଆଦିଲ୍ଲୀ, ୨୧୫ :ସୁରକ୍ଷାକର୍ମୀ ମଣିପୁରର ଉଖରୁଲରେ ୨୩ଟି ବଙ୍କର ନଷ୍ଟ କରି ଦେଇଥିବାବେଳେ ଅନ୍ୟ ଏକ ଅପରେସନରେ ତେଙ୍ଗନେପାଲରେ ୧୮ଟି ଆଇଇଡି ଜବତ କରିଥିବା ଶନିବାର ପୁଲିସ ସୂଚନା ଦେଇଛି । ଲିଟାନ୍ ପୁଲିସ ଷ୍ଟେସନ ସୀମା ଅନ୍ତର୍ଗତ ମୋଙ୍ଗକୋଟ ଚେପୁ, ଶୋଙ୍ଗଫେଲ, ମୁଲ୍ଲାମ, ସିରାରାଖୋଙ୍ଗ ଏବଂ ରିଙ୍ଗୁ ପାହାଡ଼ି ଗାଁରେ ଗୁରୁବାର ବଙ୍କରଗୁଡ଼ିକୁ ଧ୍ୱଂସ କରାଯାଇଥିଲା । ଅଞ୍ଚଳରେ ଉଗ୍ରବାଦୀ କାର୍ଯ୍ୟକଳାପରେ ଅଙ୍କୁଶ ଲଗାଇବାକୁ ସୁରକ୍ଷାକର୍ମୀଙ୍କ ପକ୍ଷରୁ ଏହି ଅଭିଯାନ ଚାଲିଛି । ଏକ ୧୨-ବୋର ପମ୍ପ ଆକ୍ସନ ବନ୍ଧୁକ, ବିଭିନ୍ନ କ୍ୟାଲିବରର ୧୭ଟି କାର୍ଟ୍ରିଜ୍ ଏବଂ ୧୧୧ଟି ଗୁଳି ଜବତ କରାଯାଇଛି ।

ତୁର୍କୀ ପ୍ରସ୍ତୁତ କଲା ବିପଦଜନକ ଡ୍ରୋନ୍

ନୂଆଦିଲ୍ଲୀ, ୨ ।୫: ତୁର୍କୀର ପ୍ରସିଦ୍ଧ ଡ୍ରୋନ୍ କମ୍ପାନୀ ବାଏକର ନିକଟରେ ନିଜର ନୂଆ ଏଆଇ ପାୱାର୍ଡ କାମିକାଜି ଡ୍ରୋନ୍ ମିଜରାକକୁ ତିଆରି କରିଛି । ମିଜରାକର ଅର୍ଥ ତୀର କିମ୍ବା ଭାଲା । ଏହା ଏକ ଦୂରଗାମୀ ଯୁଦ୍ଧାସ୍ତ୍ର, ଯାହାକି ଲକ୍ଷ୍ୟସ୍ଥଳ ଖୋଜିବା ପାଇଁ ବାୟୁ ମଧ୍ୟରେ ଗତି କରେ । ଏହାପରେ ଆକ୍ରମଣ କରିଥାଏ । ଏହି ଡ୍ରୋନର ରେଞ୍ଜ ୧୦୦୦ କିଲୋମିଟରରୁ ଅଧିକ । ଏହା ୭ ଘଣ୍ଟା ପର୍ଯ୍ୟନ୍ତ ବାୟୁରେ ରହିପାରିବ । ୪୦ କିଲୋ ପର୍ଯ୍ୟନ୍ତ ୱାରହେଡ୍ ନେଇ ପାରିବ । ଏହା ସାହା ୨୦୨୬ ପ୍ରଦର୍ଶନୀରେ ପ୍ରଥମ ଥର ଜନତାଙ୍କ ସାମନାକୁ ଆସିବ, ଯାହାକି ୫ ରୁ ୯ ମଇ ୨୦୨୬ ପର୍ଯ୍ୟନ୍ତ ଇସ୍ତାନବୁଲ ରହିବ । ମିଜରାକ ଏକ ସ୍ମାର୍ଟ ଏବଂ ଅଟୋନୋମସ୍ ଡ୍ରୋନ୍ । ଏହା ଉଡାଣ ଭରିବା ସମୟରେ ୨୦୦ କିଲୋଗ୍ରାମ୍ ପର୍ଯ୍ୟନ୍ତ ହୋଇପାରେ । ଏହାର ୱିଙ୍ଗ ୪ ମିଟର ପର୍ଯ୍ୟନ୍ତ ବିସ୍ତାର ହୋଇପାରିବ । ୧୮୫ କିଲୋମିଟର ପ୍ରତି ଘଣ୍ଟା ବେଗରେ ଉଡିପାରିବ । ୧୦ ହଜାର ଫୁଟ୍ ଉଚ୍ଚତା ପର୍ଯ୍ୟନ୍ତ ମଧ୍ୟ ଯାଇପାରିବ । ଏହାଦ୍ୱାରା ସ୍ୱାଭାବିକ୍ ରନୱେ କିମ୍ବା ରକେଟ୍ ଆସିଷ୍ଟରୁ ବି ଲଞ୍ଚ କରାଯାଇପାରେ । ଏହା ଦୁଇ ପ୍ରକାର ଭାରିଆଣ୍ଟରେ ଆସିଥାଏ । ଗୋଟିଏରେ ୪୦ କିଲୋଗ୍ରାମ୍ ଡବଲ ୱାରହେଡ୍ ରହିଥାଏ, ଯାହାକି ଭାରି କ୍ଷତି ପହଞ୍ଚାଇବା ପାଇଁ ରହିଥାଏ । ଅନ୍ୟପକ୍ଷେ ୨୦ କିଲୋଗ୍ରାମ୍ ୱାରହେଡ୍ ସହିତ ରେଡିଓ ଫ୍ରିକ୍ୱେଏନ୍ସି ରହିଥାଏ । ଯାହାକି ରାଡାର ଥିବା ଟାର୍ଗେଟକୁ ସହଜରେ ଖୋଜି ନେଇଥାଏ ।

ଗଣତି ପୂର୍ବରୁ ମମତାଙ୍କ ଦାବି ୨୦୦ରୁ ଅଧିକ ଆସନରେ ଜିତିବୁ

ନୂଆଦିଲ୍ଲୀ, ୨୧୫: ଆସନ୍ତା ୪ ତାରିଖରେ ପ୍ରକାଶ ପାଇବ ପଶ୍ଚିମବଙ୍ଗର ନିର୍ବାଚନ ଫଳାଫଳ । ଏହା ପୂର୍ବରୁ ପ୍ରକାଶ ପାଇଥିବା ଏଗଜିଟ୍ ପୋଲ୍ ସର୍ଭେ ବିଜେପି ସପକ୍ଷରେ ମତ ପ୍ରକାଶ କରିଛି । ଦିଦିଙ୍କ ସରକାରର ଅନ୍ତ ଘଟୁଥିବାବେଳେ ବିଜେପି ନୂଆ ସରକାର ଗଠନ କରିବ । ତେବେ ଏହାକୁ ଟିଏମ୍‌ସି ଖଣ୍ଡନ କରିଛି । ଗଣତି ପୂର୍ବରୁ ନିଜର ଏଜେଣ୍ଟଙ୍କୁ ସମ୍ବୋଧନ କରି ମମତା କହିଛନ୍ତି କି, ଏଗଜିଟ୍ ପୋଲ ଅବାନ୍ତର । ଏହାକୁ ବିଶ୍ୱାସ କରନାହିଁ । ଏହା ଷ୍ଟକ ମାର୍କେଟକୁ ବଞ୍ଚାଇବା ପାଇଁ ଏଭଳି ପ୍ରକାଶ କରାଯାଇଛି । ମତଗଣନା ପୂର୍ବରୁ ମମତା ଭର୍ଚୁଆଲ ବୈଠକରେ ଯୋଗଦେଇ କାଉଣ୍ଟି ଏଜେଣ୍ଟଙ୍କୁ କହିଛନ୍ତି କି, ଆମେ ବଡ଼ ବ୍ୟବଧାନରେ ବିଜୟ ହାସଲ କରୁଛେ । ୨୦୦ରୁ ଅଧିକ ଆସନରେ ଟିଏମ୍‌ସି ଜିତିବ ବୋଲି ଯୁକ୍ତି ବାଢ଼ିଛନ୍ତି ମମତା । ଏହାସହ ସେ କହିଛନ୍ତି କି, ସେମାନେ ଗଣତିରେ ଖେଳ କରିବେ । ଆମେ ମଧ୍ୟ ଦେଖିବା ସେମାନେ କେତେ ବଡ଼ ଖେଳାଳି । ଆମ ପାଖରେ ମଧ୍ୟ ଖେଳାଳିଙ୍କ ଅଭାବ ନାହାନ୍ତି । ଆମେ ମଧ୍ୟ ଗଣତିରେ ଖେଳ କରିବୁ । ଏଜେଣ୍ଟଙ୍କୁ ମମତା ପରାମର୍ଶ ଦେଇଛନ୍ତି କି, ଆପଣମାନେ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମତ ଗଣନା କେନ୍ଦ୍ର ଛାଡ଼ନାହିଁ । ଯଦି କେଉଁଠି ୨୦୦-୩୦୦ ଭୋଟ ବ୍ୟବଧାନ ରହୁଛି ତାହେଲେ ପୁଣିଥରେ ଗଣିବା ପାଇଁ ଦାବି କରନ୍ତୁ ।

ବିମାନ ଦୁର୍ଘଟଣାରେ ୫ ଜଣ ଖେଳାଳିଙ୍କ ମୃତ୍ୟୁ

ନୂଆଦିଲ୍ଲୀ, ୨୧୫: ଆମେରିକାର ଟେକ୍ସାସ ରାଜ୍ୟର ଏକ ହିଲ କଣ୍ଟ୍ରି ଅଞ୍ଚଳରେ ଶୁକ୍ରବାର ଏକ ଛୋଟ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି । ଏକ ଗଛକୁ ଧକ୍କା ଦେଇ ଦୁର୍ଘଟଣାର ସାମ୍ନା କରିଥିବା ବିମାନ ଖଣ୍ଡ ଖଣ୍ଡ ହୋଇଯାଇଛି । ଏହି ଦୁର୍ଘଟଣାରେ ୫ ଜଣ ଖେଳାଳିଙ୍କର ମୃତ୍ୟୁ ଘଟିଛି । ସମସ୍ତ ମୃତକ ଏକ ଟୁର୍ଣ୍ଣାମେଣ୍ଟକୁ ଯାଉଥିବା ପିକଲ ବଲ ଖେଳାଳି ଥିଲେ । ଅଧିକାରୀମାନେ ଶୁକ୍ରବାର ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି । ଟେକ୍ସାସର ଜନ ସୁରକ୍ଷା ବିଭାଗ ଅନୁଯାୟୀ, ଅଷ୍ଟିନରୁ ପ୍ରାୟ ୪୦ ମାଇଲ ଦକ୍ଷିଣ- ପଶ୍ଚିମରେ ଥିବା ୱିମ୍ବରଲି ସହରରେ ଗୁରୁବାର ରାତି ପ୍ରାୟ ୧୧ଟା ସମୟରେ ଏହି ଦୁର୍ଘଟଣା ଘଟିଥିଲା ।

ନାଟୋକୁ ଟ୍ରମ୍ପଙ୍କ କଡ଼ା ଚେତାବନୀ

ଇରାନକୁ ଦିଅନାହିଁ ପରମାଣୁ ଅସ୍ତ୍ର



ନୂଆଦିଲ୍ଲୀ, ୨୧୫: ଡୋନାଲ୍ଡ ଟ୍ରମ୍ପ ଇରାନର ପରମାଣୁ ଅସ୍ତ୍ର ସମ୍ପର୍କରେ ଏକ ଅତ୍ୟନ୍ତ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ସେ ସମସ୍ତ ନାଟୋ ସହଯୋଗୀଙ୍କୁ ଇରାନକୁ ଅସ୍ତ୍ର ନଦେବା ପାଇଁ ସ୍ପଷ୍ଟ ଭାବରେ ଚେତାବନୀ ଦେଇଛନ୍ତି । ଯଦି ଇରାନ ଏହି ବିପଦପୂର୍ଣ୍ଣ ଅସ୍ତ୍ର ହାସଲ କରେ, ତେବେ ଇସ୍ରାଏଲ ଏବଂ ୟୁରୋପ ବିରୋଧରେ ସେଗୁଡ଼ିକୁ ବ୍ୟବହାର କରିବ । ଇରାନ ସମଗ୍ର ବିଶ୍ୱ ଏବଂ ମଧ୍ୟପ୍ରାଚ୍ୟ ପାଇଁ ଏକ ବଡ଼ ବିପଦ ସୃଷ୍ଟି କରିଛି । ଇରାନର ପରମାଣୁ ଅସ୍ତ୍ର ଦ୍ୱାରା ସୃଷ୍ଟି ହୋଇଥିବା ବିଶ୍ୱ ବିପଦ ପ୍ରତି ଆମେରିକା ଏବେ ସମ୍ପୂର୍ଣ୍ଣ ସତର୍କ । ଟ୍ରମ୍ପ କହିଛନ୍ତି ଯେ, ମଧ୍ୟପ୍ରାଚ୍ୟ ପରେ, ଇରାନର ପରବର୍ତ୍ତୀ ଟାର୍ଗେଟ ଆମେରିକା ହୋଇପାରେ । ତେଣୁ, କୌଣସି ପରିସ୍ଥିତିରେ ଇରାନକୁ ଏହି ଅସ୍ତ୍ରଶସ୍ତ୍ର ବିକାଶ କରିବାକୁ ଅନୁମତି ଦିଆଯିବ ନାହିଁ । ବିଶ୍ୱ ବିପର୍ଯ୍ୟୟକୁ ରୋକିବା ପାଇଁ, ଆମେରିକା ସର୍ବାଧିକ ଶକ୍ତି ସହିତ ଇରାନ ବିରୋଧରେ ପ୍ରତ୍ୟେକ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ।ଟ୍ରମ୍ପ ଇରାନର ଶକ୍ତି ଉପରେ କଟାକ୍ଷ କରି କହିଛନ୍ତି, ଏହା ପାଖରେ ୧୫୯ଟି ଜାହାଜ ଅଛି, କିନ୍ତୁ ସେଗୁଡ଼ିକ ବର୍ତ୍ତମାନ ସମୁଦ୍ର ତଳେ ସମ୍ପୂର୍ଣ୍ଣ ବୁଡ଼ି ରହିଛି । ଇରାନର ସାମରିକ ଶକ୍ତି ଏବଂ ଏହାର ଜାହାଜ ଅଧିକ ଦିନ ପର୍ଯ୍ୟନ୍ତ ଆମେରିକାର ପ୍ରତିରୋଧ କରିପାରିବେ ନାହିଁ । ଏହି ସମୟରେ ଟ୍ରମ୍ପ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନଙ୍କୁ ମଧ୍ୟ ପରିହାସ କରି କହିଛନ୍ତି,ମୁଁ ଫ୍ରାନ୍ସକୁ ୨୫୦% ଶୁଳ୍କ ଲାଗୁ କରିବା ପାଇଁ ସିଧାସଳଖ ଧମକ ଦେଇଛି । ଏହି ଚାପ ଯୋଗୁ ଫ୍ରାନ୍ସ ବାଧ୍ୟ ହୋଇ ତୁରନ୍ତ ଔଷଧ ବୃଦ୍ଧି ମୂଲ୍ୟ ଗ୍ରହଣ କରିଛି । ଟ୍ରମ୍ପ ସ୍ପଷ୍ଟ ଭାବରେ କହିଛନ୍ତି ଯେ, ଯଦି ଇରାନ ଏହି ପରମାଣୁ ଅସ୍ତ୍ରଶସ୍ତ୍ର ହାସଲ କରେ, ତେବେ ବିଶ୍ୱ ବିପଦରେ ପଡ଼ିବ । ତାଙ୍କର ପ୍ରଶାସନ କେବେ ବି, କୌଣସି ପରିସ୍ଥିତିରେ, ବିଶ୍ୱ ଶାନ୍ତିକୁ ଏତେ ଗୁରୁତର ବିପଦରେ ପକାଇବ ନାହିଁ । ସେ କହିଛନ୍ତି, ଇରାନ ପୁରୁଣା ଚୁକ୍ତିନାମାକୁ ଆଦୌ ପାଳନ କରୁନାହିଁ । ଆମେରିକା ଏହାକୁ ସମାଧାନ କରିବ ଏବଂ ତିନି ବର୍ଷ ପରେ ପୁନର୍ବାର ସମାନ ସମସ୍ୟାର ସମ୍ମୁଖୀନ ହେବନାହିଁ । ଟ୍ରମ୍ପ ପ୍ରଶାସନ ଇରାନକୁ ସମୟ ପୂର୍ବରୁ ଓହରିଯିବାର କୌଣସି ସୁଯୋଗ ଦେବ ନାହିଁ । ଇରାନର ନୂତନ ଶାନ୍ତି ପ୍ରସ୍ତାବରେ ସେ ନିରାଶା ଏବଂ ସନ୍ତୋଷ ଉଭୟ ପ୍ରକାଶ କରିଛନ୍ତି । ଆଲୋଚନାରେ କ୍ରମାଗତ ବିଳମ୍ବ ହେତୁ ସେ ଇରାନର ପ୍ରସ୍ତାବରେ ସମ୍ପୂର୍ଣ୍ଣ ଖୁସି ନୁହଁନ୍ତି । ଆମେରିକା ଏବଂ ଇରାନ ମଧ୍ୟରେ ଏକ ଶାନ୍ତି ଚୁକ୍ତି ସମ୍ଭବ ହେବ କି ନାହିଁ ସେ ବିଷୟରେ ଟ୍ରମ୍ପ ନିଶ୍ଚିତ ନୁହଁନ୍ତି । ଟ୍ରମ୍ପ ବର୍ଦ୍ଧିତ ବିଶ୍ୱ ମୁଦ୍ରାସ୍ଫୀତି, ବିଶେଷକରି ପେଟ୍ରୋଲର ମୂଲ୍ୟ ବିଷୟରେ କହିଛନ୍ତି ଯେ, ଅନ୍ୟାନ୍ୟ ସାମଗ୍ରୀର ମୂଲ୍ୟ ହ୍ରାସ ପାଇଥିଲେ ମଧ୍ୟ, ପେଟ୍ରୋଲର ମୂଲ୍ୟ ଅଧିକ ରହିଛି । ଯୁଦ୍ଧ ଶେଷ ହେବା ପରେ ହିଁ ଜନସାଧାରଣ ଏହି ଉଚ୍ଚ ମୂଲ୍ୟ ଏବଂ ଚାପରୁ ଯଥେଷ୍ଟ ଆଶ୍ୱସ୍ତି ପାଇବେ ।

କାକଟପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଶତ ପ୍ରତିଶତ ପାସ

କାକଟପୁର(ନିପ୍ର): ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଆୟୋଜିତ ବାର୍ଷିକ ହାଇ ସ୍କୁଲ ପରୀକ୍ଷା ଫଳ ପ୍ରକାଶ ପାଇଛି । ସ୍ଥାନୀୟ କାକଟପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ମୋଟ ୧୨୯ ଜଣ ଛାତ୍ରଛାତ୍ରୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ବିଦ୍ୟାଳୟର ଶତ ପ୍ରତିଶତ ଫଳାଫଳ ହାସଲ କରିବାରେ ସଫଳ ହୋଇଛି । ବିଦ୍ୟାଳୟର ଛାତ୍ର ରୁଦ୍ରନାରାୟଣ ବିଶ୍ୱାଳ ଓ ସୂର୍ଯ୍ୟନାରାୟଣ ଲେଙ୍କା ଉଭୟେ ଏ-୧ ଗ୍ରେଡରେ କୃତିତ୍ୱ ଅର୍ଜନ କରିଥିବା ବେଳେ ଏ-୨ ରେ ୧୧ ଜଣ ପରୀକ୍ଷାର୍ଥୀ କୃତ କାର୍ଯ୍ୟ ହୋଇଛନ୍ତି। ସେହିପରି ବିଦ୍ୟାଳୟରୁ ବି-୧ ରେ ୨୦ଜଣ, ବି-୨ରେ ୨୭ଜଣ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ସି, ଡି, ଓ ଇ ଗ୍ରେଡ ରେ ଯଥାକ୍ରମେ ୩୮ ,୨୩ ଓ ୮ ଜଣ ଉତ୍ତୀର୍ଣ୍ଣ ହୋଇ ବିଦ୍ୟାଳୟର ଗୌରବକୁ ଅକ୍ଷୁର୍ଣ୍ଣ ରଖିଛନ୍ତି । ବିଦ୍ୟାଳୟର ଏହି ସଫଳତା ପାଇଁ ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ କୁମାର ସ୍ୱାଇଁଙ୍କୁ ଅଭିଭାବକ ମାନେ ଶୁଭେଚ୍ଛା ଜଣାଇଛନ୍ତି

ଗ୍ରାମାଞ୍ଚଳ ଆର୍ ଆଇଙ୍କ ନୂଆ ଅଫିସ କୋଠରୀ ବିଧାୟକଙ୍କ ଦ୍ୱାରା ଉଦ୍‌ଘାଟନ

ଧର୍ମଗଡ଼ (ନିପ୍ର): କଳାହାଣ୍ଡିଆ ଜିଲ୍ଲା ଧର୍ମଗଡ଼ ତହସିଲ କାର୍ଯ୍ୟାଳୟ ଠାରେ ନୂତନ ଭାବରେ ତିଆରି ହୋଇଥିବା ଗ୍ରାମାଞ୍ଚଳ ଆର ଆଇ ଅଫିସ ଉଦ୍‌ଘାଟନ ହୋଇଛି । ଧର୍ମଗଡ଼ ସ୍ଥିତ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀଙ୍କ ହସ୍ତରେ ଆଜି ଉଦ୍‌ଘାଟନ ହୋଇଛି । ଏହି ଅବସରରେ କଳାହାଣ୍ଡି ଜିଲ୍ଲାପାଳ ସଚିନ ପାଓ୍ୱାର, ଧର୍ମଗଡ଼ ଉପଜିଲ୍ଲାପାଳ ପ୍ରେକ୍ଷା ଅଗ୍ରୱାଲ, ବିଡ଼ିଓ ସଦାଶିବ ନାୟକ, ତହସିଲଦାର କାର୍ତ୍ତିକ ଚନ୍ଦ୍ର ପ୍ରଧାନ , ଧର୍ମଗଡ଼ ଏ ଏନ ଏ ସି ଚେୟାରମେନ ଅଶୋକ ମହାନ୍ତି , ଜିଲାପରିଷଦ ଗୋପୀନାଥ ମୋହନନ୍ଦ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଗୋଟିଏ ସ୍ଥାନରେ ଉପଜିଲ୍ଲାପାଳ ଅଫିସ, ତହସିଲଦାରଙ୍କ ଅଫିସ ଓ ଆରଆଇ ଅଫିସ ଥିବାରୁ ଗ୍ରାମାଞ୍ଚଳ ଲୋକମାନେ ଆଉ ଅସୁବିଧା ସମ୍ମୁଖୀନ ହେବେ ନାହିଁ ବୋଲି ଉପସ୍ଥିତ ଜନସାଧାରଣଙ୍କୁ ଜିଲ୍ଲାପାଳ ଅଭିଭାଷଣ ରଖିଥିବା ବେଳେ ଧର୍ମଗଡ଼ ବିଧାୟକ ଗ୍ୟାସ ସମସ୍ୟାର ସମାଧାନ ପାଇଁ ଜିଲ୍ଲାପାଳଙ୍କୁ ଜଣାଇଥିଲେ । ଏହି ଉଦଘାଟନରେ ରାଜମୋଟେର ଗ୍ରାମର ନଅ ଜଣ ଭୂମିହୀନଙ୍କୁ ତିନି ଡ଼ିସିମିଲ ଲେଖାଏଁ ବିଧାୟକଙ୍କ ହସ୍ତରୁ ପଟ୍ଟା ବଣ୍ଟନ କରାଯାଇଥିଲା । ଧର୍ମଗଡ଼ ତହସିଲଦାର ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଅବସର କାଳୀନ ସମ୍ବର୍ଦ୍ଧନା ସଭା

କାଶୀନଗର (ନିପ୍ର):କାଶୀନଗର ଥାନାରେ କାର୍ଯ୍ୟରତ ଏ ଏସ ଆଇ ଗୋବିନ୍ଦ କହଁରଙ୍କ ଅବସର ଯୋଗୁଁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ତାଙ୍କ ଉଦ୍ଦେଶ୍ୟରେ ଥାନା ଅଧିକାରୀ ତ୍ରିନାଥ ସେଠିଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭା କାର୍ଯ୍ୟକ୍ରମରେ ପାରଳାଖେମୁଣ୍ଡି ଏସ ଡ଼ି ପି ଓ ମାଧବାନନ୍ଦ ନାୟକ ମୁଖ୍ୟ ଅତିଥି ହେଡ କ୍ୱାର୍ଟର୍ଏର ଡ଼ି ଏସ ପି ସମ୍ମାନିତ ଅତିଥି ପ୍ରମୁଖ ଯୋଗଦେଇ ତାଙ୍କୁ ଉପଢୌକନ ମାଲ୍ୟାର୍ପଣ ସହ ସମ୍ବର୍ଦ୍ଧନା କରିଥିଲେ । ତାଙ୍କର ଦୀର୍ଘ ଦିନର ପୋଲିସ ବିଭାଗର ନିଷ୍ଠାର ସହ କାର୍ଯ୍ୟ କରିଥିଲେ । ସମାଜସେବୀ ହୃଷିକେଶ ଗୌଡ଼ ଗୋବିନ୍ଦ କହଁର ଦୀର୍ଘ ଜୀବନ କାମନା ଓ ନିରାମୟ ରହିବା ପାଇଁ ମତ ରଖିଥିଲେ । ଥାନାର ସମସ୍ତ କର୍ମଚାରୀ ଓ ବହୁ ଭଦ୍ର ବ୍ୟକ୍ତି ମିଡ଼ିଆ ପ୍ରତିନିଧିମାନେ ଯୋଗ ଦେଇଥିଲେ ।

ଅଭୟ ନୃସିଂହ ଯାତ୍ରା ଆରମ୍ଭ

ଆସିକା (ନିପ୍ର): ସୁନାମ୍ଭ ସାହି ସ୍ଥିତି ଶ୍ରୀଶ୍ରୀ ଲକ୍ଷ୍ମୀ ନୃସିଂହ ଠାକୁରଙ୍କ ଯାତ୍ରାସୋବର ଆଜି ମହାଆଡ଼ମ୍ବର ଓ ପାରମ୍ପରିକ ରୀତିନୀତି ସହକାରେ ଆରମ୍ଭ ହୋଇଯାଇଛି । ଆଜି ପ୍ରାତଃରୁ ମନ୍ଦିର ଫିଟା, ଗାଧୁଆ, ବେଶ ମାଇଲମ, ସକାଳ ଆଳତୀ, ବାଲଭୋଗ ପରେ ମହାପ୍ରଭୁ ଭକ୍ତଙ୍କୁ ଦର୍ଶନ ଦେଇଥିଲେ । ଦିନ ତମାମ ପୂଜାର୍ଚ୍ଚନା ସକାଶେ ରତ୍ନାକର ଦାସ, ହେମନ୍ତ ଦାସଙ୍କ ସମେତ ବହୁ ପଣ୍ଡିତ ପ୍ରଭୁଙ୍କ ହୋମ ଯଜ୍ଞ ଆୟୋଜିତ କରିଥିଲେ । ସୋମବାର ପ୍ରାତଃରୁ ମାନସିକ ଧାରୀ ବହୁ ଶ୍ରଦ୍ଧାଳୁ ଠାକୁରଙ୍କୁ ପାଲିଙ୍କିରେ ଧରି ନଗର ପରିକ୍ରମା, ସୁନାମ୍ଭ ସାହି ସ୍ଥିତ ଅଭୟ ନୃସିଂହ ମନ୍ଦିର ସମ୍ମୁଖରେ ଅସ୍ଥାୟୀ ମଣ୍ଡପରେ ଠାକୁରଙ୍କୁ ବସାଯାଇ ପୂଜାର୍ଚ୍ଚନା କରାଯିବ । ଚାରିଦିନ ଧରି ଆୟୋଜିତ ହେବାକୁ ଥିବା ଏହି ଯାତ୍ରା ସକାଶେ ସୁଉଚ୍ଚ ତୋରଣ, ରଙ୍ଗ ବେରଙ୍ଗର ବାନାମାଳ ସହ ଆଲୋକମାଳାରେ ସହର ଝଲସି ଉଠିଛି । ପ୍ରବଳ ଗ୍ରୀଷ୍ମପ୍ରବାହ ଜାରୀ ରହିଥିବା ସତ୍ତ୍ୱେ ସ୍ଥାନୀୟ ସହର ସମେତ ନିକଟବର୍ତ୍ତୀ ଅଞ୍ଚଳରୁ ଶହ ଶହ ଭକ୍ତ, ଦର୍ଶନାର୍ଥୀ ଓ ଯାତ୍ରାପ୍ରେମୀଙ୍କ ପ୍ରାତଃରୁ ମଧ୍ୟରାତ୍ର ପର୍ଯ୍ୟନ୍ତ ପ୍ରବଳ ଭିଡ଼ ଜମି ରହିଛି ।

ଆନ୍ତର୍ଜାତିକ ଶ୍ରମିକ ଦିବସ

ଜଟଣୀ,(ନିପ୍ର): ଆନ୍ତର୍ଜାତୀୟ ଶ୍ରମିକ ଦିବସ ପାଳନ ଅବସରରେ ଉତ୍କଳ ଶ୍ରମିକ ସଂଗଠନ ଓ ସିଟି କେୟାର ହସ୍ପିଟାଲ ମିଳିତ ଆନୁକୂଲ୍ୟରେ ଏକ ମେଗା ରକ୍ତଦାନ ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ଥାନାଧିକାରୀ ଷ୍ଟାଲିନ ବିଶ୍ୱାଳ ଉଦଘାଟନ କରିଥିବା ବେଳେ ଅନ୍ୟତମ ଅତିଥି ଭାବେ ବିଜେଡ଼ି ନେତା ଅନନ୍ତ ଶତପଥୀ ଓ ସମାଜସେବୀ ସୀତାକାନ୍ତ ଶତପଥୀ, ରମେଶ କୁମାର ଦାସ ଓ ପ୍ରଶାନ୍ତ ବେହେରା ପ୍ରମୁଖ ଯୋଗ ଦେଇଥିଲେ । ପ୍ରତିଦିନ ଶ୍ରମିକ ମାନେ ନିଜ ନିଜର କର୍ମକ୍ଷେତ୍ରରେ କାର୍ଯ୍ୟକରି ପାରିଶ୍ରମିକ ଅର୍ଥରେ ନିଜର ପରିବାର ପ୍ରତିପୋଷଣ କରୁଥିବା ସ୍ଥଳେ ଆଜିର ଏହି ମହାନ ଦିବସରେ ରକ୍ତଦାନ ଭଳି ଏକ ମହତ୍ କାର୍ଯ୍ୟ କରି ସମାଜକୁ ଏକ ନିଆରା ବାର୍ତ୍ତା ପ୍ରଦାନ କରିଛନ୍ତି ଓ ବର୍ତ୍ତମାନ ସମୟରେ ଶ୍ରମିକ ମାନଙ୍କର ସମସ୍ୟା ବଢିବାରେ ଲାଗିଛି, ଦିନକୁ ଦିନ ବାହାର ରାଜ୍ୟର ଶ୍ରମିକ ସେମାନଙ୍କ ର ଜୀବନ ଜୀବିକା ଉପରେ ପ୍ରଭାବ ପକାଉଛନ୍ତି ।

ପଞ୍ଚସଖା ଶିକ୍ଷା ସେତୁ ଯୋଜନା ସମ୍ପର୍କରେ ମେଗା ସଚେତନତା ଶିବିର

କାକଟପୁର(ନିପ୍ର): ଓଡିଶା ସରକାରଙ୍କ ପଞ୍ଚସଖା ଶିକ୍ଷା ସେତୁ ଯୋଜନା ସମ୍ପର୍କରେ ମେଗା ସଚେତନତା ଶିବିର ସ୍ଥାନୀୟ ସାଇ ମଣ୍ଡପରେ ପିଏମ ଶ୍ରୀ କାକଟପୁର ସରକାରୀ ଉଚ୍ଚ ବିଦ୍ୟାଳୟ ଆୟୋଜନରେ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ମେଗା ଶିବିରରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ପ୍ରଶାସକ ପ୍ରଭାତ ତରାଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଲେ ଯେ, ସରକାରଙ୍କ ଏତାଦୃଶ ଯୋଜନା ଏକ ଅଭିନବ ଯୋଜନା, ଯଦ୍ଦ୍ୱାରା ଗୋଟିଏ ବିଦ୍ୟାଳୟର ସାମଗ୍ରିକ 'ଶ୍ରୀ' ବୃଦ୍ଧି ସାଧିତ ହୋଇପାରିବ । ବିଦ୍ୟାଳୟ ଏକ ଦେବାଳୟ ସଦୃଶ , ତେଣୁ ପ୍ରତ୍ୟେକ ବ୍ୟକ୍ତି ବିଶେଷ ଉକ୍ତ ଦେବାଳୟର ବିକାଶ ନିମନ୍ତେ ସ୍ୱତଃ ନିଜର ତନ, ମନ ଓ ଧନ ଦେଇ ସାମିଲ ହେବା ଆବଶ୍ୟକ ।

ଭାପୁର: ସସ୍ମିତା ବେହେରା ମାଟ୍ରିକ ଟପ୍ପର

ଭାପୁର,(ନିପ୍ର): ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଫେବୃଆରୀ ମାସ ୧୯ ତାରିଖ ଗୁରୁବାର ଦିନ ଠାରୁ ଆରମ୍ଭ ହୋଇଥିଲା ଏବଂ ଅଢେଇ ମାସ ପରେ ମେ ମାସ ୨ ତାରିଖ ଦିନ ଫଳାଫଳ ପ୍ରକାଶିତ ହୋଇଛି । ଏହି ପରିପ୍ରେକ୍ଷୀରେ,ଭାପୁର ବ୍ଲକରୁ ବଡସହରା ସରକାରୀ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସସ୍ମିତା ବେହେରା ୫୫୪ ନମ୍ବର ଅର୍ଥାତ ଶତକଡା ୯୩ ଭାଗ ରଖି (ଗ୍ରେଡ୍-ଏ) ବ୍ଲକ ଟପ୍ପର ହୋଇଛନ୍ତି । ନିମାଣୀ ପଞ୍ଚାୟତ ବାଦଲଭୂଇଁ ଗ୍ରାମର ବାପା କରୁଣାକର ବେହେରା ଓ ମାଆ ମଞ୍ଜୁରାଣୀ ବେହେରାଙ୍କ କନ୍ୟା ଅଟନ୍ତି । ସସ୍ମିତାଙ୍କ ଏହି ସଫଳତା ପାଇଁ ସେ ପରୀକ୍ଷା ପୂର୍ବରୁ ୧୮ ଘଣ୍ଟା ପାଠପଢାରେ ପରିଶ୍ରମ କରନ୍ତି ଏବଂ ବଡହେଲେ ପ୍ରଶାସନିକ ଅଧିକାରୀ ହେବେ ବୋଲି ମତବ୍ୟକ୍ତ କରିଛନ୍ତି । ସସ୍ମିତା ଭାପୁର ବ୍ଲକ ମାଟ୍ରିକ ଟପ୍ପର - ୨୬ ହୋଇଥିବାରୁ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ,ବ୍ଲକ ଉପାଧକ୍ଷ ବେଣୁଧର ପ୍ରଧାନ, ଶିକ୍ଷା ମଣ୍ଡଳ ଅଧିକାରିଣୀ ମୋନାଲିସା ରଥ ଏବଂ ଶିକ୍ଷାବିତ୍ ମାନେ ଭବିଷ୍ୟତ ଉଜ୍ଜଳ କାମନା କରିଛନ୍ତି ।

ପୁଲିସ ଏସ୍‌ଆଇ ଚାକିରୀ ବିକ୍ରି ମାମଲା

୮ ଜଣଙ୍କ ନାମରେ ଜାମିନ ବିହୀନ ଗିରଫ ପରୱାନା

ଭୁବନେଶ୍ୱର,(ନିପ୍ର): ପୁଲିସ ଏସ୍‌ଆଇ ଚାକିରୀ ବିକ୍ରି ମାମଲାରେ ସିବିଆଇ ସମନ୍‌କୁ ବେଖାତିର୍ । ଏହି ଠକେଇ ସମ୍ପର୍କରେ ବହୁ ଲୋକଙ୍କୁ ସିବିଆଇ ପଚରାଉଚରା କରିବାକୁ କାର୍ଯ୍ୟାଳୟକୁ ଡକାଉଛି । ହେଲେ ସେମାନେ ଆସିବାକୁ ନାରାଜ । ସମନ୍‌କୁ ବେଖାତିର କରୁଛନ୍ତି । ଏଣୁ ସିବିଆଇ ସେମାନଙ୍କ ବିରୋଧରେ କୋର୍ଟଙ୍କ ଦ୍ୱାରସ୍ଥ ହେବା ପରେ ୮ ଅଭିଯୁକ୍ତଙ୍କ ବିରୋଧରେ ଜାମିନ୍ ବିହୀନ ଗିରଫ ପରୱାନା ଜାରି କରାଯାଇଛି । ଏହି ଅଭିଯୁକ୍ତମାନେ ହେଲେ ଅନ୍ୱେଶ ନାୟକ, ଆଶିଷ କୁମାର, ବଳରାମ ପ୍ରଧାନ, ଧର୍ମେନ୍ଦ୍ର ପ୍ରଧାନ, ଗୋବିନ୍ଦ ତ୍ରିପାଠୀ, ଗୋପାଳ କୃଷ୍ଣ ଦାସ, ଗୋପୀ ରମଣ ଏବଂ ସଞ୍ଜୟ କୁମାର । ଏମାନଙ୍କ ମଧ୍ୟରେ ୫ଜଣ ଓଡ଼ିଆ ଥିଲା ବେଳେ ଆଉ ୩ଜଣ ବିହାର ରାଜ୍ୟର ବୋଲି ଜଣାପଡ଼ିଛି । ଅଭିଯୁକ୍ତମାନଙ୍କ ବିରୋଧରେ ଜାମିନ୍ ବିହୀନ ଗିରଫ ପରୱାନା ଜାରି କରାଯିବା ପରେ ସିବିଆଇ ଏମାନଙ୍କୁ ଗିରଫ କରି କୋର୍ଟଙ୍କ ସମ୍ମୁଖରେ ହାଜର କରାଇବ । ଏହାପରେ ପଚରାଉଚରା କରିବ ବୋଲି ଜଣାପଡ଼ିଛି । ଜାମିନ୍ ବିହୀନ ଗିରଫ ପରୱାନା ଜାରି କରାଯାଇଥିବା ବ୍ୟକ୍ତିମାନେ ଏହି ଠକେଇରେ ମଧ୍ୟସ୍ଥ ଭାବେ ଅପରେଟ୍ କରୁଥିଲେ । ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟି, ଅନ୍ୟ ଅଭିଯୁକ୍ତ ଏବଂ ପରୀକ୍ଷାର୍ଥୀଙ୍କୁ ଜେରା ବେଳେ ଏମାନଙ୍କ ନାମ ସାମ୍ନାକୁ ଆସିଥିଲା । ଅଣ ଓଡ଼ିଆମାନେ ରାଜ୍ୟ ବାହାରେ ରହି ଶଙ୍କର ଏବଂ ତାଙ୍କ ଗ୍ୟାଙ୍ଗ୍‌କୁ ସମସ୍ତ ପ୍ରକାର ସହଯୋଗ କରୁଥିଲା ବେଳେ ଓଡ଼ିଶା ଲୋକେ ଦୀଘା ମଡ୍ୟୁଲ୍ ଏବଂ ଆନ୍ଧ୍ର ପ୍ରଦେଶ ମୁଡ୍ୟୁଲକୁ ଅପରେଟ୍ କରିବାରେ ସହଯୋଗ କରିଥିଲେ । କିଛିଙ୍କ ଆକାଉଣ୍ଟକୁ ଟଙ୍କା ଟ୍ରାନ୍ସଫର ହୋଇଥିବା ନେଇ ସିବିଆଇ ପ୍ରମାଣ ପାଇଥିବା ସୂଚନା ମିଳିଛି । ଏସ୍‌ଆଇ ଚାକିରୀ ବିକ୍ରି ମାମଲାରେ ପ୍ରଥମେ ବ୍ରହ୍ମପୁର ପୁଲିସ ପରେ କ୍ରାଇମବ୍ରାଞ୍ଚ ଏବଂ ଶେଷରେ ସିବିଆଇ ଏହାର ତଦନ୍ତ ଭାର ହାତକୁ ନେଇଥିଲା । ଚାକିରୀ ବିକ୍ରି ଲିଙ୍କ୍‌ରେ କିଛି ରାଜ୍ୟ ବାହାର ସ୍କାମ୍‌ଷ୍ଟରଙ୍କୁ ସିବିଆଇ ଗିରଫ କରିଥିଲା । ସିବିଆଇ ଏକାଧିକ ଟିମ୍ ଗଠନ କରି ବିଭିନ୍ନ ସ୍ଥାନରେ ରେଡ୍ କରିଥିଲା । କିନ୍ତୁ ରାଜ୍ୟ ବାହାରେ ଅପରେଟ୍ କରୁଥିବା ବଡ଼ ମାଛ ଏର୍ଯ୍ୟନ୍ତ ସିବିଆଇ ଜାଲରେ ପଡ଼ି ନାହାନ୍ତି । ତେଣୁ ସିବିଆଇ ହାତକୁ ମାମଲା ଗଲାପରେ ସେତେଟା ଲୋକଙ୍କ ଦୃଷ୍ଟି ଆକର୍ଷଣ ହୋଇ ପାରିଲା ନାହିଁ । ସିବିଆଇର ଶିଥିଳ କାର୍ଯ୍ୟାନୁଷ୍ଠାନ ଯୋଗୁଁ ଏବେ ଅଭିଯୁକ୍ତମାନେ ସିବିଆଇକୁ ଖାତିର କରୁ ନାହାନ୍ତି । ଯାହାଫଳରେ ଏମାନେ ସମନ୍‌କୁ ଏଭଳି ଅବମାନନା କରୁଛନ୍ତି ବୋଲି ଆଲୋଚନା ହେଉଛି । ସୂଚନାଯୋଗ୍ୟ ଏସ୍‌ଆଇ ଚାକିରୀ ବିକ୍ରି ମାମଲାରେ ମାଷ୍ଟରମାଇଣ୍ଡ ତଥା ପଞ୍ଚସପୁର ମାଳିକ ଶଙ୍କର ପୃଷ୍ଟି, ମଧ୍ୟସ୍ଥ ମୁନ୍ନା ମହାନ୍ତି ଏବଂ ତାଙ୍କ ସହଯୋଗୀଙ୍କ ସମେତ ସିଲିକନ୍ ଟେକ୍ ଲ୍ୟାବ୍‌ର ସିଇଓ ସୁରେଶଙ୍କ ନାୟକଙ୍କୁ ଗିରଫ କରାଯାଇଥିଲା । ଏହା ବ୍ୟତିତ ବହୁ ସଂଖ୍ୟାରେ ରାଜ୍ୟ ତଥା ରାଜ୍ୟ ବାହାର ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା । ହେଲେ କିଛି ଅଭିଯୁକ୍ତଙ୍କୁ ଜାମିନ୍ ମିଳି ସାରିଲାଣି । ମୁନ୍ନା ମହାନ୍ତିଙ୍କୁ କିଛିଦିନ ତଳେ ଜାମିନ୍ ମିଳିଛି ।

୨୦ ଲକ୍ଷ ଟଙ୍କାର ବ୍ରାଉନସୁଗର ଜବତ, ୨ ଗିରଫ ଜାମିନରେ ଆସି, ପୁଣି ଚଳାଇଥିଲା କାରବାର

ଭୁବନେଶ୍ୱର(ନିପ୍ର): ବାଣୀ ବିହାର କ୍ୟାମ୍ପସରେ ନିଶା କାରବାର ହେଉଛି । କ୍ୟାମ୍ପସରେ ଥିବା ଜଙ୍ଗଲିଆ ସ୍ଥାନ ନିଶା କାରବାରର ହବ୍ ପାଲଟିଛି । ଅବକାରୀ ବିଭାଗ ଚଢ଼ାଉ ଦୁଇ ବ୍ରାଉନସୁଗର ବେପାରୀଙ୍କୁ ଗିରଫ କରିଛି । ଶୁକ୍ରବାର ରାତିରେ ଏହି ଚଢ଼ାଉ ହୋଇଥିଲା । ଅଭିଯୁକ୍ତଦ୍ୱୟଙ୍କ ଠାରୁ ୧୯୫ ଗ୍ରାମର ବ୍ରାଉନସୁଗର ଜବତ ହୋଇଛି । ଏହାର ଆନୁମାନିକ ମୂଲ୍ୟ ୨୦ ଲକ୍ଷ ଟଙ୍କା ହେବ । ଅଭିଯୁକ୍ତଦ୍ୱୟ ହେଲେ ଭରତପୁର ଥାନା ଅଞ୍ଚଳରେ ରହୁଥିବା ସୌରଭ କୁମାର ଟୁଡୁ (୨୪) ଓ ସହିଦନଗର ଅଞ୍ଚଳରେ ରହୁଥିବା ତାର ସହଯୋଗୀ ଅମନ ନାୟକ (୨୪) । ଏନେଇ ଭୁବନେଶ୍ୱର ଅବକାରୀ ରେଞ୍ଜ୍ - ୧ ଇନ୍‌ସପେକ୍ଟରଙ୍କ ପକ୍ଷରୁ ମାମଲା ପଞ୍ଜିକୃତ କରାଯାଇଛି । ଅଭିଯୁକ୍ତଦ୍ୱୟ ବ୍ରାଉନସୁଗର ବିକ୍ରି କରୁଥିବା ଖବର ପାଇ ଅବକାରୀ ଦଳ ଚଢ଼ାଉ କରିଥିଲା । ଉଭୟ କ୍ୟାମ୍ପସ ଭିତର କେଦାରଶ୍ୱରୀ ମନ୍ଦିର ସମ୍ମୁଖରେ ବ୍ରାଉନସୁଗର ବିକ୍ରି କରୁଥିଲେ । ଅବକାରୀ ଟିମକୁ ଦେଖି ସେମାନେ ଖସି ଯାଇଥିଲେ । ସ୍ଥାନୀୟ ବୁଦା ଅଞ୍ଚଳକୁ ପଳାଇ ଯାଇଥିଲେ । ଅବକାରୀ ଟିମ୍ ପିଛା କରି ଉଭୟଙ୍କୁ କାବୁ କରିଥିଲା । ଏନେଇ ଭୁବନେଶ୍ୱର ଅବକାରୀ ଜିଲ୍ଲା ଏସ୍ପି ଦେବାଶିଷ ପଟେଲ କହିଛନ୍ତି, ବର୍ଷେ ତଳେ ସୌରଭ ବାଣୀ ବିହାର କ୍ୟାମ୍ପସରୁ ଗିରଫ ହୋଇଥିଲା । ଅବକାରୀ ବିଭାଗ ହାତରେ ଧରାପଡି ସେ ଜେଲ ଯାଇଥିଲା । ସେତେବେଳେ ତା ପାଖରୁ ୧୮୦ ଗ୍ରାମର ବ୍ରାଉନସୁଗର ଜବତ ହୋଇଥିଲା । ୬ ମାସ ଜେଲରେ ରହି ଜାମିନରେ ଆସିଥିଲା ।

୧୧୫ ଗ୍ରାମ ବ୍ରାଉନ ସୁଗାର ଜବତ: ୩ କୋର୍ଟ ଚାଲାଣ

କେନ୍ଦ୍ରାପଡ଼ା,(ନିପ୍ର): କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆୟରଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ବ୍ରାଉନ ସୁଗାର ବିରୋଧରେ ବିଶେଷ ଚଢ଼ାଉ କରାଯାଇଥିଲା । ଅବକାରୀ ଅଧିକ୍ଷକ ବିପ୍ର ଚରଣ ମଣ୍ଡଳଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି ଚଢ଼ାଉ ସଫଳ ହୋଇଥିଲା । ଏହି କାର୍ଯ୍ୟରେ କେନ୍ଦ୍ରାପଡ଼ା ଟାଉନ ଥାନା ଅନ୍ତର୍ଗତ ବଳଗଣ୍ଡି ବଜାର ଅଞ୍ଚଳରୁ ନିଖିଳ ଗୋଛାୟତଙ୍କ ନିକଟରୁ ୩୫ ଗ୍ରାମ ବ୍ରାଉନ ସୁଗାର ଜବତ କରାଯାଇଥିଲା । ସେହିପରି ପଟ୍ଟାମୁଣ୍ଡାଇ ଟାଉନ ଥାନା ଅନ୍ତର୍ଗତ ପୋଖରୀପଡା ଓ ଦକ୍ଷିଣଡିଆ ସାହି ଅଞ୍ଚଳରୁ ରଞ୍ଜନ ବେହେରା ଓ ଆଶିଷ କୁମାର ପାତ୍ରଙ୍କୁ ଗିରଫ କରାଯାଇ ଏମାନଙ୍କ ପାଖରୁ ୮୦ ଗ୍ରାମ ବ୍ରାଉନ ସୁଗାର ସହ ଏକ ସ୍କୁଟି ଜବତ କରାଯାଇଥିଲା । ମୋଟ ୩ ଜଣଙ୍କ ପାଖରୁ ସମୁଦାୟ ୧୧୫ ଗ୍ରାମ ବ୍ରାଉନ ସୁଗାର ଜବତ ହୋଇଥିବା ବେଳେ ଏହାର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ଏଗାର ଲକ୍ଷ ପନ୍ଦର ହଜାର ଟଙ୍କା ହେବ । ଗିରଫ ହୋଇଥିବା ତିନିଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି । ଏହି ଚଢ଼ାଉରେ ଅବକାରୀ ଉପ-ନିରୀକ୍ଷକ ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ର, ଛାୟାକାନ୍ତ ନାୟକ ସହ ଅନ୍ୟାନ୍ୟ କର୍ମଚାରୀମାନେ ସକ୍ରିୟ ଭାବେ ସାମିଲ ଥିଲେ ।

ଭୂମିହୀନ ଉଦୟନାଥଙ୍କୁ ମିଳିଲା ଜମି ପଟ୍ଟା

ଆବାସ ଯୋଜନାରେ ଘର ଯୋଗାଇବାକୁ ନିବେଦନ

ବୋଲଗଡ,(ନିପ୍ର): ସରକାର ଲୋକଙ୍କ ହିତରେ ଅନେକ ଜନକଲ୍ୟାଣ ଯୋଜନା ପ୍ରଣୟନ କରୁଛନ୍ତି । ମାତ୍ର ଏହାର ସଠିକ ରୂପାୟନ କରିବା ଦାୟିତ୍ୱରେ ଥିବା ପ୍ରଶାସନିକ ଅଧିକାରୀଙ୍କ ଅବହେଳା ଓ ନିର୍ବାଚିତ ଜନପ୍ରତିନିଧିଙ୍କ ହୀନଚକ୍ରାନ୍ତର ଶିକାର ହେଉଛନ୍ତି ସାଧାରଣ ହିତାଧିକାରୀ । ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ତହସିଲ ଅଧୀନ ସଂପୁର ଗ୍ରାମର ହରିରାଜପୁର ୱାର୍ଡ ଭୂମିହୀନ ଉଦୟନାଥ ବେହେରା (୫୦)ଙ୍କ କ୍ଷେତ୍ରରେ ଏପରି ବ୍ୟତିକ୍ରମ ଦେଖିବାକୁ ମିଳିଛି । ଗରିବ ସୀମାରେଖା ତଳେ ଥିବା ଉଦୟନାଥ ଭୂମିହିନ ହୋଇଥିବାରୁ ତାଙ୍କୁ ସରକାରୀ ଯୋଜନାରେ ଘରନିର୍ମାଣ ପାଇଁ ସହାୟତା ମିଳି ପାରୁନଥିବା ବେଳେ କୌଣସି ସରକାରୀ ସହାୟତା ଆବେଦନରୁ ମଧ ଗତ ୨୦ ବର୍ଷରୁ ଉର୍ଦ୍ଧ କାଳ ବଞ୍ଚିତ ହୋଇ ଆସୁଛନ୍ତି । ଏପରିକି ତାଙ୍କ କଲେଜ ପଢୁଆ ଝିଅ ମଧ ପ୍ରମାଣପତ୍ର ଅଭାବରୁ ବୃତ୍ତି ଆବେଦନ କରି ପାରୁ ନଥିଲେ । ପର ଦୁଆରେ ଗୋଟିଏ ବତାବାଡ଼ ଟାଇଲ କୁଡିଆ ଘରେ ତାଙ୍କର ୫ଜଣିଆ ପରିବାର ଦୀର୍ଘଦିନ ହେବ ମୁଣ୍ଡ ଗୁଞ୍ଜି ଥିବା ବେଳେ ବର୍ଷା ହେଲେ ସେହି ଘରେ ପାଣିର ଲହଡିଖେଳେ । ଦିନ ମଜୁରିଆ ହୋଇ ଥିବାରୁ କାମ ମିଳିଲେ ପରିବାର ଚଳେ ନମିଳିଲେ ପ୍ରାୟ ଉପବାସ ରହିଥାନ୍ତି ।ଏପଟେ ପତ୍ନୀ ମାନସିକ ରୋଗୀ ହୋଇଥିବାରୁ ତାଙ୍କ ଜୀବନ ଚଳାପଥ ଦୁର୍ବିସହ ହୋଇପଡ଼ିଛି ବୋଲି ଉଦ୍ୟନାଥ ପ୍ରକାଶ କରିଛନ୍ତି । ସରକାରୀ ସହାୟତା ପାଇଁ ସ୍ଥାନୀୟ ବ୍ଲକ ଠାରୁ ତହସିଲ ଏବଂ ସରପଞ୍ଚଙ୍କୁ ବାରମ୍ବାର ଗୁହାରି କଲେ ମଧ କିଛି ସୁଫଳ ମିଳୁନ ଥିଲା । ଏନେଇ ସେହି ଗ୍ରାମର ସାମାଜିକକର୍ମୀ ନିରଞ୍ଜନ ନାୟକଙ୍କ ଉଦ୍ୟମ କ୍ରମେ ଉଦ୍ୟନଥଙ୍କୁ ଗୃହନିର୍ମାଣ ପାଇଁ ଭୂମି ପ୍ରଦାନ ଓ ମାନସିକ ଭିନ୍ନକ୍ଷମ ପତ୍ନୀଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ତହସିଲ,ବ୍ଲକ ଓ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ତେବେ ବହୁ ବିଳମ୍ବରେ ହେଲେ ମଧ ପ୍ରଶାସନ ଗୁରୁବାର ଉଦ୍ୟନାଥଙ୍କ ଦୁଃଖ ହୃଦୟଙ୍ଗମ କରି ତାଙ୍କୁ ୪୦ ଡିସିମିଲି ଜାଗା ପ୍ରଦାନ କରିଛନ୍ତି । ସ୍ଥାନୀୟ ତହସିଲଦାର ବିଜୟ କୁମାର ସେଠୀ ନିଜ କର୍ମଚାରୀଙ୍କ ସହ ସଂପୁର ଗ୍ରାମରେ ପହଞ୍ଚି ଉଦ୍ୟନାଥଙ୍କୁ ନିକଟସ୍ଥ ଯୋଡ଼ାପଡା ମୌଜା ରେ ଥିବା ଏକ ସରକାରୀ ଜାଗାର ପଟ୍ଟା ପ୍ରଦାନ କରିଛନ୍ତି ।

ପ୍ରଗତିଶୀଳ ଶ୍ରମିକ ମଞ୍ଚ ପରିସରରେ ଆନ୍ତର୍ଜାତିକ ଶ୍ରମିକ ଦିବସ

ଭୁବନେଶ୍ୱର,(ନିପ୍ର) : ସ୍ଥାନୀୟ ଝାରସୁଗୁଡାସ୍ଥିତ ପ୍ରଗତିଶୀଳ ଶ୍ରମିକ ମଞ୍ଚ ପରିସରରେ ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳିତ ହୋଇଯାଇଛି । ଏହି ସଭାକୁ ପ୍ରଗତିଶିଳ ଶ୍ରମିକ ମଞ୍ଚର ପ୍ରତିଷ୍ଠାତା ଆବାହକ ଶ୍ରମିକ ସଂଗଠକ ରକ୍ଷାକାର ଅନୁପମ ଅନ୍ତର୍ଜାତିକ ଶ୍ରମିକ ଦିବସର ଇତିହାସ ପର୍ଯ୍ୟାୟ ଆଲୋଚନା କରିଥିଲେ । ଆମେରିକା ଚିକାଗୋ ସହରରେ ପୋଲିସମାନଙ୍କ ଅତ୍ୟାଚାରରେ ମୃତ୍ୟୁବରଣ କରିଥିଲେ । ଯାହା ନବେଦଶକରୁ ଆଜି ପର୍ଯ୍ୟନ୍ତ ଶ୍ରମିକ ନ୍ୟାର୍ଯ୍ୟ ଦାବି ପାଇପାରିନାହାନ୍ତି । ଏହା ପରିତାପର ବିଷୟ । ଶ୍ରମିକଙ୍କ ପ୍ରତି ସରକାରଙ୍କ ବୈମାତୃକ ଭାବକୁ ଆମେ ଆଉ ମୁଣ୍ଡପାତି ସହିବା ନାହିଁ । ଏବେ ସଚେତନ ହୋଇ ଆମର ଅଧିକାର ପାଇଁ ଲଢ଼ିବାର ସମୟ ବୋଲି କହିଥିଲେ । ଏଥିରେ ମୁଖ୍ୟଅତିଥି ଭାବରେ ଶ୍ରମିକସଂଗଠକ ବିରଞ୍ଚି ସାହୁ ଯୋଗ ଦେଇ ଶ୍ରମିକ ସମସ୍ୟା ଉପରେ କହିଥିଲେ । ଜୀବନ ବୀମା କର୍ମଚାରୀ ସଙ୍ଘ ଓଡିଶାର ଯୁଗ୍ମ ସମ୍ପାଦକ ରତ୍ନାକର ପ୍ରଧାନ ଶ୍ରମିକ ସୁରକ୍ଷା କିଭଳି ପାଇପାରିବେ ସେବିଷୟରେ କହିଥିଲେ । ସାମାଜିକକର୍ମୀ ସୌମିତ୍ର କର, ଶ୍ରମିକ ନେତା ଦିଲ୍ଲୀପ ବେହେରା, ପ୍ରମୋଦ କିଶୋର ପରିଡା, ବାସୁଦେବ ପରିଡା, ସୁଷମା ସାହୁ, ଚିନ୍ତାମଣି କିଷାନ, ପୂଜା ପରିଡା, ସୁବନ୍ତି ଭଉଣୀ ଉଦବୋଧନ ଦେଇଥିଲେ । ଝାରସୁଗୁଡା ର ସହର ପରିକ୍ରମା କରି ସଚେତନ ସ୍ଲୋଗାନ ଦେଇ ହଜାର ହଜାର ଶ୍ରମିକ ଭାଇ ଓ ଭଉଣୀମାନେ ଚାଲୁଥିବାର ଦେଖିବାକୁ ମିଳିଥିଲା । ଏହାପରେ ଶ୍ରମିକ ମାନଙ୍କ ପାଇଁ ଚାରି ଜଣ ଶ୍ରମିକ ଭଉଣୀ ଓ ଭାଇ ଯଥା ପୂଜା କୁସୁମ ଓ ଗୌରୀ ପ୍ରଧାନ, ତରୁଲତା ଗିରି, ସମାଜସେବୀ, ଶିବମୁଣ୍ଡାଙ୍କୁ ଉତ୍ତରୀୟ ସହ କିଛି ଆର୍ଥିକ ସହଯୋଗ ପ୍ରଦାନ କରାଯାଇଥିଲା ।

ସଭାମଣ୍ଡପ ଠାରେ ବାରଗାଦି ମେଳଣ

ଚାରିଛକ,(ନିପ୍ର): ଚାରିଛକ ନିକଟସ୍ଥ ତୁଳସୀପୁର ପଞ୍ଚାୟତ ସାନହୁଲି ଗ୍ରାମର ଐତିହାସିକ ପୀଠ ସଭାମଣ୍ଡପ ରତ୍ନବଟ ମଠ ଠାରେ ପବିତ୍ର ବୁଦ୍ଧ ପୂର୍ଣ୍ଣିମା ତିଥି ଅବସରରେ ୧୨ ଗାଦି ଭାଗବତ ମେଳଣ ଅନୁଷ୍ଠିତ ହୋଇଥିଲା । ଆଜି ପ୍ରାତଃ ରେ ପ୍ରଥମେ ତୁଳସୀପୁର ଗ୍ରାମର ଭାଗବତ ଗାଦି ଠାକୁର ଥାନପତି ହୋଇଥିବାରୁ ମେଳଣ ମଣ୍ଡପକୁ ଯାଇ ପ୍ରଥମେ ଉପବେଶନ କରିଥିଲେ । ତାପରେ ନିକଟସ୍ଥ ଭାଣପୁର, ଚହଟା, ବାଲୁଙ୍କ, ଛଣୀଜଙ୍ଗ, ଜାହାଙ୍ଗୀରପୁର, ସାନହୁଲି, ବାସୁଦେଇପୁର, ବନମାଳୀପୁର, ଦଣ୍ଡିକେରା, ବଳଭଦ୍ରପୁର, କେଶ ରାଇପୁର ପ୍ରଭୃତି ୧୨ ଟି ଗାଁ ର ଭାଗବତଗାଦି ଠାକୁର ସୁସଜ୍ଜିତ ବିମାନରେ ମଣ୍ଡପକୁ ଆସି ଉପବେଶନ କରିଥିଲେ । ସମସ୍ତ ଠାକୁରଙ୍କୁ ଓଁ ଶ୍ରୀ ଶ୍ରୀ ଭାଗବତ ବାସୁଦେବ ବାରଗାଦୀ ପୂଜା କମିଟି ପକ୍ଷରୁ ବିଭିନ୍ନ ଗ୍ରାମରୁ ଆସିଥିବା ସମସ୍ତ ବାରଗାଦି ଠାକୁରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ମଣ୍ଡପ ଠାରେ ରତ୍ନବଟ ମଠର ମୁଖ୍ୟ ପୂଜକ ଭଜମନ ଶତପଥିଙ୍କ ଦ୍ୱାରା ଠାକୁରଙ୍କ ସ୍ନାନ ପରେ ସକାଳେ ବାଳ ଭୋଗ ଓ ମଧାହ୍ନରେ ଅନ୍ନପ୍ରସାଦ ଭୋଗ ଲାଗି କରାଯାଇଥିଲା । ଠାକୁରମାନଙ୍କ ମଧ୍ୟରେ ମେଳଣ ଅନୁଷ୍ଠିତ ହୋଇଥିଲା । ଗାଁ ଗାଁ ଭିତରେ ସଦଭାବନା ରକ୍ଷା ଓ ଭାଇଚାରା ବୃଦ୍ଧି ପାଇଁ ଏହି ଦ୍ୱାଦଶ ଭାଗବତ ଗାଦି ମେଳଣ କାହିଁ କେତେ କାଳରୁ ଏଠାରେ ଅନୁଷ୍ଠିତ ହୋଇଆସୁଥିବା ଦେଖିବାକୁ ମିଳୁଛି । ଏହି ମେଳଣରେ ଅନୁଷ୍ଠାନର ସଭାପତି ସନ୍ତୋଷ କୁମାର ତ୍ରିପାଠୀ, ଉପସଭାପତି କୃଷ୍ଣ ଚନ୍ଦ୍ର ମହାପାତ୍ର,ସଂପାଦକ ଲକ୍ଷ୍ମୀଧର ବେହେରା, ସହ ସମ୍ପାଦକ ଚନ୍ଦ୍ରମଣୀ ସାହୁ କୋଷାଧକ୍ଷ ବ୍ରଜକିଶୋର କର ଓ ସମସ୍ତ ସଭ୍ୟ ହରେକୃଷ୍ଣ ଶତପଥି,କୈଳାଶ କର, ଚକ୍ରଧର ପାଣି ସୁବାସ ଚନ୍ଦ୍ର ସାହୁ ପ୍ରମୁଖ ସହଯୋଗ କରିଥିଲେ ।

ମଲାଡରେ ନୃସିଂହ ଚତୁର୍ଦ୍ଦଶୀରେ ନାମଯଜ୍ଞ

ରମ୍ଭା(ନିପ୍ର): ଗଞ୍ଜାମ ବ୍ଲକ୍ ଅନ୍ତର୍ଗତ ମଲାଡ ଗ୍ରାମର ଶ୍ରୀଚୈତନ୍ୟ କୋଠ ମଣ୍ଡପ ପରିସରରେ ଅଭିରାମ ପରମହଂସ ମଠ ଶାନ୍ତି ଆନନ୍ଦ ଆଶ୍ରମର ମଠାଧୀଶ ବାବାଜୀ ରସାନନ୍ଦ ଦାସଙ୍କ ପୌରହିତ୍ୟରେ ନୃସିଂହ ଚତୁର୍ଦ୍ଦଶୀରେ ୨୭ତମ ବାର୍ଷିକ ମେଳାମହୋତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ମଲାଡ ଗ୍ରାମର ଓଁ ନମୋ ଭଗବତେ ବାସୁଦେବାୟ ସେବା ସଂସ୍ଥା ଓ ବାସୁଦେବ ପରିବାର ପକ୍ଷରୁ ମୁଖ୍ୟ କର୍ତ୍ତା ରାମୁଡୁ ପଦ୍ମନାଭ ଓ ତାଙ୍କ ଧର୍ମପତ୍ନୀ ରାମୁଡୁ ଆଙ୍କାମାଙ୍କ ଆବାହନ କ୍ରମେ ବିଭିନ୍ନ ନାମ ସଂକୀର୍ତ୍ତନ ମଣ୍ଡଳୀ ଓ ଭାଗବତ ଟୁଙ୍ଗି ସଂସ୍କୃତି ପ୍ରେମୀଙ୍କ ଦ୍ୱାରା ନୃସିଂହ ମହାପ୍ରଭୁଙ୍କ ଜନ୍ମ ତିଥିରେ ମେଳା,ଅଷ୍ଟପ୍ରହର ନାମଯଜ୍ଞ ସହ ଅନ୍ନଯଜ୍ଞ ହୋଇଥିଲା ।

୨୫୦ ଏକର ଧାନ ଫସଲ ନଷ୍ଟ: କ୍ଷତିପୂରଣ ଦାବିରେ ବିଡିଓଙ୍କୁ ଦାବିପତ୍ର

ନିମାପଡ଼ା, (ନି.ପ୍ର.): ଏହି ବ୍ଲକ ଅନ୍ତର୍ଗତ ତାଳତଅଁଳା ଗ୍ରାମରେ କୀଟନାଶକ ପୋକ ପ୍ରାଦୁର୍ଭାବ ଯୋଗୁଁ ୨୫୦ ଏକର ଧାନ ଫସଲ ନଷ୍ଟ ହେବାକୁ ବସିଥିବା ବେଳେ ସରକାରଙ୍କ ପକ୍ଷରୁ ଆବଶ୍ୟକୀୟ କ୍ଷତିପୂରଣ ପ୍ରଦାନ ନିମନ୍ତେ ଜାଗ୍ରତ ଯୁବଶକ୍ତି ସଂଗଠନ ପକ୍ଷରୁ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡ଼ିଓଙ୍କୁ ଶନିବାର ଦିନ ପ୍ରଦାନ କରାଯାଇଥିଲା । ସଂଗଠନ ଆବାହକ ଆଦର୍ଶ ଦାଶଙ୍କ ନେତୃତ୍ୱରେ ଏକ ସ୍ୱେଚ୍ଛାସେବୀ ଦଳ ତାଳତଅଁଳା ଗ୍ରାମକୁ ଯାଇ କ୍ଷତିଗ୍ରସ୍ତ ଚାଷୀଙ୍କ ସହ ଆଲୋଚନା କରିବା ସହିତ କ୍ଷତିଗ୍ରସ୍ତ ଫସଲ ବୁଲି ଦେଖିଥିଲେ । ଚାଷୀଙ୍କ ଅନୁରୋଧ ସତ୍ତ୍ୱେ କୃଷି ବିଭାଗ ଅଧିକାରୀମାନେ ଗ୍ରାମକୁ ନ ଯିବା ପରିତାପର ବିଷୟ ବୋଲି ଗ୍ରାମବାସୀମାନେ କ୍ଷୋଭର ସହ ଗଣମାଧ୍ୟମକୁ ସୂଚନା ଦେଇଥିଲେ । ସରକାରଙ୍କ ନିୟମାନୁଯାୟୀ ଉନ୍ନତମାନର କୀଟନାଶକ ଔଷଧ ସାର ଆଦି ବ୍ୟବହାର କରାଯାଇଥିଲେ ହେଁ ଫସଲ ନଷ୍ଟ ହେବା ସଂପର୍କରେ କୃଷି ଅଧିକାରୀ ଓ ବିଶେଷଜ୍ଞମାନେ କୌଣସି ପ୍ରକାର ମନ୍ତବ୍ୟ ନ ଦେବା ଦୁର୍ଭାଗ୍ୟ ଜନକ ବୋଲି ସଂଗଠନ କର୍ମକର୍ତ୍ତାମାନେ ପ୍ରକାଶ କରିଥିଲେ । ସଂଯୋଜକ ସମୀର ରାଉତରାୟ, ମଖ୍ୟ କାର୍ଯ୍ୟ ନିର୍ବାହୀ ବିଜୟାନନ୍ଦ ଦାଶ, ଅଜୟ ମିଶ୍ରଙ୍କ ନେତୃତ୍ୱରେ ଚାଷୀମାନେ ବିଡ଼ିଓ ଏବଂ କୃଷି ଅଧିକାରୀଙ୍କ ସହ ଆଲୋଚନା କରି ଆବଶ୍ୟକୀୟ କ୍ଷତିପୂରଣ ସହ ଫସଲବୀମା ଦେବା ପାଇଁ ଦାବି କରିଥିଲେ । ଚାଷୀ ସୁଶାନ୍ତ ନାୟକ, ପବିତ୍ର ବେହେରା, ସଂଜୀବ ରାୟ, ପ୍ରଦ୍ୟୁମ୍ନ ରାୟ, ପ୍ରଭନ ବରାଳ, ଲିଙ୍ଗରାଜ, ବରାଳ, ପ୍ରସନ୍ନ ବରାଳ, ରାଧାଶ୍ୟାମ ବିଶ୍ୱାଳଙ୍କ ସମେତ ଅନେକ ଚାଷୀ ବିଡ଼ିଓଙ୍କୁ ଭେଟି କ୍ଷୟକ୍ଷତି ସଂପର୍କରେ ସମସ୍ତ ବିବରଣୀ ପ୍ରଦାନ କରିଥିଲେ ।

ଟି୨୦ ବିଶ୍ୱକପ୍ ପାଇଁ ଭାରତୀୟ ମହିଳା ଟିମ୍ ଘୋଷଣା

ନୂଆଦିଲ୍ଲୀ, ୨।୫: ଭାରତୀୟ କ୍ରିକେଟ ପ୍ରେମୀଙ୍କ ପାଇଁ ଏକ ବଡ଼ ଖବର। ଇଂଲଣ୍ଡରେ ଆୟୋଜିତ ହେବାକୁ ଯାଉଥିବା ମହିଳା ଟି-୨୦ ବିଶ୍ୱକପ ୨୦୨୬ ପାଇଁ ଭାରତୀୟ ମହିଳା ଦଳ ଘୋଷଣା କରାଯାଇଛି। ଗତବର୍ଷ ଦିନିକିଆ ବିଶ୍ୱକପ ଜିତି ଇତିହାସ ରଚିଥିବା ଟିମ୍ ଇଣ୍ଡିଆ, ଏଥର ହରମନପ୍ରୀତ କୌରଙ୍କ ନେତୃତ୍ୱରେ ନିଜର ପ୍ରଥମ ଟି-୨୦ ଟାଇଟଲ ହାସଲ କରିବା ଲକ୍ଷ୍ୟରେ ପଡ଼ିଆକୁ ଓହ୍ଲାଇବ। ଶନିବାର ବିସିସିଆଇ ମୁଖ୍ୟାଳୟରେ ଚୟନ କମିଟିର ଅଧକ୍ଷା ଅମିତା ଶର୍ମାଙ୍କ ନେତୃତ୍ୱରେ ୧୫ ଜଣିଆ ସ୍କ୍ୱାଡ ଘୋଷଣା କରାଯାଇଛି। ପ୍ରାୟ ୨ ବର୍ଷର ବ୍ୟବଧାନ ଏବଂ ଆହତ ସମସ୍ୟା ପରେ ଯୁବ ଉଇକେଟ କିପର-ବ୍ୟାଟର ଯଷ୍ଟିକା ଭାଟିଆ ଦଳକୁ ଫେରିଛନ୍ତି। ୨୦୨୬ରେ ନିଜର ଚମତ୍କାର ବୋଲିଂ ପ୍ରଦର୍ଶନ କରିଥିବା ଷ୍ଟାର ପେସର ନନ୍ଦିନୀ ଶର୍ମାଙ୍କୁ ପ୍ରଥମ ଥର ପାଇଁ ଜାତୀୟ ଦଳରେ ସ୍ଥାନ ମିଳିଛି। ଦିନିକିଆ ବିଶ୍ୱକପରେ ଷ୍ଟାର ଓପନର ରହିଥିବା ପ୍ରତିକା ରାଓ୍ୱଲଙ୍କୁ ଟି-୨୦ ଫର୍ମାଟରେ ସ୍ଥାନ ମିଳିନାହିଁ। ସେହିପରି ସ୍ନେହ ରାଣା, ଅମନଜୋତ କୌର ଏବଂ ହରଲୀନ ଦେଓଲ ମଧ୍ୟ ଦଳରୁ ବାଦ୍ ପଡ଼ିଛନ୍ତି।

ଅମୃତ ୨.୦ କାର୍ଯ୍ୟକାରିତା: ଓଡ଼ିଶା ଶୀର୍ଷରେ ସ୍ଥାନିତ

ଭୁବନେଶ୍ୱର, ୨।୫: ଅଟଳ ନବୀକରଣ ଏବଂ ସହର ରୂପାନ୍ତରଣ ମିଶନ (ଅମୃତ) ୨.୦ ଅଧୀନରେ ଓଡ଼ିଶା ଦେଶର ଶ୍ରେଷ୍ଠ ପ୍ରଦର୍ଶନକାରୀ ରାଜ୍ୟମାନଙ୍କ ମଧ୍ୟରେ ନିଜକୁ ସ୍ଥାପିତ କରିଛି। ରାଜ୍ୟ ସରକାରଙ୍କ ଦୃଢ଼ ନେତୃତ୍ୱ ଏବଂ ସୁଶାସନ ମାଧ୍ୟମରେ ସହରାଂଚଳ ଜଳ ନିରାପତା ଏବଂ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ଏକ ରୂପାନ୍ତରଣକାରୀ ପଦକ୍ଷେପ ଗ୍ରହଣ କରାଯାଇଛି। କ୍ଷେତ୍ରସ୍ତରରେ ସଫଳତା ପ୍ରଦାନ ପାଇଁ ସରକାରଙ୍କ ସ୍ପଷ୍ଟ ରାଜନୈତିକ ପ୍ରତିବଦ୍ଧତା ଯୋଗୁଁ ରାଜ୍ୟର ୮୯ଟି ସହରାଞ୍ଚଳ ସ୍ଥାନୀୟ ସଂସ୍ଥାରେ 'ଅମୃତ ୨.୦'ର କାର୍ଯ୍ୟାନ୍ୱୟନକୁ ତ୍ୱରାନ୍ୱିତ କରାଯାଇଛି। ସାର୍ବଜନୀନ ଜଳ ଯୋଗାଣ ଏବଂ ଜଳାଶୟଗୁଡ଼ିକର ପୁନରୁଦ୍ଧାର ଉପରେ ଗୁରୁତ୍ୱ ଦେଇ ୪,୦୩୦.୧୮ କୋଟି ଟଙ୍କାର ବ୍ୟୟ ଅଟକଳରେ ୩୪୫ଟି ପ୍ରକଳ୍ପ ଆରମ୍ଭ କରାଯାଇଛି। ସମୟାନୁବର୍ତ୍ତୀ କାର୍ଯ୍ୟ ଏବଂ ଉତ୍ତରଦାୟିତ୍ୱ ଉପରେ ସରକାର ଦେଉଥିବା ଗୁରୁତ୍ୱର ପ୍ରତିଫଳନ ସ୍ୱରୂପ ୧୦୭ଟି ପ୍ରକଳ୍ପ ପୂର୍ଣ୍ଣାଙ୍ଗ ହୋଇସାରିଛି। ବାକି ପ୍ରକଳ୍ପଗୁଡ଼ିକର ଅଗ୍ରଗତିକୁ ଉଚ୍ଚସ୍ତରରେ ନିୟମିତ ମନିଟରିଂ କରାଯାଉଛି। ସହର ବିକାଶ କାର୍ଯ୍ୟସୂଚୀରେ ଜଳ ନିରାପତ୍ତାକୁ ପ୍ରାଥମିକତା ଦେଇ ସରକାର ବାସ୍ତବିକ ଫଳାଫଳ ପ୍ରଦାନ କରିଛନ୍ତି। ୪୩ ଏମ୍.ଏଲଡ଼ି କ୍ଷମତା ବିଶିଷ୍ଟ ସାତଟି ନୂତନ ଜଳ ବିଶୋଧନ ପ୍ଲାଂଟ କାର୍ଯ୍ୟକ୍ଷମ ହୋଇଛି, ଯାହାଦ୍ୱାରା ପ୍ରାୟ ୨.୮୩ ଲକ୍ଷ ନାଗରିକ ଉପକୃତ ହେଉଛନ୍ତି। ପ୍ରମୁଖ ସହରାଞ୍ଚଳରେ ୨୪X୭ ଜଳ ଯୋଗାଣ ବ୍ୟବସ୍ଥା ଏବଂ ୨.୭ ଲକ୍ଷରୁ ଅଧିକ ପରିବାରକୁ ପାଇପ୍ ଯୋଗେ ଜଳ ସଂଯୋଗ ଯୋଗାଇ ଦିଆଯାଇଛି। ଏହାଦ୍ୱାରା ୫ ଲକ୍ଷରୁ ଅଧିକ ସହରବାସୀ ନିରାପଦ ପାନୀୟ ଜଳ ପାଇପାରୁଛନ୍ତି, ଯାହା ସାର୍ବଜନୀନ ଜଳ ସଂଯୋଗ ଦିଗରେ ଏକ ବଡ଼ ପଦକ୍ଷେପ। ସରକାରଙ୍କ ସମାବେଶୀ ଆଭିମୁଖ୍ୟକୁ ଦର୍ଶାଇ 'ଅମୃତ ମିତ୍ର' ଏବଂ 'ଓ୍ୱିମେନ୍ ଫର ଟ୍ରି' ଭଳି ପଦକ୍ଷେପ ମାଧ୍ୟମରେ ବ୍ୟାପକ ଜନଭାଗିଦାରୀ ସୃଷ୍ଟି କରାଯାଇଛି। ଏହାଦ୍ୱାରା ଜଳାଶୟଗୁଡ଼ିକର ପୁନରୁଦ୍ଧାର ଏବଂ ପରିବେଶ ସ୍ଥିରତା କ୍ଷେତ୍ରରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କୁ ନେତୃତ୍ୱ ନେବା ପାଇଁ ସଶକ୍ତ କରାଯାଇଛି। 'ପେୟ ଜଳ ସର୍ବେକ୍ଷଣ' ଏବଂ 'ଜଳ ହିଁ ଅମୃତ' ଭଳି ଜାତୀୟ କାର୍ଯ୍ୟକ୍ରମ ସହ ସମନ୍ୱୟ ରକ୍ଷା କରି ଦକ୍ଷ ଜଳ ପରିଚାଳନା ଏବଂ ଜଳର ପୁନଃ ବ୍ୟବହାରକୁ ପ୍ରୋତ୍ସାହିତ କରାଯାଉଛି।

ମାଟ୍ରିକ୍ ପରୀକ୍ଷାଫଳ ପ୍ରକାଶିତ

ଲଗାତାର ୧୯ବର୍ଷ ଧରି କିସ୍‌ର ଶତ ପ୍ରତିଶତ ସଫଳତା

ଭୁବନେଶ୍ୱର, ୨।୫: ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷାଫଳ ଆଜି ପ୍ରକାଶ ପାଇଛି। ସମଗ୍ର ଓଡ଼ିଶାରେ ପାସ୍ ହାର ୯୫.୩୩%

ରହିଥିବା ବେଳେ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ସାଇନ୍‌ସେସ୍ (କିସ୍)ର ଫଳାଫଳ ଶତ ପ୍ରତିଶତ ହୋଇଛି । କିସ୍ ଆରମ୍ଭରୁ ଲଗାତାର ୧୯ବର୍ଷ ଧରି ଏହାର ଛାତ୍ରଛାତ୍ରୀମାନେ ମାଟ୍ରିକ୍ ପରୀକ୍ଷାରେ ଶତ ପ୍ରତିଶତ ସଫଳତା ହାସଲ କରିଆସୁଛନ୍ତି। ଚଳିତ ବର୍ଷ ସ୍କୁଲ୍‌ର ମୋଟ ୨୦୩୧ ଛାତ୍ରଛାତ୍ରୀ ମାଟ୍ରିକ୍ ପରୀକ୍ଷା ଦେଇଥିଲେ । ସେମାନଙ୍କ ମଧ୍ୟରୁ ୫୦ ପ୍ରତିଶତ ଛାତ୍ରଛାତ୍ରୀ ୬୦ ପ୍ରତିଶତରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ବେଳେ ବାକି ଛାତ୍ରଛାତ୍ରୀ ୫୦ ପ୍ରତିଶତରୁ ଅଧିକ ନମ୍ବର ରଖି ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। କିସ୍ ଛାତ୍ରୀ ସୁଚେତା ସୋରେନ୍ ସର୍ବାଧିକ ୫୬୮ ନମ୍ବର ରଖି ସ୍କୁଲ୍ ଟପର ହୋଇଛନ୍ତି । ଏହା ସହିତ କିସ୍‌ର ସଉରା, ବଣ୍ଡା, ଜୁଆଙ୍ଗ, ଖଡ଼ିଆ, ଲୋଧା, ପାଉଡ଼ି ଭୂୟାଁ ଆଦି ଅତି ଦୁର୍ବଳ ଜନଜାତି ବର୍ଗର ୧୩୧ ଜଣ ଛାତ୍ରଛାତ୍ରୀ ମଧ୍ୟ ଏଥର ଭଲ ପ୍ରଦର୍ଶନ କରିଛନ୍ତି । ସେଥିମଧ୍ୟରୁ ୪୬ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ଖୁସିର କଥା ଚଳିତବର୍ଷ ପଡ଼ୋଶୀ ରାଜ୍ୟ ଝାଡ଼ଖଣ୍ଡ ରାଜ୍ୟରୁ ଆସି କିସ୍‌ରେ ପଢୁଥିବା ଛାତ୍ରଛାତ୍ରୀ ମାଟ୍ରିକ୍ ପରୀକ୍ଷାରେ ଭଲ ନମ୍ବର ରଖି ସଫଳତା ହାସଲ କରିଛନ୍ତି । କିସ୍ ଫଳାଫଳ ନେଇ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଆନନ୍ଦ ପ୍ରକାଶ କରିବା ସହ ମାଟ୍ରିକ୍ ପରୀକ୍ଷାରେ ସଫଳତା ହାସଲ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

୪ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ

ଭୁବନେଶ୍ୱର, ୨।୫: ଆସନ୍ତା ସୋମବାର ମଇ ୪ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ "ଜନ ଅଭିଯୋଗ ଶୁଣାଣି" କାର୍ଯ୍ୟକ୍ରମ ବନ୍ଦ ରହିବ । ପ୍ରଚଣ୍ଡ ରୌଦ୍ରତାପ ଯୋଗୁଁ ଆସନ୍ତା ସୋମବାର 'ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ତଥା ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ । ଏ ସଂପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ରେ ଅନ୍ତର୍ଜାତୀୟ ସମ୍ମିଳନୀ

ଭୁବନେଶ୍ୱର, ୨।୫: ବିଲଡିଂ ବ୍ରିଜ୍ ଫର ଇନ୍‌କ୍ଲୁସିଭିଟି (ଆଇସିବିବି ୨୦୨୬) ଉପରେ କିଟ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ୍‌ରେ ଦୁଇଦିନିଆ ଆନ୍ତର୍ଜାତୀୟ ସମ୍ମିଳନୀ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଶିକ୍ଷା ତଥା ନିଯୁକ୍ତି କ୍ଷେତ୍ରରେ ଅନ୍ତର୍ଭୁକ୍ତ ପ୍ରଣାଳୀକୁ ମଜବୁତ କରିବା ପାଇଁ ବିଶ୍ୱସ୍ତରୀୟ ବିଶେଷଜ୍ଞ, ଶିକ୍ଷାବିତ୍ ଓ ନୀତି ନିର୍ଦ୍ଧାରକମାନେ ଏକତ୍ର ହୋଇଥିଲେ। ସିକନ୍ଦରାବାଦସ୍ଥିତ ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଫର ଏମପାଓ୍ୱରମେଣ୍ଟ ଅଫ୍ ପର୍ସନସ ଅଫ୍ ଉଇଥ ଇଣ୍ଟେଲେକଚ୍ୟୁଆଲ୍ ଡିଜାବିଲିଟି (ଏନ୍‌ଆଇଇପିଆଇଡି) ଓ କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ ସେନ୍ ଗ୍ଲୋବ ମିଳିତ ଉଦ୍ୟମରେ ଇଂଲଣ୍ଡର ୟୁନିଭରସିଟି ଅଫ୍ ସସେକ୍ସ ସହଯୋଗରେ ଏହି ସମ୍ମିଳନୀ ଉଦ୍‌ଘାଟିତ ହୋଇଛି । ଭାରତ ସରକାରଙ୍କ ଦିବ୍ୟାଙ୍ଗ ଜନ ସଶକ୍ତିକରଣ ବିଭାଗ ଓ ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ (ଏସ୍‌ଏସ୍‌ଇପିଡି) ବିଭାଗ ସହଯୋଗ କ୍ରମେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେଉଛି । ଉଦ୍‌ଘାଟନୀ ଅଧିବେଶନରେ ଉଦ୍‌ବୋଧନ ଦେଇ ସସେକ୍ସ ବିଶ୍ୱବିଦ୍ୟାଳୟର ଉପକୁଳପତି ପ୍ରଫେସର ଥମ୍ପସନ୍ କହିଲେ, ଅନ୍ତର୍ଭୁକ୍ତ ଶିକ୍ଷା ନୀତିଗତ ଢାଞ୍ଚାଠାରୁ ଅଧିକ ହେବ। ସେ କହିଲେ, ଏହାକୁ କେବଳ କଥାରେ କହିଲେ ହେବନାହିଁ, ଏହାକୁ କାମରେ କରି ଦେଖାଇବାକୁ ପଡ଼ିବ। ସ୍ଥାୟୀ ବିଶ୍ୱାସ-ଆଧାରିତ ସହଯୋଗ ଅର୍ଥପୂର୍ଣ୍ଣ ଅନ୍ତର୍ଭୁକ୍ତିକୁ ହାସଲ କରିବାର ଚାବିକାଠି। ଅନ୍ତର୍ଭୁକ୍ତ ଶିକ୍ଷା ନିଶ୍ଚିତ ରୂପେ ଅନୁକୂଳ ଓ ପରିବର୍ତ୍ତନ ପାଇଁ ଖୋଲା ରହିବ ବୋଲି ସେ କହିଥିଲେ। ଏହି ଅବସରରେ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ଓ ନିପେଡ୍ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ବୁଝାମଣା ଅନୁସାରେ ଉଭୟ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ଓ ନିପେଡ୍ ତାଲିମ, ରିସୋର୍ସ ବିନିମୟ, ଜ୍ଞାନର ବିନିମୟ କାର୍ଯ୍ୟ ଜରିଆରେ ଶିକ୍ଷାର ବିକାଶ କରିବେ। ଫଳରେ ଉଭୟ ଅନୁଷ୍ଠାନ ଆନୁଷ୍ଠାନିକ ସହଯୋଗକୁ ବୃଦ୍ଧି କରିପାରିବେ।

ବାପାକୁ ଶିଳପୁଆରେ ଛେଚି ହତ୍ୟା

ଆଠଗଡ଼, ୨।୫(ନିପ୍ର): ଆଠଗଡ ଅଞ୍ଚଳ ପାଲଟି ଯାଇଛି ବେଆଇନ ନକଲି ନିଶା କାରବାରର ପେଣ୍ଠସ୍ଥଳୀ । ଗାଁଠାରୁ ସହର ସବୁଠି ଚାଲିଛି ବେଆଇନ ନିଶା କାରବାର । ନିଶାଡ଼ିଆଙ୍କ ଉତ୍ପାତରେ ଗାଁଠାରୁ ସହର ସବୁଆଡ଼େ ଅଶାନ୍ତ ପରିବେଶ । ଆଠଗଡରେ ବାରମ୍ବାର ଘଟି ଚାଲିଛି ବିଭିନ୍ନ ଅଭାବନୀୟ ଘଟଣା ହେଲେ ଏଭଳି ଘଟଣା ଉପରେ ଆଠଗଡ ପୋଲିସ ପ୍ରଶାସନ ଓ ଆଠଗଡ ଅବକାରୀ ବିଭାଗୀୟ ଅଧିକାରୀଙ୍କ ନଜର ନାହିଁ। ଶନିବାର ଏହିଭଳି ଏକ ଘଟଣ ଘଟିଯାଇଛି ଆଠଗଡ ଥାନା ଅନ୍ତର୍ଗତ ବଡ଼ଭୂଇଁ ଗ୍ରାମ ପଞ୍ଚାୟତର ଜାଗିଆପଡା ରଘୁନାଥପାଟଣା ଗ୍ରାମରେ। ନିଶାସକ୍ତ ପୁଅ ବିଭୁତି ନାଏକ (୩୮) ଶୁକ୍ରବାର ରାତିରେ ନିଜ ବାପା ବିକଳ ନାଏକ(୭୭) ଘର ବାରଣ୍ଡରେ ଶୋଇଥିବାବେଳେ ଏକ ଶିଳପୁଆରେ ଛେଚି ହତ୍ୟା କରିଛି। ମା ପ୍ରମିଳା ନାଏକ ଥାନାରେ ଏତଲା ଦେଇଛନ୍ତି। ପିତୃ ହତ୍ୟାକାରୀ ପୁତ୍ର ବିଭୂତିକୁ ଗ୍ରାମବାସୀମାନେ ଏକ ଇଲେକ୍ଟ୍ରି ପୋଲରେ ବାନ୍ଧି ଅଟକାଇ ରଖିଥିଲେ ଏବଂ ପୋଲିସକୁ ସୂଚନା ଦେଇଥିଲେ। ଖବର ପାଇ ଆଠଗଡ ଥାନା ଅଧିକାରିଣୀ ସୁମନ୍ତୀ କୁମାରୀ ମହାନ୍ତି ସଶସ୍ତ୍ର ପୋଲିସ ବାହିନୀ ସହିତ ଘଟଣାସ୍ଥଳରେ ପହଞ୍ଚି ନିଶାସକ୍ତ ପୁଅକୁ ଗିରଫ କରିବା ସହିତ ବାପାର ଶବକୁ ଜବତ କରି ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ଆଠଗଡ ପୋଲିସ କେସ ନମ୍ବର ୧୮୨ / ୨୦୨୬ରେ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିବା ସହିତ ବାପାର ଶବକୁ ବ୍ୟବଚ୍ଛେଦ କରି ପରିବାରଙ୍କୁ ହସ୍ତାନ୍ତର କରିଥିଲେ ବୋଲି ଆଠଗଡ ଥାନା ସୂତ୍ରରୁ ଜଣାପଡ଼ିଛି।

ଉତ୍କୃଷ୍ଟ କାର୍ଯ୍ୟ ପାଇଁ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କଲା ଏମସିଏଲ୍

ସମ୍ବଲପୁର, ୨।୫: ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମସିଏଲ୍) ପକ୍ଷରୁ ଖଣିକ ଅଭିନନ୍ଦନ ଦିବସ ସମାରୋହ ପାଳିତ ହୋଇଯାଇଛି। ଦେଶର ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ଏମସିଏଲ୍ କୋଇଲା ଖଣି ଶ୍ରମିକମାନଙ୍କ ଉତ୍କୃଷ୍ଟ କାର୍ଯ୍ୟକୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା। ଜଗନ୍ନାଥ ଅଞ୍ଚଳ, ଏମ୍.ସି.ଏଲର ତତ୍ତ୍ୱାବଧାନରେ ଗତ ଶୁକ୍ରବାର ସନ୍ଧ୍ୟାରେ କମ୍ପାନୀର ମୁଖ୍ୟାଳୟଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶୀର୍ଷ ନେତୃତ୍ୱ, କର୍ମଚାରୀ ଏବଂ ହିତାଧିକାରୀମାନେ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ (ମାନବ ସମ୍ବଳ) କେଶବ ରାଓ, ନିର୍ଦ୍ଦେଶକ (ଅର୍ଥ) ଏ.କେ. ବେହୁରା ଏବଂ ନିର୍ଦ୍ଦେଶକ (ବୈଷୟିକ/ପରିଚାଳନା) ଏସ୍.କେ. ଝାଙ୍କ ସମେତ ବିଭିନ୍ନ ବିଭାଗର ମହାପ୍ରବନ୍ଧକ, ବରିଷ୍ଠ ଅଧିକାରୀ ଏବଂ ଯୁଗ୍ମ ପରାମର୍ଶଦାତା କମିଟି (ଆପେକ୍ସ)ର ସଦସ୍ୟମାନେ ବହୁସଂଖ୍ୟାରେ ଉପସ୍ଥିତ ଥିଲେ। ଦେଶର 'ଶକ୍ତି ଯୋଦ୍ଧା'ମାନଙ୍କ ସାହସ ଏବଂ ପ୍ରତିବଦ୍ଧତାକୁ ସଲାମକରି ଅତିଥିମାନେ କୋଇଲା ଖଣି ଶ୍ରମିକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ନିଜର ଉଦବୋଧନରେ ଶ୍ରୀ ରାଓ କୋଇଲା ଉତ୍ପାଦନରେ କ୍ରମାଗତ ଭାବେ ୨୦୦ ମିଲିୟନ୍ ଟନ୍‌ର ଲକ୍ଷ୍ୟ ହାସଲ କରି 'ହ୍ୟାଟ୍ରିକ୍' ଅର୍ଜନ କରିଥିବାରୁ ଟିମ୍ ଏମସିଏଲକୁ ଅଭିନନ୍ଦନ ଜଣାଇଥିଲେ ଏବଂ କର୍ମଚାରୀଙ୍କ ସାମୂହିକ ନିଷ୍ଠା ଓ ନିରନ୍ତର ପ୍ରୟାସକୁ ଭୂୟସୀ ପ୍ରଶଂସା କରିଥିଲେ। ଏହା ସହିତ କର୍ମଚାରୀଙ୍କ କଲ୍ୟାଣ ଏବଂ କର୍ମକ୍ଷେତ୍ରରେ ସୁବିଧାସୁଯୋଗର ଉନ୍ନତିକରଣ ଉପରେ ଏମସିଏଲର ନିରନ୍ତର ଧ୍ୟାନ ରଖିଥିବା ବିଷୟରେ ସେ ଆଲୋକପାତ କରିଥିଲେ। ଓଡ଼ିଶାରେ ସିଏସଆର କ୍ଷେତ୍ରରେ ସର୍ବବୃହତ୍ ଯୋଗଦାନ ଦିଗରେ ଏମସିଏଲର ପ୍ରମୁଖ ଭୂମିକା ଉପରେ ଗୁରୁତ୍ୱାରୋପ କରି ଶ୍ରୀ ରାଓ, ସାମାଜିକ ଭିତ୍ତିଭୂମି ନିର୍ମାଣ ତଥା ସ୍ଥାନୀୟ ସମ୍ପ୍ରଦାୟର ଉନ୍ନତି ପାଇଁ କମ୍ପାନୀର ଦୃଢ଼ ପ୍ରତିବଦ୍ଧତାକୁ ଦର୍ଶାଇଥିଲେ।

ପ୍ରକାଶ ପାଇଲା ଚଳିତ ବର୍ଷ ଦଶମ ପରୀକ୍ଷାଫଳ

ଦେବଦର୍ଶୀ ମଣ୍ଡଳ ଜିଲ୍ଲା ଟପ୍ପର

କେନ୍ଦ୍ରାପଡ଼ା, ୨।୫(ନିପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ଖରିନାସି ଉଚ୍ଚ ବିଦ୍ୟାଳୟ ଛାତ୍ର ଦେବଦର୍ଶୀ ମଣ୍ଡଳ ୫୭୧ ନମ୍ବର ରଖି ଜିଲ୍ଲାରେ ଟପ୍ପର ହୋଇଛନ୍ତି। ଏହି ସଫଳତା ଅଞ୍ଚଳର ଅନ୍ୟ ଛାତ୍ରଛାତ୍ରୀଙ୍କ ପାଇଁ ଏକ ପ୍ରେରଣାର ଉତ୍ସ ହୋଇ ଉଭା ହୋଇଛି।

କୁଚିଣ୍ଡାରେ ଶିବମ୍, ବାମରାରେ ଦୁଷ୍ମନ୍ତ ବ୍ଲକ ଟପ୍ପର

କୃଷ୍ଣପ୍ରସାଦ ବ୍ଲକ ଟପ୍ପର ସାଇ ସ୍ୱରୂପ ଦାଶ

କୁଚିଣ୍ଡା/କୃଷ୍ଣପ୍ରସାଦ, ୨।୫ (ନିପ୍ର): ମାଟ୍ରିକରେ କୁଚିଣ୍ଡା ବ୍ଲକରେ କିଣ୍ଡିରା ଶ୍ରୀ ଅରବିନ୍ଦ ଇଣ୍ଟିଗାଲ ସ୍କୁଲ ଛାତ୍ର ଶିବମ ଖର୍ସେଲ ୯୨ ପ୍ରତିଶତ ନମ୍ବର ରଖି ବ୍ଲକ ଟପ୍ପର ହୋଇଛନ୍ତି। ଉକ୍ତ ହାଇସ୍କୁଲର ପିୟୁଷ ନାଏକ, କୁଚିଣ୍ଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଅନିତା ପଣ୍ଡା, ଆୟୁଷରାଜ ପରିଡ଼ା ଓ ନିମିଷା ପଟେଲ ୯୦ପ୍ରତିଶତ ନମ୍ବର ରଖି ଏ-୧ରେ କୃତକାର୍ଯ୍ୟ ହୋଇଛନ୍ତି। ସେହିପରି ବାମରା ବ୍ଲକ ବନ୍ଧକାନୀ ହାଇସ୍କୁଲ ଛାତ୍ରୀ ତନୁଜା ନାୟକ ୯୨ ପ୍ରତିଶତ ନମ୍ବର ରଖି ବ୍ଲକ ଟପ୍ପର ଓ ଜରାବଗା ସରକାରୀ ହାଇସ୍କୁଲ ଛାତ୍ରୀ ତନୟା ନାୟକ ୯୧ପ୍ରତିଶତ ନମ୍ବର ରଖିଛନ୍ତି । ବନ୍ଧକାନୀ ବିଘାଧର ହାଇସ୍କୁଲ ଛାତ୍ର ସତ୍ୟଜିତ ଦାଶ ୯୧ ପ୍ରତିଶତ ଏବଂ ଉକ୍ତ ହାଇସ୍କୁଲର ଛାତ୍ରୀ ତନୟା ନାୟକ ୯୧ ପ୍ରତିଶତ ଓ ଜିଜ୍ଞାସା ଦାଶ ୯୦ ପ୍ରତିଶତ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି। ପୁରୀଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ବଟେଶ୍ୱର ଉଚ୍ଚ ବିଦ୍ୟାଳୟ ର ସାଇ ସ୍ୱରୂପ ଦାଶ ବ୍ଲକ ଟପର ହୋଇଥିବା ଜଣାପଡ଼ିଛି। ସେ ୫୬୫ ନମ୍ବର ରଖି ନିଜ ବିଦ୍ୟାଳୟ ର ମଧ୍ୟ ରେକର୍ଡ ଭାଙ୍ଗିଛନ୍ତି।

ନିର୍ମଳା ସୀତାରମଣଙ୍କୁ ଚିଠି ଲେଖିଲେ ନବୀନ

ଭୁବନେଶ୍ୱର, ୨।୫: ଜିତୁ ମୁଣ୍ଡା ଘଟଣାରେ କେନ୍ଦ୍ର ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ଚିଠି ଲେଖିଛନ୍ତି ନବୀନ ପଟ୍ଟନାୟକ। ଗତ ଏପ୍ରିଲ ୨୭ ତାରିଖରେ କେନ୍ଦୁଝର ଜିଲ୍ଲାର ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ମଲ୍ଲିପଶି ଶାଖାରେ ଘଟିଥିବା ଅମାନବୀୟ ଘଟଣାରେ ଆଲୋକପାତ କରିବା ପାଇଁ ବିରୋଧୀ ଦଳ ନେତା ଚିଠି ଲେଖିଛନ୍ତି। ବ୍ୟାଙ୍କ ଏହି ଅମାନବୀୟ ଆଚରଣକୁ ଯଥାର୍ଥ କରିବା ପାଇଁ ଆରବିଆଇ ନିର୍ଦ୍ଦେଶାବଳୀର ଆଳ ଦେଖାଉଛି। ଏହାଦ୍ୱାରା ବ୍ୟାଙ୍କ ଅଧିକାରୀମାନଙ୍କର ଦାୟିତ୍ୱବୋଧତାକୁ ଲୁଚେଇବା ପାଇଁ ଚେଷ୍ଟା କରାଯାଉଛି। ଗଣତନ୍ତ୍ରରେ ନିୟମ ନାଗରିକମାନଙ୍କୁ ଅପମାନିତ କରିବା ପାଇଁ ନୁହେଁ, ବରଂ ସଶକ୍ତ କରିବା ପାଇଁ ଉଦ୍ଦିଷ୍ଟ ବୋଲି ନବୀନ କହିଛନ୍ତି।ନବୀନ ତାଙ୍କ ଚିଠିରେ ଲେଖିଛନ୍ତି ଯେ, ଏହି ଭୟଙ୍କର ଘଟଣା ସମଗ୍ର ଓଡ଼ିଶାର ଜନଭାବନାକୁ ଆଘାତ ଦେଇଛି। ନ୍ୟୁୟର୍କ ପୋଷ୍ଟ ଏବଂ ବିବିସି ଭଳି ଅନ୍ତର୍ଜାତୀୟ ଗଣମାଧ୍ୟମରେ ମଧ୍ୟ ଏହି ଘଟଣା ଦୃଷ୍ଟି ଆକର୍ଷଣ କରିଛି। ଏହି ଘଟଣାଟି ପୃଥକ ଭାବରେ ଆମକୁ ଏକ ଅଧିକ ମାନବିକ ବ୍ୟାଙ୍କିଂ ପ୍ରଶାସନ ପ୍ରତିଷ୍ଠା କରିବା ପାଇଁ ଏକ ଅନ୍ତର୍ଦୃଷ୍ଟି ପ୍ରଦାନ କରୁଛି। ବିଶେଷକରି ଦୂରବର୍ତ୍ତୀ ଆଦିବାସୀ ଅଞ୍ଚଳରେ। ଏହି ଆଶ୍ଚର୍ଯ୍ୟଜନକ ତ୍ରୁଟି ପାଇଁ ତୁରନ୍ତ ସ୍ପଷ୍ଟ ଦାୟିତ୍ୱ ସ୍ଥିର କରାଯାଉ। ଏହା ସମସ୍ତ ଗ୍ରାମୀଣ ବ୍ୟାଙ୍କଗୁଡ଼ିକୁ ସହାନୁଭୂତି ସହିତ ନାଗରିକ କୈନ୍ଦ୍ରିକ ସେବା ପ୍ରଦାନକୁ ଗ୍ୟାରେଣ୍ଟି ଦେବା ପାଇଁ ଏକ ସ୍ପଷ୍ଟ ସଙ୍କେତ ଦେବ। ଘଟଣାରେ ଆପଣଙ୍କ ହସ୍ତକ୍ଷେପ ସହିତ, ନାଗରିକଙ୍କ ପ୍ରତି ଏହି ପ୍ରକାରର ଅମାନବୀୟ ବ୍ୟବହାର ଦେଶର ଅନ୍ୟ କୌଣସି ସ୍ଥାନରେ ପୁନରାବୃତ୍ତି ନହେଉ ବୋଲି ଲେଖିଛନ୍ତି ନବୀନ।

ନବୀନ ଚିଠିଲେଖା ନେତା: ପୃଥ୍ୱୀରାଜ ହରିଚନ୍ଦନ

ଭୁବନେଶ୍ୱର, ୨।୫: ବ୍ୟାଙ୍କକୁ ଭଉଣୀର କଙ୍କାଳ ନେଇ ଭାଇ ଆସିବା ଘଟଣାରେ ଅର୍ଥମନ୍ତ୍ରୀଙ୍କୁ ନବୀନ ଚିଠି ଲେଖିବା ନେଇ ପ୍ରତିକ୍ରିୟା ରଖିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। କଟାକ୍ଷ କରି ଆଇନ ମନ୍ତ୍ରୀ କହିଛନ୍ତି ନବୀନ ଜଣେ ଚିଠି ଲେଖା ନେତା। ସେ ସୋସିଆଲ ମିଡିଆରେ ଗାଳି ଛଡ଼ା ଅଧିକ କିଛି କରିପାରିବେନି। ଦାନ ମାଝୀ ଘଟଣା ସମୟରେ ସେ ମୁଖ୍ୟମନ୍ତ୍ରୀ ଥିଲେ ବୋଲି ନବୀନ ବାବୁ ଭୁଲି ଯାଇଛନ୍ତି। ଦାନ ମାଝୀ ଘଟଣାରେ ସମ୍ପୂର୍ଣ୍ଣ ରାଜ୍ୟ ସରକାରଙ୍କ ଭୁଲ ଥିଲା। ସେତେବେଳେ କିଏ କାହାକୁ ଚିଠି ଲେଖିଥିଲା ବୋଲି ପ୍ରଶ୍ନ କରିଛନ୍ତି ପୃଥ୍ୱୀରାଜ ହରିଚନ୍ଦନ।

କାଳବୈଶାଖୀ ତାଣ୍ଡବ: ଷ୍ଟଲ୍, ମଞ୍ଚ ଉଡ଼ିଗଲା

ତାଳଗଛ ପଡ଼ି ଯୁବକଙ୍କ ଜୀବନ ଗଲା

ଅନୁଗୁଳ/ଯାଜପୁର, ୨।୫ଅନୁଗୁଳ ଜିଲ୍ଲା ପାଲଲହଡା ଅଞ୍ଚଳରେ ଶନିବାର କାଳବୈଶାଖୀ ତାଣ୍ଡବ ରଚିଥିଲା । ଭୟଙ୍କର ଝଡ଼ ତୋଫାନରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ଆଜି ମଧ୍ୟାହ୍ନ ସମୟରେ ହୋଇଥିବା ଝଡ଼ ତୋଫାନରେ ରାସ୍ତାଗୁଡ଼ିକରେ ବଡ଼ ବଡ଼ ଗଛ ଉପୁଡ଼ିଯାଇଛି। ବିଦ୍ୟୁତ୍ ଖୁଣ୍ଟ ଓ ତାର ମଧ୍ୟ ଛିଣ୍ଡିଯାଇଥିଲା। ଏପରିକି ଖମାରରେ ଚାଲିଥିବା ଚନ୍ଦନ ଯାତ୍ରା ପଡିଆରେ ମଧ୍ୟ ଥିବା ସମସ୍ତ ଷ୍ଟଲ, ମଞ୍ଚ ମଧ୍ୟ ଉଡ଼ିଯାଇଛି। ଖାଇବା ଷ୍ଟଲ୍, ଦୋଳି ଆଦି କ୍ଷତିଗ୍ରସ୍ତ ହେବା ସହ ଅପେରା ମଞ୍ଚ ଓ ଟେଣ୍ଟ ମଧ୍ୟ ଉଡ଼ି ଯାଇଥିବା ଦେଖିବାକୁ ମିଳିଛି । ସେହିପରି ଯାଜପୁର ଜିଲାର ବିଭିନ୍ନ ସ୍ଥାନରେ କାଳବୈଶାଖୀ ତାଣ୍ଡବ ରଚିଛି। ଏହାର ପ୍ରଭାବରେ ବଡଚଣା ବଡ଼ବାଲିକୁଦା ଗ୍ରାମରେ ଏକ ଦୁଃଖଦ ଘଟଣା ଘଟିଯାଇଛି। ତାଳଗଛ ପଡ଼ି ଯୁବକଙ୍କ ଜୀବନ ଯାଇଥିବା ବେଳେ ଏ ଖବର ପାଇ ତାଙ୍କ ପତ୍ନୀ ବିଷ ପିଇ ଗୁରୁତର ହୋଇଛନ୍ତି।

ନାବାଳିକା ଦୁଷ୍କର୍ମ ଓ ପ୍ରତାରଣା ମାମଲା

ଦୋଷୀକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

କେନ୍ଦୁଝର, ୨।୫: କେନ୍ଦୁଝର ଜିଲ୍ଲା ପୋକ୍ସୋ କୋର୍ଟ ଏକ ନାବାଳିକା ଦୁଷ୍କର୍ମ ଓ ପ୍ରତାରଣା ମାମଲାର ବିଚାରଣା କରି ନିଜ ରାୟରେ ଦୋଷୀକୁ ୨୦ବର୍ଷ ସଶ୍ରମ କାରାଦଣ୍ଡ ଶୁଣାଇଛନ୍ତି। ଏହା ସହ ୧୦ ହଜାର ଟଙ୍କା ଜୋରିମାନା ଅନାଦେୟ ଅତିରିକ୍ତ ୬ ମାସ ଜେଲ ଦଣ୍ଡାଦେଶ ଦେଇଛନ୍ତି କୋର୍ଟ। କେନ୍ଦୁଝର ଟାଉନ ଥାନା ଅନ୍ତର୍ଗତ ଶିବ ନାଏକ ନାମକ ଯୁବକ କାଞ୍ଜିପାଣି ଥାନା ଅନ୍ତର୍ଗତ ତେନ୍ତୁଳିଖୁଣ୍ଟି ଗ୍ରାମର ଏକ ନାବାଳିକା ଯୁବତୀକୁ ପ୍ରେମ କରୁଥିଲା। ସେ ତାକୁ ବିବାହ ପ୍ରଲୋଭନ ଦେଖାଇ ଶାରୀରିକ ସମ୍ପର୍କ ରଖି ଗର୍ଭବତୀ କରିଥିଲା। କିନ୍ତୁ, ପରେ ତାକୁ ପ୍ରତାରଣା କରି ଆଉ ଏକ ଯୁବତୀକୁ ବାହା ହେବାକୁ ଯାଉଥିଲା। ଏହି ଘଟଣା ଜାଣିବା ପରେ ପୀଡ଼ିତାର ଘର ଲୋକେ ଥାନାରେ ଏତଲା ଦେଇଥିଲେ। ଏହି ଏତଲାକୁ ଭିତ୍ତିକରି ପୋଲିସ ଶିବ ନାଏକକୁ ଗିରଫକରି କୋର୍ଟ ଚାଲାଣ କରିଥିଲା। ଜିଲ୍ଲା ପୋକ୍ସୋ କୋର୍ଟ ଜଜ୍ ବିଜୟ କୁମାର ମିଶ୍ର ଏହାର ଶୁଣାଣି କରି ଦୋଷୀ ଶିବ ନାଏକକୁ କୋଡ଼ିଏ ବର୍ଷ ସଶ୍ରମ କାରାଦଣ୍ଡ ଶୁଣାଇଛନ୍ତି। ଏହା ସହ ପୀଡ଼ିତାଙ୍କୁ ୧୦ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରିବା ପାଇଁ ଜିଲ୍ଲା ନ୍ୟାୟିକ ପ୍ରାଧୀକରଣକୁ ଆଦେଶ ଦେଇଛନ୍ତି।

ବେଆଇନ ବାଲି ମାଫିଆଙ୍କ ରାଜ

ଗେଙ୍ଗୁଟି ନଦୀଶଯ୍ୟା ଚିରି ପ୍ରାକୃତିକ ସମ୍ପଦ ଲୁଟ୍ !

ଧାମନଗର, ୨।୫(ନିପ୍ର): ପ୍ରଶାସନର ଆଖିରେ ଧୂଳି ଦେଇ ତଥା ପ୍ରଶାସନର ନାକ ତଳେ ଚାଲିଛି କୋଟି କୋଟି ଟଙ୍କାର ବାଲି ଚୋରା ଚାଲାଣ। ଧାମନଗର ବ୍ଲକ ଧୁଷୁରି ଥାନା ଅନ୍ତର୍ଗତ ନରସିଂହପୁର ମୌଜାରେ ଏବେ ବାଲି ମାଫିଆଙ୍କ ପ୍ରାଦୁର୍ଭାବ ଚରମ ସୀମାରେ ପହଞ୍ଚିଛି। ଧୁଷୁରୀ ପଞ୍ଚାୟତ ଓ ଭଟସାହି ପଞ୍ଚାୟତର ମଧ୍ୟ ସ୍ଥଳ ତଥା ବ୍ରାହ୍ମଣପାଳ କାଳୀମନ୍ଦିରର ପଛପଟ ଗେଙ୍ଗୁଟି ଶାଖା ନଦୀରୁ ଦିନଦ୍ୱିପ୍ରହରରେ ବେଆଇନ ଭାବେ ବାଲି ଉତ୍ତୋଳନ କରାଯାଉଥିବା ବେଳେ ନଦୀର ଅସ୍ତିତ୍ୱ ଏବେ ସଙ୍କଟରେ। ମିଳିଥିବା ସୂଚନା ଅନୁଯାୟୀ, ନରସିଂହପୁର ମୌଜାର ଖାତା ନଂ ୮୧୦ ଏବଂ ପ୍ଲଟ ନଂ ୧୨ (ଏରିଆ ୬୭୨) ବିଶିଷ୍ଟ ଗେଙ୍ଗୁଟି ଶାଖା ନଦୀରୁ ନିୟମକୁ ଜଳାଞ୍ଜଳି ଦେଇ ବେଆଇନ ଭାବେ ବାଲି ଖୋଳା ଚାଲିଛି। କେବଳ ସେତିକି ନୁହେଁ, ଏହି ବାଲିକୁ ସୁରକ୍ଷିତ ଭାବେ ରଖିବା ପାଇଁ ମାଫିଆମାନେ ନିକଟସ୍ଥ ଖାତା ନଂ ୮୩୩, ପ୍ଲଟ ନଂ ୪୩୮୩ ଉପରେ ବାଲିର ଏକ ବିରାଟ ପାହାଡ଼ ଠିଆ କରିଛନ୍ତି। ନଦୀ ଶଯ୍ୟାରୁ ବେଆଇନ ଭାବେ ବାଲି ଉଠାଯାଉ ଥିବାରୁ ଜଳ ସଂରକ୍ଷଣ ଓ ପରିବେଶ ଉପରେ ଏହାର ଗଭୀର ପ୍ରଭାବ ପଡୁଛି। ପ୍ଲଟ ନଂ ୪୩୮୩ ଉପରେ ପ୍ରାୟ ୧୦୦୦ ଟ୍ରିପ୍‌ରୁ ଅଧିକ ବାଲି ଗଚ୍ଛିତ କରି ରଖାଯାଇଛି, ଯାହାକି ମାଫିଆଙ୍କ ଦମ୍ଭକୁ ସ୍ପଷ୍ଟ କରୁଛି। ଏତେ ବଡ଼ ଦୁର୍ନୀତି ଚାଲିଥିଲେ ସୁଦ୍ଧା ସ୍ଥାନୀୟ ପ୍ରଶାସନ କିମ୍ବା ରାଜସ୍ୱ ବିଭାଗ କାହିଁକି ଚୁପ୍ ରହିଛି, ତାହା ଏବେ ସାଧାରଣରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନିୟନ୍ତ୍ରିତ ବାଲି ଉତ୍ତୋଳନ ଯୋଗୁଁ ନଦୀ ପଠା ଧସିବା ସହ ଆଗାମୀ ଦିନରେ ବନ୍ୟା ଭୟ ବଢିବାର ଆଶଙ୍କା ଦେଖାଦେଇଛି। ରାଜ୍ୟ ସରକାର ପ୍ରାକୃତିକ ସମ୍ପଦର ସୁରକ୍ଷା ପାଇଁ କଡ଼ା ନିୟମ କରିଥିବା ବେଳେ, ଏଠି କେଉଁ ଆଧାରରେ ଏହି କାରବାର ଚାଲିଛି ତାର ଉଚ୍ଚସ୍ତରୀୟ ତଦନ୍ତ ଆବଶ୍ୟକ। ତୁରନ୍ତ ଏହି ବେଆଇନ ବାଲି ଜବତ କରାଯିବା ସହ ସଂପୃକ୍ତ ମାଫିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। ସୂଚନା ଥାଉ କି ନଦୀ ପଠାରେ ଏକ ପାହାଚ ନିର୍ମାଣ ପାଇଁ ସରକାରୀ ଅନୁଦାନ ଥିଲା ବେଳେ ତାହାକୁ ଆଳକରି ସେଠାରୁ ଜେସିବି ଲଗାଇ ଟ୍ରକ ଓ ଟ୍ରାକ୍ଟରରେ ନଦୀ ଗର୍ଭରୁ ଦିନଦ୍ୱିପ୍ରହରରେ ଏପରି ମାଫିଆମାନେ ମାଟି ଓ ବାଲି ଚୋରି କରୁଛନ୍ତି । ଏ ଦିଗରେ ଦେଉଳିଡିହ ଆର ଆଇ ଙ୍କୁ ଏହି ପ୍ରତିନିଧି ଯୋଗାଯୋଗ କରିଥିଲେ ମଧ୍ୟ କୌଣସି ସନ୍ତୋଷଜନକ ଉତ୍ତର ଦେଇନଥିଲେ। ତେବେ ଭଦ୍ରକ ଜିଲ୍ଲାପାଳଙ୍କୁ ମଧ୍ୟ ଏହି ଅଭିଯୋଗ କରାଯାଇଛି।

AFFIDAVIT

By virtue of an affidavit sworn before Executive Magistrate, Bhadrak affidavit no. 1466 dtd.29.04.2026, I Hemanta Behera S/o Gagan Behera At-Balarampur (Sabarna Sahi) Po/Ps-Naikanidihi Dist-Bhadrak-756164 do hereby declare that I have changed my name from Gobardhan Behera to Hemanta Behera & DOB from 01.08.1993 to 15.02.2000. Henceforth I shall be known as Hemanta Behera S/o Gagan Behera for all purposes.
Sd/-Hemanta Behera

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com
ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ